# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୨/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, March 12/2025 | Page 16 | ₹ 7.00

୫୧ଶ ଭାଗ ୧୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 108 | ମୂଲ୍ୟ ₹୭/-





KAMLA PASAND®
Anokha Swad
KP GROUP Quality Since 1965
SILVER COATED ELAICHI
Anokha Swad
KAMLA PASAND
SILVER COATED ELAICHI
Watch at : f YouTube
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.



## କୁଶ ମାଇନି ରିଜର୍ଭ ଡ୍ରାଇଭର

ଅଲ୍‌ପାଇନ୍ ଫର୍ମୁଲା ୱାନ ଟିମ୍‌ର ରିଜର୍ଭ ଡ୍ରାଇଭରକୁ ପଦୋନ୍ନତି ପାଇଛନ୍ତି ଭାରତର କୁଶ ମାଇନି।

୧୪

୦୯

## 'ମା': ଅନ୍ୟାୟ ବିରୋଧରେ ଲଢ଼ିବେ କାଜଲ

ଆସନ୍ତା ଜୁନ୍ ୨୭ରେ ରିଲିଜ୍ ହେବାକୁ ଥିବା 'ମା' ଫିଲ୍ମରେ ଅଭିନେତ୍ରୀ କାଜଲ ଦେବଗନ୍ ଅନ୍ୟାୟ ବିରୋଧରେ ଲଢ଼ୁଥିବାର ନଜରକୁ ଆସିବେ।





ବିଧାନସଭା ଅଧିବେଶନ ପ୍ରଥମାର୍ଦ୍ଧରେ ଗୃହରେ ଶାସକ-ବିରୋଧୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଛି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ପାକିସ୍ତାନରେ ଟ୍ରେନ୍ ଅପହରଣ

- ଆତଙ୍କବାଦୀଙ୍କ ଆକ୍ରମଣରେ ୨୦ ସୁରକ୍ଷା କର୍ମୀ ନିହତ
- ୧୮୨ ପଣବନ୍ଦୀଙ୍କ ମଧ୍ୟରୁ ୮୦ ଜଣ ଉଦ୍ଧାର

**କରାଚୀ,୧୧।୩ (ପି.ଟି.)**

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ମଙ୍ଗଳବାର ଆତଙ୍କବାଦୀମାନେ ଏକ ଏକ୍ସପ୍ରେସ୍ ଟ୍ରେନ୍ ଉପରେ ଆକ୍ରମଣ କରିଛନ୍ତି। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨୦ ସୁରକ୍ଷା କର୍ମୀ ନିହତ ହୋଇଥିବାବେଳେ ଅନେକ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ୧୮୨ ଜଣ ଯାତ୍ରୀ ଓ ସୁରକ୍ଷା କର୍ମୀଙ୍କୁ ପଣବନ୍ଦୀ ରଖିଥିଲେ। ଯଦି ପାକିସ୍ତାନ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରେ, ତେବେ ସମସ୍ତ ପଣବନ୍ଦୀଙ୍କୁ ମାରିଦିଆଯିବ ବୋଲି ଆତଙ୍କବାଦୀ ସଂଗଠନ ବିଏଲ୍‌ଏ ଚେତାବନୀ ଦେଇଥିଲା। ପରେ ସୁରକ୍ଷା ବଳ ଟ୍ରେନ୍‌ରୁ ୮୦ ଜଣ ଯାତ୍ରୀଙ୍କୁ ଉଦ୍ଧାର କରିଥିବାବେଳେ ଏବେ ମଧ୍ୟ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କ କବଳରେ ରହିଛନ୍ତି। ଉଦ୍ଧାରର ଯାତ୍ରୀଙ୍କ ମଧ୍ୟରେ ୪୩ ପୁରୁଷ, ୨୬ ମହିଳା ଏବଂ ୧୧ ଜଣ ଛୋଟ ପିଲା ଅଛନ୍ତି।

ଜାଫର ଏକ୍ସପ୍ରେସ୍ କ୍ୱେଟାରୁ ପେଶାୱରର ଯାଉଥିବାବେଳେ ପେହରୋ କୁନ୍ରି ଏବଂ ଗଦାଲର ମଧ୍ୟବର୍ତ୍ତୀ ଏକ ଟନେଲ ନିକଟରେ ଆକ୍ରମଣ ହୋଇଛି। ଆକ୍ରମଣ



ପାଇଁ ବେଲୁଚିସ୍ତାନ ଲିବରେଶନ ଆର୍ମି (ବିଏଲ୍‌ଏ) ନିଜକୁ ଦାୟୀ କରିଛି। ସେମାନେ ରେଳଲାଇନରେ ବିସ୍ଫୋରଣ ଘଟାଇ ଟ୍ରେନ୍‌କୁ ଲାଇନଚ୍ୟୁତ କରାଇବା ସହ ନିଜ ନିୟନ୍ତ୍ରଣକୁ ନେଇଛନ୍ତି। ଗୁଳିମାଡ଼ରେ ଟ୍ରେନ୍ ଡ୍ରାଇଭର ଗୁରୁତର ଥିବାବେଳେ କେତେଜଣ ଯାତ୍ରୀ ଆହତ ହୋଇଥିବା ସୁରକ୍ଷାବଳ ସୂତ୍ରରୁ କୁହାଯାଇଛି। ସ୍ଥାନୀୟ ସିବି ହସ୍ପିଟାଲରେ ଏମର୍ଜେନ୍ସି ଜାରି କରାଯାଇଛି। ସହାୟତା ପାଇଁ ଜରୁରୀ ରିଲିଫ୍ ଟ୍ରେନ୍ ପଠାଯାଇଛି। ୯ କୋଚ୍ ବିଶିଷ୍ଟ ଉକ୍ତ ଟ୍ରେନ୍‌ରେ ପ୍ରାୟ ୫୦୦ ଯାତ୍ରୀ ଥିଲେ ବୋଲି ରେଲୱେ କଣ୍ଟ୍ରୋଲର ମହମ୍ମଦ କଶିଫ୍ କହିଛନ୍ତି। ଉକ୍ତ ଅଞ୍ଚଳର ରେଳଲାଇନରେ ୧୭ଟି ଟନେଲ ଥିବାବେଳେ ଟ୍ରେନ୍‌ର ବେଗ କମ୍ ରହିଥିବାରୁ ଆତଙ୍କବାଦୀ ଏହାର ସୁଯୋଗ ନେଇ ଆକ୍ରମଣ କରିଥିଲେ।

ସୂଚନାଯୋଗ୍ୟ, ବିଏଲ୍‌ଏକୁ ପାକିସ୍ତାନ, ବ୍ରିଟେନ୍ ଏବଂ ଆମେରିକାରେ ବେଆଇନ ସଂଗଠନ ଘୋଷଣା କରାଯାଇଛି। ପୂର୍ବରୁ ବେଲୁଚ୍ ଆତଙ୍କବାଦୀମାନେ ଅନେକ ଥର ଉକ୍ତ ଅଞ୍ଚଳର ରେଳଲାଇନ୍ ଉପରେ ରକେଟ୍ ଓ ବୋମାମାଡ଼ କରିଥିଲେ। କ୍ୱେଟା ଓ ପେଶାୱର ମଧ୍ୟରେ ଦେଢ଼ମାସ ଟ୍ରେନ୍ ସେବା ବନ୍ଦ ରହିବା ପରେ ଗତବର୍ଷ ଅକ୍ଟୋବରରେ ପୁନର୍ବାର ଆରମ୍ଭ ହୋଇଥିଲା। ଗତବର୍ଷ ନଭେମ୍ବରରେ କ୍ୱେଟା ରେଳଷ୍ଟେସନରେ ଆତଙ୍କବାଦୀଙ୍କ ଆତ୍ମଘାତୀ ☞ପୃଷ୍ଠା-୨

**ଅସ୍ମିତା ଓ ମହିଳା ପ୍ରସଙ୍ଗରେ କମ୍ପିଲା ବିଧାନସଭା**

# ଶାସକ-ବିରୋଧୀ ଧସ୍ତାଧସ୍ତି

**ଭୁବନେଶ୍ୱର,୧୧।୩(ରବିନାରାୟଣ ଜେନା)**

ନାରୀ ଓ ଅସ୍ମିତା ପ୍ରସଙ୍ଗକୁ ନେଇ ମଙ୍ଗଳବାର ବିଧାନସଭାରେ ଅସ୍ୱାଭାବିକ ସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି। ଏପରିକି ଶାସକ ଓ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ଧସ୍ତାଧସ୍ତି ଭଳି ଘଟଣା ଉପୁଜିବା ପରେ ଗୃହର ବାତାବରଣ ସରଗରମ ହୋଇଥିଲା। ଫଳରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ବାରମ୍ବାର ମୁଲତବୀ କରିଥିଲେ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କୁ ସସ୍‌ପେଣ୍ଡ କରାଯାଇଥିବା ଯାଏ ମଧ୍ୟ କଥା ଯାଇଛି।

ଗୃହରେ ବିରୋଧୀ କଂଗ୍ରେସ ପକ୍ଷରୁ ମୂଳରୁ ଶାସକ ଦଳକୁ ଟାର୍ଗେଟ କରାଯାଇଥିଲା। ସରକାରଙ୍କ ଗୁଣ୍ଡାଗର୍ଦ୍ଦି ଚଳିବ ନାହିଁ। ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଅଛନ୍ତି। ଦିନ ଦ୍ୱିପ୍ରହରରେ ବଳାତ୍କାର ଓ ନାରୀ ନିର୍ଯାତନା ବଢ଼ିଚାଲିଛି। ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି କଂଗ୍ରେସ ସଦସ୍ୟମାନେ କହିଥିଲେ। ସେହିପରି ବିରୋଧୀ ବିଜେଡି ସରକାରୀ ଦଳ ଭାଜପାକୁ ଉପଲକ୍ଷ୍ୟ କରି ଓଡ଼ିଶା ବିଭାଜନକାରୀ ହାଏ ହାଏ ସ୍ଲୋଗାନ ଦେଇଥିଲା। ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ଅସ୍ମିତାର ଦ୍ୱାହିଦେଇ ସରକାରକୁ ଆସିଥିବା ଭାଜପାର ସଭ୍ୟମାନେ ଓଡ଼ିଶା ବିଭାଜନ କରିବାକୁ ଆହ୍ୱାନ ଦେଉଛନ୍ତି ବୋଲି କହିଥିଲେ। ଗୋଟିଏପଟେ କଂଗ୍ରେସ ନାରୀ ନିର୍ଯାତନା ପ୍ରସଙ୍ଗରେ, ଅନ୍ୟପଟେ ବିଜେଡି ଅସ୍ମିତା ପ୍ରସଙ୍ଗରେ ସରକାରଙ୍କୁ ସନ୍ତୁଆଶି ଆକ୍ରମଣ କରିଥିଲେ। ଏହି ସମୟରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳରେ ଗୃହ ହୁଲସ୍ଥୁଲ ହୋଇଥିଲା। ପରେ ଏକ ଘଟଣାକ୍ରମେ ସ୍ଥିତି ଏପରି ହୋଇଥିଲା ଯେ, ଶାସକ-ବିରୋଧୀ ସଭ୍ୟମାନେ ଧସ୍ତାଧସ୍ତି ଓ ଶାର୍ଟ କଲାର ଧରି ଠେଲାପେଲା ପର୍ଯ୍ୟନ୍ତ କଥା ଯାଇଥିଲା। ଏଭଳି ଅପ୍ରୀତିକର ପରିସ୍ଥିତି ମଙ୍ଗଳବାର ଗୃହର ପ୍ରଥମାର୍ଦ୍ଧରେ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ବିରୋଧୀଙ୍କ ଏଭଳି ଆଚରଣକୁ ନିନ୍ଦା କରିବା ସହ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିବା ବିରୋଧୀ ଦଳର ସଦସ୍ୟଙ୍କୁ ବହିଷ୍କାର କରାଯାଉ ବୋଲି ଭାଜପା ସଦସ୍ୟମାନେ ଦାବି କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିବାକୁ ୩ଥର ମୁଲତବୀ ଘୋଷଣା କରିଥିଲେ। ମାତ୍ର ବିରୋଧୀ ତାଙ୍କ ଜିଦ୍‌ରେ ଅଡ଼ି ବସିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ମଙ୍ଗଳବାର ପୂର୍ବାହ୍ନରେ ପ୍ରଶ୍ନୋତ୍ତର ଆଲୋଚନା କାଳରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଭାଜପା ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କ ପ୍ରଶ୍ନର ଉତ୍ତର ରଖୁଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଗୃହ ମଧ୍ୟକୁ ପଶି ☞ପୃଷ୍ଠା-୨

## ତାରା ୭ ଦିନ ନିଲମ୍ବିତ

**ଭୁବନେଶ୍ୱର, ୧୧।୩(ସୁନିତ୍ ମିଶ୍ର)**

ବିଧାନସଭାରେ ମଙ୍ଗଳବାର ବିରୋଧୀଙ୍କ ହଟ୍ଟଗୋଳ ଭିତରେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବିରୋଧୀ ଓ ଶାସକ ଦଳ ସଦସ୍ୟମାନଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହେବାପରେ ଦ୍ୱିତୀୟାର୍ଦ୍ଧରେ ଗୃହ ମଧ୍ୟଭାଗକୁ ଆସି ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ନାରାବାଜି କରି ପ୍ରତିବାଦ ଆରମ୍ଭ କରିଥିଲେ। ୪ଟାରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ୩୦ ମିନିଟ୍ ଲାଗି ମୁଲତବୀ ଘୋଷଣା କରିଥିଲେ। ଏହାପରେ ୪ଟା ୩୦ରୁ ଆଉ ଥରେ ୩୦ ମିନିଟ୍, ତାପରେ ୨୦ ମିନିଟ୍ ପୁଣି ଥରେ ୨୦ ମିନିଟ୍ ଏବଂ ଶେଷରେ ୧୦ ମିନିଟ୍ ଲାଗି ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା। ଏହିପରି ଗୃହକାର୍ଯ୍ୟକୁ ଦ୍ୱିତୀୟାର୍ଦ୍ଧରେ ବାଚସ୍ପତି ଏବଂ ଉପବାଚସ୍ପତି ୫ଥରରେ ମୋଟ୍ ୧ ଘଣ୍ଟା ୫୦ ମିନିଟ୍ ଲାଗି ବନ୍ଦ ରଖିଥିଲେ। ଶେଷରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କୁ ୭ ଦିନ ଲାଗି ଗୃହରୁ ନିଲମ୍ବନ କରାଯିବା ନେଇ ପ୍ରସ୍ତାବ ପାରିତ କରାଯାଇଥିଲା।

ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କୁ କହିବା ଲାଗି ପ୍ରସ୍ତାବ ଦେଇଥିଲେ। ☞ପୃଷ୍ଠା-୨

# ଇଂଲିଶ୍ କୋର୍ ପରିବର୍ତ୍ତେ ଇଲେକ୍ଟିଭ୍ ପ୍ରଶ୍ନପତ୍ର

**ଉତ୍ତର ଲେଖିପାରିଲେନି ଛାତ୍ରୀଛାତ୍ର**

**ବାରିପଦା,୧୧।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତ୍ରୁଟି ଯୋଗୁ ୩୦ଜଣ ସିବିଏସ୍‌ଇ +୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେମାନେ ଇଂଲିଶ୍ କୋର୍ ବିଷୟରେ ବର୍ଷତମାମ ପାଠ ପଢ଼ିଥିଲେ। ହେଲେ ମଙ୍ଗଳବାର ଅନୁଷ୍ଠିତ ପରୀକ୍ଷାରେ ସେମାନେ ଇଂଲିଶ୍ ଇଲେକ୍ଟିଭ୍ ବିଷୟର ପ୍ରଶ୍ନପତ୍ର ପାଇଥିଲେ। ଫଳରେ ଉତ୍ତର ଲେଖି ନ ପାରି ଅଡୁଆରେ ପଡ଼ିଛନ୍ତି। ମୟୂରଭଞ୍ଜ ଜିଲା ବଡ଼ସାହିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିଛି। ବିକଳ୍ପ ବ୍ୟବସ୍ଥା ସ୍ୱରୂପ ପୁନଃ ପରୀକ୍ଷା କରାଯିବାକୁ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଦାବି କରିଛନ୍ତି। ଅନ୍ୟଥା ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପରୀକ୍ଷା ହଲ୍‌ରୁ ବାହାରିବା ପରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଜିଲାପାଳ ହେମକାନ୍ତ ସୟଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତଦନ୍ତ ପରେ ଅବହେଳା ପ୍ରଦର୍ଶନ କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

+୨ ବିଜ୍ଞାନର ବାର୍ଷିକ ପରୀକ୍ଷା ସକାଶେ ବଡ଼ସାହି ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଛାତ୍ରୀଛାତ୍ରମାନେ ଇଂଲିଶର କୋର୍ ବିଷୟ ପାଇଁ ଫର୍ମପୂରଣ କରିଥିଲେ। ବିଦ୍ୟାଳୟରେ ସେମାନେ ଇଂଲିଶର କୋର୍ ବିଷୟରେ ☞ପୃଷ୍ଠା-୨

# ବିଶ୍ୱର ସବୁଠୁ ପ୍ରଦୂଷିତ ୨୦ ସହର ମଧ୍ୟରୁ ଭାରତରେ ୧୩

**ନୂଆଦିଲ୍ଲୀ,୧୧।୩(ପି.ଟି.)**

ବିଶ୍ୱରେ ସବୁଠାରୁ ପ୍ରଦୂଷିତ ୨୦ ସହର ମଧ୍ୟରୁ ଭାରତର ୧୩ ସହର ରହିଛି। ସୁଇସ୍ ଏୟାର କ୍ୱାଲିଟି ଟେକ୍ନୋଲୋଜି କମ୍ପାନୀ 'ଆଇକ୍ୟୁ ଏୟାର' ପକ୍ଷରୁ ମଙ୍ଗଳବାର ଜାରି କରାଯାଇଥିବା 'ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟ ୨୦୨୪' ଅନୁଯାୟୀ, ମେଘାଳୟର ବର୍ନିହାଟ ହେଉଛି ବିଶ୍ୱର ସବୁଠୁ ପ୍ରଦୂଷିତ ସହର। ସେହିପରି ଭାରତର ରାଜଧାନୀ ଦିଲ୍ଲୀ ମଧ୍ୟ ସବୁଠାରୁ ପ୍ରଦୂଷିତ ରାଜଧାନୀ ହୋଇଥିବା ନେଇ 'ଆଇକ୍ୟୁ ଏୟାର' ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରେ କୁହାଯାଇଛି। ୨୦୨୪ରେ ଭାରତ ବିଶ୍ୱର ପଞ୍ଚମ ସବୁଠାରୁ ପ୍ରଦୂଷିତ ଦେଶ ହୋଇଥିବା ଏହି ରିପୋର୍ଟ କହିଛି। ୨୦୨୩ରେ ଭାରତ ଏହି ତାଲିକାର ତୃତୀୟ ସ୍ଥାନରେ ଥିଲା।

୨୦୨୩ଠାରୁ ୨୦୨୪ରେ ଭାରତର ପିଏମ୍ ୨.୫ ସାନ୍ଦ୍ରତାରେ ୭% ହ୍ରାସ ଲକ୍ଷ୍ୟ କରାଯାଇଛି। ୨୦୨୩ରେ ଭାରତର ବାର୍ଷିକ ହାରାହାରି ପିଏମ୍ ୨.୫ ସାନ୍ଦ୍ରତା ୫୪.୪ ମାଇକ୍ରୋଗ୍ରାମ/କ୍ୟୁବିକ୍ ମିଟର ଥିବାବେଳେ ୨୦୨୪ରେ ଏହି ସଂଖ୍ୟା ସାମାନ୍ୟ ଖସି ୫୦.୬ ମାଇକ୍ରୋଗ୍ରାମ/କ୍ୟୁବିକ୍ ମିଟରରେ ପହଞ୍ଚିଛି। ବିଶ୍ୱର ସବୁଠାରୁ ୧୦ ପ୍ରଦୂଷିତ ସହର ମଧ୍ୟରେ ଭାରତର ୬ ସହର ଥିବା ଏହି ରିପୋର୍ଟ କହିଛି। ଦିଲ୍ଲୀରେ ଲଗାତର



**ଦିଲ୍ଲୀ ସବୁଠୁ ପ୍ରଦୂଷିତ ରାଜଧାନୀ**

ଭାବେ ଉଚ୍ଚ ପ୍ରଦୂଷଣ ସ୍ତର ରେକର୍ଡ ହୋଇଛି। ଏହାର ବାର୍ଷିକ ହାରାହାରି ପିଏମ୍ ୨.୫ ସାନ୍ଦ୍ରତା ୧୦.୮.୩ ମାଇକ୍ରୋଗ୍ରାମ/କ୍ୟୁବିକ୍ ମିଟର ରହିଛି, ଯାହା ଗତବର୍ଷ ୧୦୨.୪ ମାଇକ୍ରୋଗ୍ରାମ/କ୍ୟୁବିକ୍ ମିଟର ରହିଥିଲା। ବିଶ୍ୱର ୨୦ ପ୍ରଦୂଷିତ ସହର ମଧ୍ୟରେ ଥିବା ୧୩ ଭାରତୀୟ ସହର ହେଉଛି ବର୍ନିହାଟ, ଦିଲ୍ଲୀ, ନୂଆଦିଲ୍ଲୀ, ପଞ୍ଜାବର ମୁଲ୍ଲାନପୁର, ହରିୟାଣାର ଫରିଦାବାଦ, ଗୁରୁଗ୍ରାମ, ଉତ୍ତରପ୍ରଦେଶର ଲୋନି, ଗ୍ରେଟରନୋଏଡା, ନୋଏଡା, ମୁଜାଫରନଗର, ରାଜସ୍ଥାନର ଗଙ୍ଗାନଗର, ଭିୱାଡ଼ି, ହନୁମାନଗଡ଼। ୩୫% ଭାରତୀୟ ସହରର ପ୍ରଦୂଷଣ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଜାରି କରାଯାଇଥିବା ସୀମା ୫ ମାଇକ୍ରୋଗ୍ରାମ/କ୍ୟୁବିକ୍ ମିଟରଠାରୁ ଅତିକମ୍‌ରେ ୧୦ ଗୁଣା ଅଧିକ ରହିଥିବା ନେଇ ଏହି ଅଧ୍ୟୟନ କହିଛି। ଏହି ରିପୋର୍ଟ ଅନୁଯାୟୀ, ବିଶ୍ୱର ୨୦ ପ୍ରଦୂଷିତ ସହର ମଧ୍ୟରେ ପାକିସ୍ତାନର ୪ ଏବଂ ଚାଇନାର ଗୋଟିଏ ସହର ରହିଛି। ଆଫ୍ରିକୀୟ ଦେଶ ଚାଡ୍ ବିଶ୍ୱର ସବୁଠାରୁ ପ୍ରଦୂଷିତ ହୋଇଥିବାବେଳେ ବାଂଲାଦେଶ ଏବଂ ପାକିସ୍ତାନ ଯଥାକ୍ରମେ ବିଶ୍ୱର ଦ୍ୱିତୀୟ ଏବଂ ତୃତୀୟ ସବୁଠୁ ପ୍ରଦୂଷିତ ଦେଶ ହୋଇଥିବା ଏହି ରିପୋର୍ଟ କହିଛି। ସବୁଠାରୁ ପ୍ରଦୂଷିତ ଦେଶ ତାଲିକାର ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ଯଥାକ୍ରମେ ଡେମୋକ୍ରାଟିକ୍ ରିପବ୍ଲିକ ଅଫ୍ କଙ୍ଗୋ ଏବଂ ଭାରତ ରହିଛନ୍ତି।

## ଜୟନାରାୟଣଙ୍କ ବିବୃତିରେ ସହମତ ନାହାନ୍ତି ସରକାର: ଆଇନ ମନ୍ତ୍ରୀ

**ଶେଷରେ ରାଜ୍ୟ ସରକାର ମୁହଁ ଖୋଲିଲେ**

**ଭୁବନେଶ୍ୱର,୧୧।୩(ସୁନିତ୍ ମିଶ୍ର)**

ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କ ବୟାନକୁ ନେଇ ୨ ଦିନ ହେଲା ଗୃହ କମ୍ପୁଥିବା ବେଳେ ଶେଷରେ ଏ ପ୍ରସଙ୍ଗରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁହଁ ଖୋଲିଛନ୍ତି। ଗୃହରେ ଏନେଇ ପ୍ରତିକ୍ରିୟା ରଖି ଆଇନମନ୍ତ୍ରୀ କହିଛନ୍ତି, ବିଧାୟକ ଜୟନାରାଣ ମିଶ୍ର ବିଧାନସଭା ବାହାରେ ଏକ ସାଧାରଣ ସଭାରେ ଦେଇଥିବା ବିବୃତିରେ ସରକାର ସହମତ ନାହାନ୍ତି। ଏହା ତାଙ୍କର ବ୍ୟକ୍ତିଗତ ମତ। ଓଡ଼ିଶା ପ୍ରଦେଶର ଏକତା, ଅଖଣ୍ଡତା ଲାଗି ସରକାର ବଦ୍ଧପରିକର। ଏନେଇ କାହା ମନରେ ଦ୍ୱନ୍ଦ୍ୱ ରହିବା ଆବଶ୍ୟକ ନାହିଁ। ରାଜ୍ୟର ପ୍ରତ୍ୟେକ ଅଞ୍ଚଳର ବିକାଶ ପାଇଁ ସରକାର କାର୍ଯ୍ୟରତ। ଏଥିଲାଗି ଦକ୍ଷିଣ ତଥା ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନକରି ସରକାର ସାମଗ୍ରିକ ବିକାଶ ଲାଗି ଗଠନମୂଳକ କାର୍ଯ୍ୟ କରୁଛନ୍ତି। ରାଜନୀତିରେ ଆଲୋଚନା, ସମାଲୋଚନା ଏବଂ ବିକ୍ଷୋଭ ପ୍ରଦର୍ଶନ ଏକ ସାମ୍ବିଧାନିକ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କାର୍ଯ୍ୟ ନୁହେଁ କେବଳ କଥା**



ନବୀନ ନିବାସଠାରେ ମଙ୍ଗଳବାର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ନିମନ୍ତ୍ରଣ ଦେଉଛନ୍ତି ଡିଏମ୍‌କେ ଏମ୍‌ପି ଦୟାନିଧି ମାରାନ୍ (ମଝି) ଓ ତାମିଲନାଡୁ ଶିଳ୍ପ ମନ୍ତ୍ରୀ ଟି.ବି.କେ. ରାଜା(ଡାହାଣ)।

## ସୀମା ପୁନଃ ନିର୍ଦ୍ଧାରଣ ନେଇ ଷ୍ଟାଲିନ୍‌ଙ୍କ ବୈଠକରେ ଯୋଗଦେବ ବିଜେଡି

**ଭୁବନେଶ୍ୱର,୧୧।୩(ସୁନିତ୍ ମିଶ୍ର)**

ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଡାକିଥିବା ବୈଠକରେ ବିଜେଡି ଯୋଗଦେବ। ମଙ୍ଗଳବାର ଡିଏମ୍‌କେ ସାଂସଦ ଦୟାନିଧି ମାରାନ୍ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟିଥିଲେ। ନବୀନ ଏବଂ ମାରାନ୍‌ଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ହେବାପରେ ମାରାନ୍ ଏହି ସୂଚନା ଦେଇଛନ୍ତି। ମାରାନ୍ ଏବଂ ତାଙ୍କ ସହ ତାମିଲନାଡୁ ଶିଳ୍ପ ମନ୍ତ୍ରୀ ଟି.ବି.କେ. ରାଜା ନବୀନ ନିବାସ ଯାଇ ଏନେଇ ନବୀନଙ୍କୁ ନିମନ୍ତ୍ରଣ ଦେଇଛନ୍ତି। ସୀମା ପୁନଃ ନିର୍ଦ୍ଧାରଣ ନେଇ ଆସନ୍ତା ୨୨ରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ବୈଠକ ଡକାଇଛନ୍ତି। ଉକ୍ତ ବୈଠକରେ ଯୋଗଦେବା ଲାଗି ନବୀନ ସହମତି ଜଣାଇଥିବା ଜଣାପଡ଼ିଛି। ସୀମା ପୁନଃ ନିର୍ଦ୍ଧାରଣ ନେଇ ଓଡ଼ିଶାର କ'ଣ ସବୁ ☞ପୃଷ୍ଠା-୨




# ଭିତରକନିକାରେ ୪ ପ୍ରଜାତିର ୫୦୫ ଡଲ୍ଫିନ୍

**ରାଜନଗର, ୧୧।୩ (ଭାସ୍କର ରାଉତରାୟ)**

ଚଳିତ ବର୍ଷ ଡଲ୍ଫିନ୍ ଗଣନା ରିପୋର୍ଟ ମଙ୍ଗଳବାର ପ୍ରକାଶ ପାଇଛି। ଏହି ଅନୁଯାୟୀ ସାରା ଓଡ଼ିଶାରେ ୭୧୦ଟି ଦେଖିବାକୁ ମିଳିଛି। କେବଳ ଭିତରକନିକରେ ୪ ପ୍ରଜାତିର ୫୦୫ଟି ଡଲ୍ଫିନ୍ ଚିହ୍ନଟ କରାଯାଇଛି। ୨୦୨୪ ରେ ୫୦୨ଟି ଡଲ୍ଫିନ୍ ଥିବାବେଳେ ଚଳିତବର୍ଷ ୩ଟି ବଢ଼ିଛନ୍ତି।

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥାରେ ସାମୁଦ୍ରିକ ଅଭୟାରଣ୍ୟରେ ଜାନୁଆରୀ ୨୭ରୁ ୨୯ତାରିଖ ଯାଏ ଡଲ୍ଫିନ ଗଣନା କରାଯାଇଥିଲା। ଧାମରା ମୁହାଣଠାରୁ ଦେବୀ ମୁହାଣ ଯାଏ ସମୁଦ୍ର ମଧ୍ୟରେ ଓ ଭିତରକନିକା ମଧ୍ୟରେ ଥିବା କ୍ରିକ୍ ଓ ନଦୀରେ ୯ଟି ଗଣନାକାରୀ ଟିମ୍ ଡଲ୍ଫିନ୍ ଗଣନା କରିଥିଲେ। ଭିତରକନିକା ସହ ଚିଲିକା, ପୁରୀ, ବ୍ରହ୍ମପୁର, ଭଦ୍ରକ ଓ ବାଲେଶ୍ୱରରେ ଡଲ୍ଫିନ୍‌ଙ୍କ ଗଣନା କରାଯାଇଥିଲା। ରିପୋର୍ଟ ଅନୁସାରେ ଭିତରକନିକରେ ଇରାୱାର୍ଡି ଡଲ୍ଫିନ୍ ୨୨ଟି , ବଟରନୋଜ୍ ୫ଟି, ହମ୍ପବ୍ୟାକ୍ ୪୭୦ଟି, ସ୍ପିନର ୮ଟିକୁ ମିଶାଇ ୫୦୫ଟି ଡଲ୍ଫିନ୍ ଦେଖିବାକୁ ମିଳିଛି। ଚିଲିକାରେ ଇରାୱାର୍ଡି ଡଲ୍ଫିନ୍ ୧୫୯ଟି, ହମ୍ପବ୍ୟାକ ୧୫ଟି ମୋଟ ୧୭୪ଟି ଚିହ୍ନଟ କରାଯାଇଛି। ଏଥିସହ ପୁରୀରେ ୭ଟି , ବ୍ରହ୍ମପୁର ୧୩ଟି,



ଭଦ୍ରକରେ ୪ଟି ଓ ବାଲେଶ୍ୱରରେ ୭ଟି ଡଲ୍ଫିନ୍ ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ପୂର୍ବରୁ କେବଳ ଚିଲିକାରେ ଡଲ୍ଫିନ୍ ଗଣନା କରାଯାଉଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିଷ୍ପତ୍ତିକ୍ରମେ ୨୦୧୫ ମସିହାଠାରୁ ଭିତରକନିକା ଅଞ୍ଚଳରେ ଡଲ୍ଫିନ୍ ଗଣନା କରାଯାଉଛି। ଭିତରକନିକା ଅଞ୍ଚଳରେ ଡଲ୍ଫିନ୍ ଗଣନା ପାଇଁ ଚଳିତବର୍ଷ ୯ଟି ଟିମ୍ ଗଣନା କରିଥିଲେ। ସମୁଦ୍ର ମଧ୍ୟରେ ୫ଟି ଟିମ୍ ଓ ନଦୀ, କ୍ରିକ୍ ୪ଟି ଟିମ୍ ଡଲ୍ଫିନ୍‌ମାନଙ୍କର ଗଣନା କରିଥିଲେ।

# ୧୦ ବର୍ଷରେ ହାତୀ ଆକ୍ରମଣରେ ୧,୨୦୯ ଜଣଙ୍କ ମୃତ୍ୟୁ ଘଟିଛି

**ଭୁବନେଶ୍ୱର, ୧୧।୩ (ବନ୍ଦନା ସେଠୀ)**

୨୦୧୪-୧୫ରୁ ୨୦୨୪-୨୫ ପର୍ଯ୍ୟନ୍ତ ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ହାତୀ ଆକ୍ରମଣରେ ୧,୨୦୯ ଜଣଙ୍କର ମୃତ୍ୟୁ ଘଟିଛି। ଭାଜପା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଏକ ପ୍ରଶ୍ନର ଉତ୍ତରରେ ଓଡ଼ିଶା ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ବିଧାନସଭାରେ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ସେହିପରି ପୀଡ଼ିତଙ୍କ ପରିବାର ପାଇଁ ସରକାରଙ୍କ ପକ୍ଷରୁ ୬ଲକ୍ଷ ଟଙ୍କାର କ୍ଷତିପୂରଣ ବ୍ୟବସ୍ଥା ରହିଛି। ହାତୀ ଆକ୍ରମଣରେ ଧାନ ଫସଲ କ୍ଷତି ପାଇଁ ସରକାର ଏକର ପିଛା ୨୦ ହଜାର ଟଙ୍କା ଏବଂ ନଗଦ ଫସଲ କ୍ଷତି ପାଇଁ ୨୫ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରୁଛନ୍ତି। କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା କ୍ଷତିପୂରଣ ରାଶି ପ୍ରଦାନ କରାଯାଉଛି। ଏହା ୨୦୨୩ରୁ କାର୍ଯ୍ୟକାରୀ ହେଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ୨୦୧୪-୧୫ ବର୍ଷରେ ଶିକାର, ବିଷକ୍ରିୟା, ବିଦ୍ୟୁତ୍ ଆଘାତ, ରେଳ ଓ ସଡ଼କ ଦୁର୍ଘଟଣା ଏବଂ ରୋଗ ସମେତ ବିଭିନ୍ନ କାରଣରୁ ମୋଟ ୫୪ଟି ହାତୀଙ୍କ ମୃତ୍ୟୁ ହୋଇଥିଲା। ୨୦୧୫-୧୬ ବର୍ଷରେ ହାତୀ ମୃତ୍ୟୁ ସଂଖ୍ୟା ୮୬କୁ ବୃଦ୍ଧି ପାଇଥିଲା। ସେହିପରି ୨୦୧୬-୧୭ରେ ୭୬, ୨୦୧୭-୧୮ରେ ୭୮, ୨୦୧୮-୧୯ରେ ୯୩ ଏବଂ ୨୦୧୯-୨୦ରେ ୮୨ଟି ହାତୀଙ୍କ ମୃତ୍ୟୁ ଘଟିଥିଲା। ୨୦୨୦-୨୧ରେ ୭୭ଟି ହାତୀଙ୍କ ମୃତ୍ୟୁ ହୋଇଥିଲା। ପରବର୍ତ୍ତୀ ୨୦୨୧-୨୨ ବର୍ଷରେ ୮୬ଟି ହାତୀଙ୍କ ମୃତ୍ୟୁ ହୋଇଥିବା ରେକର୍ଡ କରାଯାଇଥିଲା। ୨୦୨୨-୨୩ରେ ୯୩ ହାତୀ ମୃତ୍ୟୁବରଣ କରିଥିବାବେଳେ ୨୦୨୩-୨୪ରେ ୬୬ଟି ହାତୀଙ୍କ ମୃତ୍ୟୁ ଘଟିଥିଲା। ୨୦୨୪-୨୫ରେ ଗତ ଫେବୃଆରୀ ୨୮ ସୁଦ୍ଧା ୯୭ ହାତୀ ମୃତ୍ୟୁ ରେକର୍ଡ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଆଗାମୀ ଆର୍ଥିକ ବର୍ଷରେ ୨୫୬ ହେକ୍ଟର ହେନ୍ତାଳ ବଣ ସୃଷ୍ଟି ଲକ୍ଷ୍ୟ

**ଭୁବନେଶ୍ୱର, ୧୧।୩ (ବନ୍ଦନା ସେଠୀ)**

ଆଗାମୀ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟର ଉପକୂଳବର୍ତ୍ତୀ ହେନ୍ତାଳ ଉପଯୋଗୀ ସ୍ଥାନଗୁଡ଼ିକରେ ୨୫୬ ହେକ୍ଟର ପରିମିତ ନୂତନ ହେନ୍ତାଳ ବଣ ସୃଷ୍ଟି କରାଯିବ। କେନ୍ଦ୍ରାପଡ଼ା ଜିଲାରେ ୧୨୭ ହେକ୍ଟର ପରିମିତ ଅଞ୍ଚଳରେ ହେନ୍ତାଳ ବଣ ସୃଷ୍ଟି ଯୋଜନା ରହିଥିବାବେଳେ ବାଲେଶ୍ୱର ଜିଲାରେ ୪୦ ହେକ୍ଟର, ଭଦ୍ରକ ଜିଲାରେ ୮୦ ହେକ୍ଟର, ପୁରୀ ଜିଲାରେ ୪ ହେକ୍ଟର ଓ ଗଞ୍ଜାମ ଜିଲାରେ ୫ ହେକ୍ଟର ହେନ୍ତାଳ ବଣ ସୃଷ୍ଟି କରାଯିବାର ଯୋଜନା ରହିଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମଙ୍ଗଳବାର ବିଧାନସଭାରେ ତଥ୍ୟ ରଖିଛନ୍ତି।

# ପଶ୍ଚିମବଙ୍ଗ, ବିହାରରେ ବଣ୍ଟାହୋଇଛି ସିଏସ୍ଆର ପାଣ୍ଠି

**ଭୁବନେଶ୍ୱର, ୧୧।୩ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ଅଧୀନ ବିଭିନ୍ନ ସରକାରୀ ଉଦ୍ୟୋଗ ଅର୍ଥ ଅବାଟରେ ଖର୍ଚ୍ଚ ହୋଇଛି। ଏମିତିକି ବ୍ୟକ୍ତିଗତ ସୁପାରିସ୍‌ରେ ପଶ୍ଚିମବଙ୍ଗ ଓ ବିହାରରେ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) ପାଣ୍ଠି ବିନିଯୋଗ ହୋଇଛି ବୋଲି ଶାସକ ଦଳ ସଦସ୍ୟ ବିଧାନସଭାରେ ଅଭିଯୋଗ କରିଛନ୍ତି ।

ମଙ୍ଗଳବାର ଗୃହରେ ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଦସ୍ୟା ଉପାସନା ମହାପାତ୍ର ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ପ୍ରଶ୍ନ କରିଥିଲେ ଯେ, ଗତ ୧୦ ବର୍ଷ ମଧ୍ୟରେ କେଉଁ ସରକାରୀ ଉଦ୍ୟୋଗ କେତେଟଙ୍କାର ଅନୁଦାନ କେଉଁ ପ୍ରକଳ୍ପରେ ସିଏସ୍ଆର ଅଧୀନରେ ଖର୍ଚ୍ଚ କରିଛନ୍ତି। ଏଥିପାଇଁ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ନିୟମ ରହିଛି କି? ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, କମ୍ପାନୀ ଅଧିନିୟମ-୨୦୧୩ ଅନୁଯାୟୀ ରାଜ୍ୟରେ ଥିବା ସରକାରୀ ଉଦ୍ୟୋଗଗୁଡ଼ିକ ସିଏସ୍ଆର ଅଧୀନରେ ଅନୁଦାନ ପ୍ରଦାନ କରିପାରିବେ। ଏହି ଅବସରରେ ଭାଜପା ସଦସ୍ୟ ଅମରେନ୍ଦ୍ର ଦାସ କହିଥିଲେ ଯେ, ଗତ ୧୦ ବର୍ଷ ଭିତରେ ବ୍ୟକ୍ତିଗତ ସୁପାରିସ୍‌ରେ ୪୦ରୁ ୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ଅନୁଷ୍ଠାନକୁ ପ୍ରଦାନ କରାଯାଇଛି। ଏମିତିକି ପଶ୍ଚିମବଙ୍ଗ, ବିହାର ଭଳି ରାଜ୍ୟରେ ଓଡ଼ିଶା ସରକାରଙ୍କ ବିଭିନ୍ନ ପିଏସ୍ୟୁର ସିଏସ୍ଆର ପାଣ୍ଠି ବିନିଯୋଗ ହୋଇଛି। ଏ ସମ୍ପର୍କରେ ସରକାରଙ୍କ ପାଖରେ ତଥ୍ୟ ରହିଛି କି? ଏନେଇ ମନ୍ତ୍ରୀ ମହାପାତ୍ର କହିଥିଲେ, ସଦସ୍ୟ ଯେଉଁ ସଙ୍ଗିନ ଅଭିଯୋଗ କରିଛନ୍ତି। ଏନେଇ ସ୍ୱତନ୍ତ୍ର ଭାବେ ଏକ ତଦନ୍ତ କମିଟି ଗଠନ କରାଯାଇ ତଦନ୍ତ କରାଯିବ। ଏହି ଅବସରରେ ଭାଜପା ସଦସ୍ୟ ଦୁର୍ଗାପ୍ରସାଦ ମହାପାତ୍ର ପ୍ରଶ୍ନ କରିଥିଲେ ଯେ, କେନ୍ଦ୍ରାପଡ଼ାରେ ଗତ ୫ ବର୍ଷ ମଧ୍ୟରେ କେତେ ପରିମାଣର ସିଏସ୍ଆର ପାଣ୍ଠିରୁ କେଉଁ ପ୍ରକଳ୍ପରେ କେତେ ଖର୍ଚ୍ଚ ହୋଇଛି? ବେଆଇନ ଭାବେ ସିଏସ୍ଆର ପାଣ୍ଠି ବିଭିନ୍ନ କ୍ଷେତ୍ରରେ ବଣ୍ଟାଯାଇଛି। ତା'ର ଉତ୍ତର ମନ୍ତ୍ରୀ ଗୃହକୁ ଜଣାଇବେ କି? ଉତ୍ତରରେ ମନ୍ତ୍ରୀ କହିଥିଲେ, କେଉଁ ସରକାରୀ ଉଦ୍ୟୋଗ କେତେ ପରିମାଣର ସିଏସ୍ଆର ପାଣ୍ଠି କେଉଁ ଅଞ୍ଚଳରେ ବିନିଯୋଗ କରିଛନ୍ତି ତା'ର ବିସ୍ତୃତ ବିବରଣୀ ଗୃହକୁ ଅବଗତ କରାଯାଇଛି।

# ୮ ମାସରେ ମୋ ବସ୍‌ରେ ୬ ଜଣଙ୍କ ମୃତ୍ୟୁ

**ଭୁବନେଶ୍ୱର, ୧୧।୩ (ବନ୍ଦନା ସେଠୀ)**

୨୦୨୪ ଜୁନ୍‌ଠାରୁ ଏଯାବତ୍ ୮ ମାସରେ କଟକ, ପୁରୀ ଓ ଭୁବନେଶ୍ୱରରେ ମୋ ବସ୍‌ରେ ୧୯ଟି ଦୁର୍ଘଟଣା ଘଟିଛି। ଏଥିରେ ୬ଜଣ ମୃତ୍ୟୁବରଣ କରିଥିବାବେଳେ ୧୮ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ବିଧାନସଭାରେ ବିଜେଡି ବିଧାୟକ ଅରୁଣ ସାହୁଙ୍କ ପ୍ରଶ୍ନରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ଏଥିସହ କେବଳ ଦୁଇଟି ଘଟଣାରେ ମୃତକଙ୍କ ପରିବାରକୁ ୩ ଲକ୍ଷ ୫ ହଜାର ଟଙ୍କା କ୍ଷତିପୂରଣ ଦିଆଯାଇଛି। ଅପରପକ୍ଷେ ଦୁର୍ଘଟଣା ରୋକିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି।

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଖର୍ଚ୍ଚଦାବି ଗୃହୀତ

**ଭୁବନେଶ୍ୱର, ୧୧।୩ (ସୁନିତ୍ ମିଶ୍ର)**

ପୂର୍ବ ସରକାର ସମୟରେ ୨୪ ବର୍ଷ ମଧ୍ୟରେ ବହୁ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପ୍ରସ୍ତାବ ପଡ଼ି ରହିଥିଲା। ଭାଜପା ସରକାରକୁ ଆସିବାର ୮ ମାସରେ ୮୦୦ ପଡ଼ା ଗାଁକୁ ରାଜସ୍ୱ ଗ୍ରାମରେ ପରିଣତ କରାଯାଇଛି। ଜମିର ସ୍ୱତ୍ୱ ଓ କିସମ ପରିବର୍ତ୍ତନ ନେଇ ବହୁ ସମସ୍ୟା ଉପୁଜୁଥିଲା, ଯାହାର ସମାଧାନର ବାଟ ଭାଜପା ଶାସନକୁ ଆସିବାର କିଛିଦିନ ମଧ୍ୟରେ କରାଯାଇଛି। ସେହିଭଳି ତ୍ୱରିତ ରାଜସ୍ୱ ସେବା ପ୍ରଦାନ ଲାଗି ସ୍ୱତନ୍ତ୍ର ଆପ୍‌ର ଶୁଭାରମ୍ଭ କରାଯିବା ନେଇ ନିଷ୍ପତ୍ତି ହୋଇଛି। ସମସ୍ତ ରାଜସ୍ୱ ସେବା ଲୋକଙ୍କ ପାଖରେ କିଭଳି ପହଞ୍ଚିବ ସେନେଇ ବିଭାଗ ଯଥାସମ୍ଭବ ପ୍ରୟାସ ଜାରି ରଖିଛି। ପୂର୍ବରୁ କରାଯାଇଥିବା ହାଇଟେକ୍ ସର୍ଭେରେ ମଧ୍ୟ ବହୁ ଅସଙ୍ଗତି ରହିଥିବା ବେଳେ ତାହାକୁ ସ୍ଥଗିତ ରଖାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ ଉତ୍ତର ରଖିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ବିଭାଗର ସର୍ବମୋଟ୍ ୧୯୧୩ କୋଟି ୨୭ ଲକ୍ଷ ୯୮ହଜାର ଟଙ୍କାର ଖର୍ଚ୍ଚଦାବି ଗୃହୀତ ହୋଇଛି। ବୁଧବାର ବିଧାନସଭାରେ ଦିନ ତମାମ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହ ବାରମ୍ବାର ମୁଲତବୀ ରହିଥିଲା। ଏପରିକି ରାଜସ୍ୱ ବିଭାଗ ଖର୍ଚ୍ଚଦାବି ଆଲୋଚନାରେ ମଧ୍ୟ ବିରୋଧୀ ଅଂଶ ଗ୍ରହଣ କରି ନ ଥିଲେ। ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ, ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ପ୍ରତାପ ଚନ୍ଦ୍ର ନାୟକ ଆଲୋଚନାରେ ଅଂଶ ଗ୍ରହଣକରି ସରକାରଙ୍କ ଉପଲବ୍ଧି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହାପରେ ଆଲୋଚନାର ଉତ୍ତର ଦେଇ ରାଜସ୍ୱ ମନ୍ତ୍ରୀ କହିଛନ୍ତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅନ୍ତର୍ଗତ ଆର୍ଥିକ ବର୍ଷ ୨୦୨୫-୨୬ ବଜେଟରେ ସର୍ବମୋଟ୍ ୧୯୧୩ କୋଟି ୨୭ ଲକ୍ଷ ୯୮ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି।

# ଶୀତଋତୁରେ ଓଡ଼ିଶା ଆସିଥିଲେ ୨୦, ୮୪, ୪୮୪ ବିଦେଶୀ ପକ୍ଷୀ

**ଭୁବନେଶ୍ୱର, ୧୧।୩ (ବନ୍ଦନା ସେଠୀ)**

ଚଳିତ ଶୀତଋତୁରେ ଓଡ଼ିଶାର ପ୍ରମୁଖ ଜଳାଶୟଗୁଡ଼ିକୁ ବିଦେଶାଗତ ପକ୍ଷୀମାନଙ୍କ ଆଶାତୀତ ସମାଗମ ହୋଇଥିଲା। ସେହିପରି ୨୦୨୪-୨୫ରେ ମୋଟ ୨୦,୮୪,୪୮୪ ବିଦେଶାଗତ ପକ୍ଷୀ ଆସିଥିବା ନେଇ ଆକଳନ ହୋଇଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ମଙ୍ଗଳବାର ସୂଚନା ଦେଇଛନ୍ତି।

# ଆଜି ପ୍ରଦୀପ ମାଝୀଙ୍କ ଶୁଭ ପରିଣୟ

**ନବରଙ୍ଗପୁର, ୧୧।୩ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ବିଜେଡି ବରିଷ୍ଠ ନେତା ପ୍ରଦୀପ ମାଝୀ ୧୨ ତାରିଖ ବୁଧବାର ବିବାହ କରିବେ। ସେ ନିଜ ବାନ୍ଧବୀ ସଙ୍ଗୀତା ସାହୁଙ୍କୁ ବିବାହ କରିବାକୁ ଯାଉଛନ୍ତି। ସଙ୍ଗୀତାଙ୍କ ଘର କେନ୍ଦ୍ରାପଡ଼ା ଜିଲାରେ। ସେ ଭୁବନେଶ୍ୱରରେ ନିଜସ୍ୱ ଡିଜିଟାଲ ମାର୍କେଟିଂ କାର୍ଯ୍ୟ କରୁଥିଲେ। ତେବେ ଉଭୟେ


ପ୍ରଦୀପ ମାଝୀ ଓ ସଙ୍ଗୀତା ସାହୁ।

ଗୋଆସ୍ଥିତ ପଞ୍ଜିମ କେଡିନା ହାଉସ୍‌ରେ ଡେଷ୍ଟିନେଶନ ୱେଡିଂ କରିବେ। ଉଭୟ ପରିବାର ଓ କେତେଜଣ ହାତ ଗଣତି ଲୋକ ହିଁ ଏହି ବିବାହ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଦୀପଙ୍କ ବାପା ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଭାଇ ପ୍ରସନ୍ନ ମାଝୀ ପ୍ରମୁଖ ବିବାହରେ ସାମିଲହେବାକୁ ଗୋଆ ଯାତ୍ରା କରିଥିବା ସୂଚନା ମିଳିଛି।








ଭୁବନେଶ୍ୱର ବିଡ଼ିଏ କଲୋନୀ-ଚନ୍ଦ୍ରଶେଖରପୁର ବାବା ଏଣ୍ଟରପ୍ରାଇଜେସ, ଫୋନ:7978856098 • ବାପୁଜୀ ନଗର ଏସ୍. ବି. ଏଣ୍ଟରପ୍ରାଇଜେସ, ଫୋନ:9861155551 • ଭୌମା ନଗର ହିନ୍ଦୁସ୍ତାନ ମେଟଲ ଟ୍ରେଡିଂ, ଫୋନ:9861037478 • ଆଇଡି ମାର୍କେଟ ପାସିଫିକ୍ ଟ୍ରେଡର୍ସ, ଫୋନ: 9338058849 • ଲୁଇସ୍ ରୋଡ ଅମ୍ବାଜି ଟ୍ରେଡିଂ କୋ., ଫୋନ: 7894407777 • ମାଷ୍ଟର୍ କ୍ୟାଣ୍ଟିନ କୁକରୀ ପ୍ଲାଜା, ଫୋନ: 9938399889 • ସତ୍ୟ ନଗର ପିଏସ୍‌ପି ଡିଷ୍ଟ୍ରିବ୍ୟୁଟର, ଫୋନ: 9777905606 ଆଠଗଡ଼ ଏଗ୍ରିକଲଚର ଅଫିସେର ପାଖରେ ଏସ୍‌ପି ଏଜେନ୍ସୀ, ଫୋନ: 8457867847 ବାଲୁଗାଁ ଷ୍ଟାଇଲ୍ ବଜାର ବିପରୀତ ଟୁକୁ ଏଣ୍ଟରପ୍ରାଇଜର୍ସ, ଫୋନ: 9861320537 ବୋଲଗଡ଼ ବସ୍ ଷ୍ଟାଣ୍ଡ ପାଖରେ ତନୁଶ୍ରୀ, ଫୋନ:9437521065 କଟକ କଲେଜ ଛକ, ଏସବିଆଇ ବ୍ୟାଙ୍କ ପାଖରେ ଶିବଜୀ ଆଣ୍ଡ କଂ., ଫୋନ:7735482255 • ଦୋଳମୁଣ୍ଡେଇ ଛକ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ, ଫୋନ:9338001570 • ହରିପୁର ରୋଡ୍ ସଙ୍ଗିତା ଇଲେକ୍ଟ୍ରିକାଲ୍ସ, ଫୋନ:9861522990 • ଦୋଳମୁଣ୍ଡେଇ ଛକ ପାଖରେ ପୁଷ୍ପକ ଏଜେନ୍ସୀ, ଫୋନ:9438016581 • ରାଜାବଗିଚା ଲେବର କଲୋନି ସି. ଆର. ଏଣ୍ଟରପ୍ରାଇଜେସ, ଫୋନ:7008275872 • ରାଣୀହାଟ ରୋଡ୍ ବର୍ଦ୍ଧନୱାଲେ, ଫୋନ:7008053312 ଗନିଆ ପୋଲିସ ଷ୍ଟେଶନ୍ ପାଖରେ ରଘୁନାଥ କୁହୁ ଏମ୍ପୋରିୟମ, ଫୋନ:9937914031 ଜଗତସିଂହପୁର ବସ ଷ୍ଟାଣ୍ଡ ପାଖରେ ଦାଶ ଏଜେନ୍ସୀଜ୍, ଫୋନ:9437318011 • ଗର୍ଭମେଣ୍ଟ ଗର୍ଲସ ହାଇ ସ୍କୁଲ ପାଖରେ ସାଇରାମ ଏଜେନ୍ସୀ, ଫୋନ:9438275275 ଯାଜପୁର ରୋଡ ରେଲୱେ ଷ୍ଟେଶନ୍ ପାଖରେ ଶାରଳା ଗ୍ଲାସ ହାଉସ୍, ଫୋନ:9337695536 ଯାଜପୁର ଟାଉନ୍ ରାଉତରପୁର, ଏସ୍‌ବିଆଇ ସାମନାରେ ଜେ ଜେ ସେଲ୍ସ, ଫୋନ:9937416380 କେନ୍ଦ୍ରାପଡ଼ା ମଢ଼ିଆଳ ବଜାର ଅଜୟ ଏଣ୍ଟରପ୍ରାଇଜେସ, ଫୋନ:9437450308 • ନୂଆ ବସ ଷ୍ଟାଣ୍ଡ ପାଖରେ ସାହୁ ଏଣ୍ଟରପ୍ରାଇଜେସ, ଫୋନ:9437043630 • ମସ୍‌ଜିଦ ବିପରୀତ ବିଜୟ ଏଣ୍ଟରପ୍ରାଇଜେସ, ଫୋନ:7008816953 କୁଜଙ୍ଗ ପାନ ହାଟ ପାଖରେ ଏ. କେ ପାୱାର ସଲ୍ୟୁଶନ୍, ଫୋନ:6370319795 ଓଡ଼ଗାଁ ରଘୁନାଥ ମନ୍ଦିରେର ପାଖରେ ସାହୁ ଏଣ୍ଟରପ୍ରାଇଜେସ୍, ଫୋନ:7008409267 ପାଣିକୋଇଲି ପାଣିକୋଇଲି ଛକ ପାଖରେ ମହେଶ ଟ୍ରେଡର୍ସ, ଫୋନ:7327063964 ପଟ୍ଟାମୁଣ୍ଡାଇ ପଟାମୁଣ୍ଡାଇ ବସ ଷ୍ଟାଣ୍ଡ ପାଖରେ ନଳିନୀ ଏଣ୍ଡ ସନ୍ସ୍, ଫୋନ:9938175761 ପୁରୀ କେନ୍ଦ୍ର ବିଦ୍ୟାଳୟ ପଛରେ ନୀଳାଦ୍ରି ଶ୍ରୀ ଇଲେକ୍ଟ୍ରୋନିକ୍ସ, ଫୋନ: 8327789718 • ମାଉସୀ ମା ମନ୍ଦିରେର ପାଖରେ ହୋମ ନିଡ୍ସ, ଫୋନ:9861039198 ରାହାମା ବସ ଷ୍ଟାଣ୍ଡ ପାଖରେ ରାଜା ଫର୍ଣିଚର୍ ଆଣ୍ଡ ଡେକୋର୍, ଫୋନ:9337222088 ସାଲେପୁର ୟୁନିଅନ୍ ବ୍ୟାଙ୍କ ପାଖରେ ରେଣୁ ପ୍ଲାଷ୍ଟିକ୍, ଫୋନ:9937909302 • ସାଲେପୁର ମେନ୍ ମାର୍କେଟ ଶ୍ରଦ୍ଧା ଏଜେନ୍ସୀ, ଫୋନ:9437314145 • ଯେ କୌଣସି ସହାୟତା ପାଇଁ ଯୋଗାଯୋଗ କରନ୍ତୁ: (022) 2444 0807/8512820759; cs@hawkins.in
www.buyhawkins.in

**ବେଆଇନ ଇଟାଭାଟିରେ ଚଢ଼ାଉ, ଟ୍ରାକ୍ଟର ଜବତ**

**ବାଲିପାଟଣା,(ଅଭିମନ୍ୟୁ ନାୟକ):** ବାଲିପାଟଣା ବ୍ଲକର ବିଭିନ୍ନ ଅଞ୍ଚଳରେ କିଛିଦିନ ହେବ ବେଆଇନ ଇଟାଭାଟି ଚାଲୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଖୋର୍ଦ୍ଧା ଜିଲା ଖଣି ବିଭାଗ ଅଧିକାରୀ ଜଗନ ବେହେରା, ମାଜିଷ୍ଟ୍ରେଟ କଳ୍ପନା ଦାସ ଏବଂ ବାଲିପାଟଣା ପୋଲିସର ମିଳିତ ସହଯୋଗରେ ମଙ୍ଗଳବାର ଅପରାହ୍ଣରେ ଅଠାନ୍ତର, ଦେଉଳିଧରପୁର, ବନମାଳିପୁର ଏବଂ ଶ୍ରୀରାମପୁରରେ ଚଢ଼ାଉ କରାଯାଇ ଚାରୋଟି ଇଟାଭାଟିକୁ ସିଲ୍ କରାଯିବା ସହ ଗୋଟିଏ ଟ୍ରାକ୍ଟର ଜବତ ହୋଇଛି।

# ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଉପଯୁକ୍ତ ସମ୍ମାନ: ରାଜ୍ୟପାଳ

ଭୁବନେଶ୍ୱର,୧୧।୩
(ସୌମ୍ୟରଞ୍ଜନ ରାଉତ)



ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଜାତୀୟ ପରିଚୟ ପ୍ରତିଷ୍ଠାନରେ ଶାସ୍ତ୍ରୀୟ ଭାଷାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗୌରବମୟ ସାହିତ୍ୟ ପରମ୍ପରାର ସ୍ୱାକ୍ଷର ବହନ କରୁଥିବା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ଏହାର ସମୃଦ୍ଧ ସାରସ୍ୱତ ସମ୍ଭାର ପ୍ରତି ଉପଯୁକ୍ତ ସମ୍ମାନ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଆନୁକୂଲ୍ୟରେ ଏବଂ ଭାରତ ସରକାରଙ୍କ ଶିକ୍ଷା ବିଭାଗ ଅନ୍ତର୍ଗତ ଭାରତୀୟ ଭାଷା ସଂସ୍ଥାନ ସହଯୋଗରେ ସୂଚନା ଭବନରେ ମଙ୍ଗଳବାର ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳନ ଅବସରରେ 'ଭାରତର ଶାସ୍ତ୍ରୀୟ ଭାଷା–ଏକ ନୂତନ ଦୃଷ୍ଟିକୋଣ' ଶୀର୍ଷକ ସେମିନାରକୁ ରାଜ୍ୟପାଳ ଉଦ୍‌ଘାଟନ କରି ଏହା ପ୍ରକାଶ କରିଛନ୍ତି। ରାଜ୍ୟପାଳ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ, ଓଡ଼ିଶା ଦୀର୍ଘକାଳ ଧରି ସାହିତ୍ୟ, ସଂସ୍କୃତି ଓ ଜ୍ଞାନର କେନ୍ଦ୍ର ଭାବେ ପରିଚିତ ହୋଇଆସିଛି। କବି ଜୟଦେବଙ୍କ କାଳଜୟୀ ସୃଷ୍ଟି 'ଗୀତଗୋବିନ୍ଦ'ର ଭକ୍ତିସଙ୍ଗୀତ ଭାଷାଗତ ଓ ଭୌଗୋଳିକ ସୀମା ଅତିକ୍ରମ କରି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଏବଂ କବିତାକୁ ପ୍ରଭାବିତ କରିଛି। ଓଡ଼ିଆ ଭାଷା ଓ ସାହିତ୍ୟ ସହ ଜଡ଼ିତ ଜଗନ୍ନାଥ ସଂସ୍କୃତି ଭାରତର ଆଧ୍ୟାତ୍ମିକ ଚେତନାକୁ ଋଦ୍ଧିମନ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆମ ଯୁବପିଢ଼ିଙ୍କ ମଧ୍ୟରେ ଭାଷା ପ୍ରତି ଗର୍ବ ଜାଗ୍ରତ କରିବା ଓ ଶାସ୍ତ୍ରୀୟ ଭାଷା ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ଛାତ୍ରବୃତ୍ତି ବ୍ୟବସ୍ଥା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ସକ୍ରିୟ ଭୂମିକା ନିଭାଇବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତୀୟ ଭାଷାଗୁଡ଼ିକୁ ପ୍ରୋତ୍ସାହନ ଯୋଗାଇବା ପାଇଁ ଜାତୀୟ ଶିକ୍ଷାନୀତି ଜରିଆରେ ପଦକ୍ଷେପ ନିଆଯାଇଛି। ଏହି ନୂତନ ଶିକ୍ଷାନୀତିରେ ମାତୃଭାଷା କିମ୍ବା ସ୍ଥାନୀୟ ଭାଷାରେ ଶିକ୍ଷାଦାନ ବ୍ୟବସ୍ଥା ସାଂସ୍କୃତିକ ପରିଚୟକୁ ସୁଦୃଢ଼ କରିବା ସହ ନିଜ ଐତିହ୍ୟ ସହ ସଂଯୋଗ ହେବାକୁ ପ୍ରୋତ୍ସାହିତ କରିବ। ଭାଷାଗୁଡ଼ିକର ସଂରକ୍ଷଣ ଓ ପ୍ରୋତ୍ସାହନ କେବଳ ଶିକ୍ଷାଗତ ନୁହେଁ, ବରଂ ଆମର ଜାତୀୟ ପରିଚୟକୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ। ନୂଆ ଶିକ୍ଷାନୀତି ଦେଶକୁ ବିକଶିତ ଭାରତ ଆଡ଼କୁ ମାର୍ଗଦର୍ଶନ କରିବ ବୋଲି ରାଜ୍ୟପାଳ କହିଥିଲେ। ଭାଷା ସାହିତ୍ୟକୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖିବା ନିମନ୍ତେ ଡିଜିଟାଲାଇଜେଶନ, କୃତ୍ରିମ ବୁଦ୍ଧିମତ୍ତା ଏବଂ ଭାଷାଗତ ଗବେଷଣାକୁ ଆପଣେଇବା ପାଇଁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସମାରୋହରେ ସମ୍ମାନିତ ଅତିଥିଭାବେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ ଏବଂ ଭାରତୀୟ ଭାଷା ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ଶୈଳେନ୍ଦ୍ର ମୋହନ ଓଡ଼ିଆ ଶାସ୍ତ୍ରୀୟ ଭାଷାର ଗରିମା, ଶାସ୍ତ୍ରୀୟ ଭାଷାର ସଂରକ୍ଷଣ ଏବଂ ଜାତୀୟ ସେମିନାର ଉପରେ ଆଲୋକପାତ କରିଥିଲେ। ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ।

## କେନାଲକୁ ଖସିଲା ପିସିଆର୍ ଭ୍ୟାନ

ବାଲିଅନ୍ତା,୧୧।୩(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ମଙ୍ଗଳବାର ଅପରାହ୍ଣରେ ପିସିଆର୍ ଭ୍ୟାନ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଭ୍ୟାନ୍‌ଟି ବାଲିଅନ୍ତାରୁ ପ୍ରତାପରୁଦ୍ରପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ପାରିବାସୁଦେଇପୁର ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ହଠାତ୍ ବ୍ରେକ୍ ମାରିଥିଲା। ବାଇକ୍ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଭ୍ୟାନ୍‌ଟି ଡାହାଣ ପଟକୁ କାଟିଥିଲା। ଫଳରେ ପିସିଆର୍ ଭ୍ୟାନ ରାସ୍ତା ପାର୍ଶ୍ୱସ୍ଥ କେନାଲକୁ ଖସି ପଡ଼ିଥିବା କୁହାଯାଉଛି। ପିସିଆର୍ ଭ୍ୟାନ୍‌ରେ ଚାଳକଙ୍କ ସମେତ ୩ ଜଣ ଥିଲେ। ତେବେ କେନାଲରେ ପାଣି ନ ଥିବାରୁ ଏହି ୩ କର୍ମଚାରୀ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି।



୧୧ ଦଫା ଦାବିରେ ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ମନୋରଞ୍ଜନ ମିଶ୍ର)

## ହୋଲ୍ଡିଂ ଟିକସ ଖିଲାପକାରୀଙ୍କ ନାମ ଘୋଷଣା କଲା ବିଏମ୍‌ସି

**ଟିକସ ଫାଙ୍କୁଥିବା ୧୫ଜଣଙ୍କୁ ନୋଟିସ୍**

ଭୁବନେଶ୍ୱର, ୧୧।୩(ବନ୍ଦନା ସେଠୀ)

ହୋଲ୍ଡିଂ ଟିକସ ବକେୟା ଥିବା ମାଲିକଙ୍କ ତଥ୍ୟ ଜାରି କଲା ବିଏମ୍‌ସି। ବହୁଦିନ ଧରି ବକେୟା ରଖିଥିବା ଏବଂ ଅଧିକ ବକେୟା ରଖିଥିବା ଖିଲାପକାରୀ ଚିହ୍ନଟ କରିବା ସହିତ ଟିକସ ଫାଙ୍କୁଥିବା ୧୫ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। ଏଥିସହ ସେମାନଙ୍କ ନାମକୁ ସାର୍ବଜନୀନ କରାଯାଇଛି। ୫୦ଲକ୍ଷରୁ ୧କୋଟି ବକେୟା ବର୍ଗରେ ଦକ୍ଷିଣପୂର୍ବ ଜୋନ୍‌ର ୩ଜଣ, ଦକ୍ଷିଣପଶ୍ଚିମ ଜୋନ୍‌ର ୫ଜଣ ଏବଂ ଉତ୍ତର ଜୋନ୍‌ର ୭ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। ସେହିପରି ୧କୋଟିରୁ ଉର୍ଦ୍ଧ୍ୱ ବକେୟା ରାଶିରେ ଦକ୍ଷିଣପୂର୍ବ ଜୋନ୍‌ର ୫ଜଣ, ଦକ୍ଷିଣପଶ୍ଚିମ ଜୋନ୍‌ର ୫ଜଣ ଏବଂ ଉତ୍ତର ଜୋନ୍‌ର ୬ଜଣ ରହିଛନ୍ତି। ଏନେଇ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି, ସହରର ବିକାଶ ପାଇଁ ସହରାଞ୍ଚଳ ପ୍ରଶାସନ କେତେକ ଉତ୍ସରୁ ରାଜସ୍ୱ ପାଇଥାନ୍ତି। ମାତ୍ର କେତେଜଣ ବ୍ୟକ୍ତି ଜାଣିଶୁଣି ଏହି ଟିକସ ଫାଙ୍କିବାରେ ଲାଗିଛନ୍ତି, ଯାହାକି ଅନ୍ୟ ସହରବାସୀଙ୍କ ଉପରେ କୁପ୍ରଭାବ ପକାଉଛି। ହୋଲ୍ଡିଂ ଟିକସ ଦେବା ଏବଂ ଏଥିରେ ସ୍ୱଚ୍ଛତା ବଜାୟ ରଖିବା ଏକ ନୈତିକ କର୍ତ୍ତବ୍ୟ। ନାଗରିକମାନେ ଅନ୍‌ଲାଇନ୍‌ରେ କିମ୍ବା ପାଖ ୱାର୍ଡ ଅଫିସ୍‌ରେ ଟିକସ ଦେଇପାରିବେ। ମାତ୍ର ବାରମ୍ବାର ବୁଝାଇବା ସତ୍ତ୍ୱେ କେତେଜଣ ମାଲିକ ଖିଲାପି ତାଲିକାରେ ରହୁଛନ୍ତି। ତେବେ ଏମାନେ କିପରି ଭରଣା କରିବେ ସେଥିପାଇଁ ନୋଟିସ୍ ଦିଆଯିବା ସହିତ କଲେକଶନ୍ ଟିମ୍ ସେମାନଙ୍କ ନିକଟକୁ ଯାଉଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ନିଜର ହୋଲ୍ଡିଂ ଟିକସ ଦେବାରେ ଖିଲାପ ନ କରିବା ପାଇଁ କୁହାଯାଉଛି। ତେବେ ଖିଲାପକାରୀ ସହଯୋଗ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମ୍‌ସି ପକ୍ଷରୁ ଚେତାବନୀ ଦିଆଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅମୃତା


@ ଲିକୁନ୍


@ ନିଗମ


@ ଶାଶ୍ୱତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାଲି ବୋଝେଇ ହାଇୱା ଜବତ, ୨ ଗିରଫ

ବାଲିଅନ୍ତା,୧୧।୩(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଏକ ହାଇୱାକୁ ଜବତ କରିଛି। ହାଇୱା ଚାଳକ ବାଲିଅନ୍ତା ଥାନା ଅଞ୍ଚଳର ନିରଞ୍ଜନ ମଲ୍ଲିକ (୩୭) ଓ ଗାଡ଼ି ମାଲିକ ପ୍ରକାଶ ଚନ୍ଦ୍ର ଦାସ (୫୨)ଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପୋଲିସ ଏନେଇ ୮୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୋମବାର ବିଳମ୍ବିତ ରାତିରେ ପୋଲିସର ଏକ ଟିମ୍ ରଙ୍ଗ ବଜାର ଛକ ନିକଟରେ ପାଟ୍ରୋଲିଂ କରୁଥିବାବେଳେ ଏକ ବାଲି ବୋଝେଇ ହାଇୱା ଦ୍ରୁତଗତିରେ ଆସୁଥିବା ଦେଖିବାକୁ ପାଇଥିଲେ। ପୋଲିସ ହାଇୱାକୁ ଅଟକାଇ ବାଲି ପରିବହନ ପାଇଁ ଆବଶ୍ୟକ କାଗଜପତ୍ର ମାଗିଥିଲା। କିନ୍ତୁ ଚାଳକ ଏନେଇ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ପରେ ପୋଲିସ ହାଇୱାକୁ ଜବତ କରି ଥାନାକୁ ଆଣିଥିଲା।

## 'ଓଡ଼ିଆ ଆମ ଜନଜୀବନର ଭାଷା ହେଉ'

ଭୁବନେଶ୍ୱର,୧୧।୩(ସୁଚିସ୍ମିତା ସାହୁ)


ଅତିଥିମାନେ 'ଝୁମୁକା'ର ୩୯ତମ ଅନୁବାଦ ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

ଓଡ଼ିଶା ସାହିତ୍ୟ ଏକାଡେମୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା–ସାହିତ୍ୟ ବିଭାଗର 'ଜୀବନ ପଥେ ସାହିତ୍ୟ ଆସର' ଏବଂ 'ଝୁମୁକା ଫାଉଣ୍ଡେଶନ'ର ମିଳିତ ଆନୁକୂଲ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ କାର୍ଯ୍ୟକ୍ରମ ମଙ୍ଗଳବାର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଗୋଟିଏ ଜାତିର ଭାଷା ହିଁ ତା'ର ଐଶ୍ବର୍ଯ୍ୟ। ଓଡ଼ିଆ ଭାଷା ଆମ ଜନଜୀବନର ଭାଷା ହେଉ। ଓଡ଼ିଶାର ସମସ୍ତ ଲୋକେ ଓଡ଼ିଆକୁ କଥିତ ଭାଷା ଭାବେ ବ୍ୟବହାର କରନ୍ତୁ ବୋଲି ସେ ପ୍ରକାଶ କରିଛନ୍ତି।

ବିଜ୍ଞାନ ସାହିତ୍ୟ ଲେଖକ ଡ. ନରେନ୍ଦ୍ର ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ 'ମାତୃଭାଷାରେ ସୃଜନ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଶିଶୁ ସାହିତ୍ୟିକ ଉଦୟନାଥ ରଥଙ୍କ ସ୍ମୃତିଚାରଣ କରି ଓଡ଼ିଆ ଭାଷାର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି। ସାହିତ୍ୟିକା ପ୍ରଫେସର ସଂଘମିତ୍ରା ମିଶ୍ର, 'ଝୁମୁକା' ପତ୍ରିକାର ସମ୍ପାଦକ ମାନସ ରଞ୍ଜନ ସାମଲ ଏବଂ ସଂପାନର ପରିଚାଳନା ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ ପ୍ରମୁଖ ଯୋଗଦେଇ ମାତୃଭାଷାରେ ସର୍ଜନଶୀଳତାକୁ ସମୃଦ୍ଧ କରାଇବା ଉଦ୍ଦେଶ୍ୟରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଓଡ଼ିଆ ଭାଷା–ସାହିତ୍ୟ ବିଭାଗ ମୁଖ୍ୟ ଡ. ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ମିଶ୍ର ଓଡ଼ିଆ ଭାଷାର ଶୁଦ୍ଧ ଉଚ୍ଚାରଣ ତଥା ନିୟମିତ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିମାନେ 'ଝୁମୁକା'ର ୩୯ତମ ଅନୁବାଦ ବିଶେଷାଙ୍କ ଉନ୍ମୋଚନ କରିଥିଲେ। ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା–ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ପୁଷ୍ପିତା ଶୁକ୍ଳ ମଞ୍ଚ ପରିଚାଳନା ଏବଂ ଝୁମୁକାର ପରିଚାଳନା ସମ୍ପାଦିକା ସୁଜାତା ଦାସ ଧନ୍ୟବାଦ ଦେଇଥିଲେ।

## ଟ୍ରାଙ୍କୁଲାଇଜ୍ ପରେ କୁମାରଖୁଣ୍ଟି ଗଲା ହାତୀ

ଭୁବନେଶ୍ୱର, ୧୧।୩(ବନ୍ଦନା ସେଠୀ)

ରାଜଧାନୀରେ ବୁଲୁଥିବା ଦନ୍ତାହାତୀକୁ ଶେଷରେ ଟ୍ରାଙ୍କୁଲାଇଜ୍ କରାଯାଇଛି। ମଙ୍ଗଳବାର ସକାଳୁ ଏମ୍ସ ନିକଟସ୍ଥ କାଜୁ ବଗିଚାରେ ଦନ୍ତାହାତୀଟି ବୁଲୁଥିବା ଦେଖିବାକୁ ମିଳିଥିଲା। ହାତୀକୁ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ବନ ବିଭାଗକୁ ଏନେଇ ଖବର ଦିଆଯିବା ପରେ ହାତୀଟିକୁ ଠାବ କରିବା ପାଇଁ ପ୍ରୟାସ କରାଯାଇଥିଲା। ହାତୀ ଉପରେ ବନ ବିଭାଗ ପକ୍ଷରୁ ବରାବର ନଜର ରଖାଯାଇଥିଲା। ଶେଷରେ ସନ୍ଧ୍ୟା ବେଳକୁ ହାତୀଟି ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀ ପାଚେରିର କିଛି ଅଂଶ ଭାଙ୍ଗିଦେଇଥିଲା। ଏହି ସମୟରେ ହାତୀଟିକୁ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ଏନେଇ ସିଟି ଡିଏଫ୍ଓ ଅଜିତ୍ ଶତପଥୀ କହିଛନ୍ତି, ଦନ୍ତାହାତୀଟି ଖୋର୍ଦ୍ଧା ବରୁଣେଇ ପାହାଡ଼ ଅଞ୍ଚଳରୁ ଏଠାକୁ ଚାଲିଆସିଥିଲା। ପୂର୍ବରୁ ମଧ୍ୟ ସେ ଅନେକ ଥର ଏପରି ସହର ଭିତରକୁ ପଶି ଆସିଛି, ମାତ୍ର କେବେ କାହାର କିଛି କ୍ଷତି କରିନାହିଁ। ହାତୀର ଗତିବିଧି ଜାଣିବାକୁ କିଛି ସମୟ ଲାଗିଥିଲା। ମାତ୍ର ଶେଷରେ ତାକୁ ଟ୍ରାଙ୍କୁଲାଇଜ୍ କରି ଚନ୍ଦକା ଅଭୟାରଣ୍ୟସ୍ଥିତ କୁମାରଖୁଣ୍ଟିକୁ ନିଆଯାଇଥିବା ସିଟି ଡିଏଫ୍ଓ ସୂଚନା ଦେଇଛନ୍ତି।

## ରାଜଧାନୀ ବଜାରରେ ରଙ୍ଗ ପସରା

**ଆସୁଛି ହୋଲି**



***ଭୁବନେଶ୍ୱର,୧୧।୩(ସୁଚିସ୍ମିତା ସାହୁ): ଆସୁଛି ରଙ୍ଗର ପର୍ବ 'ହୋଲି'। ତେଣୁ ରାଜଧାନୀର ଗଳିକନ୍ଦିରେ ବିଭିନ୍ନ ରଙ୍ଗର ପସରା ଦେଖିବାକୁ ମିଳିଛି। ହର୍ବାଲ ରଙ୍ଗଠାରୁ ଆରମ୍ଭ କରି ଅବିର, ପିଚ୍‌କାରି, ରଙ୍ଗିନ କେଶ, ମୁଖା, ଟୋପି ଓ ଚଷମା ସହିତ ବିଭିନ୍ନ ଉପକରଣ ବିକ୍ରି ହେଉଛି। ରଙ୍ଗ କିଣିବା ପାଇଁ ଦୋକାନରେ ଛୋଟ ପିଲାଙ୍କଠାରୁ ବଡ଼ ଲୋକଙ୍କ ଭିଡ଼ ଜମୁଛି। ରାଜଧାନୀର ଏକ ନମ୍ବର ହାଟ, ମାଉସୀମା ଛକ, ରସୁଲଗଡ଼, ପଳାଶୁଣି, ବମିଖାଲ, ଲକ୍ଷ୍ମୀସାଗର, ଶହୀଦନଗର, ନୟାପଲ୍ଲୀ, ସିଆରପି ଛକ ଆଦି ସ୍ଥାନ ସମେତ ବିଭିନ୍ନ ଅଞ୍ଚଳରେ ରଙ୍ଗ ଦୋକାନ ଖୋଲିଛି।***

### ହର୍ବାଲ ରଙ୍ଗ ପ୍ରତି ଆଗ୍ରହ

ପୂର୍ବରୁ ହୋଲିରେ ବିଭିନ୍ନ ପ୍ରକାର ରାସାୟନିକ ରଙ୍ଗର ଚାହିଦା ଥିଲା। ହେଲେ ଗତ କିଛିବର୍ଷ ହେବ ହର୍ବାଲ ରଙ୍ଗ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ରାସାୟନିକ ରଙ୍ଗ ଯୋଗୁ ଚର୍ମରୋଗ ଏବଂ ଆଖିଜନିତ ରୋଗ ହେଉଛି। ତେଣୁ ହର୍ବାଲ ରଙ୍ଗକୁ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ରଙ୍ଗ ବ୍ୟବସାୟୀମାନେ ଦୋକାନଗୁଡ଼ିକରେ ଅଧିକ ପରିମାଣରେ ହର୍ବାଲ ରଙ୍ଗ ରଖିଛନ୍ତି। ଅବିର ଗ୍ରାମ୍ ପିଛା ମୂଲ୍ୟ ୩୦ରୁ ୪୦ଟଙ୍କା ରହିଥିବାବେଳେ ହର୍ବାଲ ରଙ୍ଗ ପ୍ୟାକେଟ ପିଛା ୧୦୦ ଟଙ୍କାରୁ ଆରମ୍ଭ ହୋଇଛି। ହର୍ବାଲ ରଙ୍ଗଗୁଡ଼ିକ ହଳଦୀ, ଚନ୍ଦନ, ରଙ୍ଗିନ ଫୁଲ ଓ ପତ୍ର ଭଳି ପ୍ରାକୃତିକ ଉତ୍ପାଦରୁ ତିଆରି ହୋଇଛି। ଏହି ରଙ୍ଗ ଚର୍ମ ଉପରେ କୌଣସି କୁପ୍ରଭାବ ପକାଇବ ନାହିଁ ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି।

### ଚାହିଦାରେ ବିଭିନ୍ନ ଆକୃତିର ମୁଖା

ମୁହଁରେ ରଙ୍ଗ ଲାଗିବା ଦ୍ୱାରା ଚର୍ମଜନିତ ରୋଗରୁ ଦୂରେଇବା ପାଇଁ ଲୋକେ ମୁହଁରେ ମୁଖା ପିନ୍ଧିବାକୁ ବେଶୀ ପସନ୍ଦ କରୁଛନ୍ତି। ସେହିପରି ଅନେକ ବ୍ୟକ୍ତି ଷ୍ଟାଇଲ ଏବଂ କମ୍ ରଙ୍ଗ ଲାଗିବା ନେଇ ମୁଖା ଓ ଟୋପି କିଣିବା ପ୍ରତି ଆଗ୍ରହୀ ହେଉଛନ୍ତି। ସେଥିପାଇଁ ରଙ୍ଗ ବ୍ୟବସାୟୀମାନେ ଛୋଟ ପିଲାଙ୍କଠାରୁ ବଡ଼ଲୋକଙ୍କ ପାଇଁ ବିଭିନ୍ନ ପ୍ରକାରର ମୁଖା ଆଣିଛନ୍ତି। ଛୋଟା ଭୀମ୍, ବେନଟେନ ଓ ସ୍ପାଇଡରମ୍ୟାନ, ବାଘ, ଘୋଡ଼ା, ମିକିମାଉସ ଭଳି ବିଭିନ୍ନ ପଶୁଙ୍କ ମୁଖା ବଜାରରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ସେହିପରି ପେପର ଟୋପି, ରଙ୍ଗବେରଙ୍ଗର ଟୋପି ସହିତ ରଙ୍ଗିନ କେଶ ଦୋକାନରେ ଶୋଭା ପାଉଛି। ଏହି ମୁଖା ଓ କେଶଗୁଡ଼ିକର ଦାମ୍ ୩୦ଟଙ୍କାରୁ ଆରମ୍ଭ ହୋଇ ୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

### ପିଲାଙ୍କ ପାଇଁ ବନ୍ଧୁକ ପିଚ୍‌କାରି, ବେଲୁନ

ବିଶେଷକରି ହୋଲିକୁ ନଜରରେ ରଖି ବଜାରରେ ବିଭିନ୍ନ ପ୍ରକାର କାର୍ଟୁନ ଓ କଣ୍ଟେଇର ପାଣି ବ୍ୟାଗ ସହିତ ବନ୍ଧୁକ ପିଚକାରି ବଜାରକୁ ଆସିଛି। ଚଳିତ ବର୍ଷ ୧୦ରୁ ୧୨ ପ୍ରକାର ବନ୍ଧୁକ ପିଚକାରି ସମେତ ନାନା ରଙ୍ଗର ବେଲୁନ୍ ବଜାରରେ ବିକ୍ରି ହେଉଛି। ଏଗୁଡ଼ିକର ଦାମ୍ ୩୦ଟଙ୍କାରୁ ୩୦୦ଟଙ୍କା ପର୍ଯ୍ୟନ୍ତ ରହିଛି।

## ୧୭ରେ ବିଧାନସଭା ଘେରିବ ଷ୍ଟୁଡେଣ୍ଟ ଏଗ୍ରେନ୍ଷ୍ଟ କରପ୍ସନ

**ପିଏମ୍‌ଟି ଓ ବାଟାଲିଅନରେ ନିଯୁକ୍ତି ନେଇ ବୟସ ବଢ଼ାଇବା ପ୍ରସଙ୍ଗ**

ଭୁବନେଶ୍ୱର,୧୧।୩(ସୁଚିସ୍ମିତା ସାହୁ)

ଓପିଆର୍ ପକ୍ଷରୁ ୨୦୧୮ରେ ଶେଷଥର ପାଇଁ ପିଏମ୍‌ଟି, ଓଏସ୍‌ଏପି ଏବଂ ଆଇଆର୍‌ବି ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିଥିଲା। କରୋନା ମହାମାରୀ ସମେତ ଆନୁଷଙ୍ଗିକ କାରଣରୁ ଦୀର୍ଘ ୬ବର୍ଷ ଧରି କୌଣସି ନିଯୁକ୍ତି ବିଜ୍ଞପ୍ତି ବାହାରି ନ ଥିଲା। ସାଧାରଣ ବର୍ଗର ଆଶାୟୀଙ୍କ ପାଇଁ ୨୦୧୮ରେ ଆବେଦନ କରିବାକୁ ବୟସ ହୋଇ ନ ଥିବାବେଳେ ୨୦୨୪ରେ ବିଜ୍ଞପ୍ତି ପ୍ରକାଶ ପାଇବାବେଳକୁ ବୟସ ଅତିକ୍ରାନ୍ତ କରିଯାଇଥିଲା। ଏନେଇ ଆବେଦନକାରୀ ଓ ଆଶାୟୀ ଯୁବତୀ ଯୁବକମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଫଳରେ ବୟସସୀମା ବୃଦ୍ଧି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ରାଜ୍ୟ ସରକାର ଏଯାବତ୍ ଆଶାୟୀ ଓ ଆବେଦନକାରୀଙ୍କ ବୟସସୀମା ବୃଦ୍ଧି କରିନାହାନ୍ତି। ଏ କ୍ଷେତ୍ରରେ ରାଜ୍ୟ ସରକାର ପ୍ରତାରଣା କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ବୟସ ସୀମା ବୃଦ୍ଧି କରା ନ ଗଲେ ମାର୍ଚ୍ଚ ୧୭ରେ ଷ୍ଟୁଡେଣ୍ଟ ଏଗ୍ରେନ୍ଷ୍ଟ କରପ୍ସନ ନେତୃତ୍ୱରେ ବିଧାନସଭା ଘେରାଉ କରାଯିବ ବୋଲି ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରବୀଣ ମିଶ୍ର ନାମକ ଜଣେ ଆଶାୟୀ କହିଛନ୍ତି, ୨୦୧୮ରେ ଯେତେବେଳେ ବାଟାଲିଅନ ନିଯୁକ୍ତି ବିଜ୍ଞପ୍ତି ବାହାରିଥିଲା, ସେତେବେଳେ ତାଙ୍କ ବୟସ ୧୭ ବର୍ଷ ୬ ମାସ ଥିଲା। ହେଲେ ୪ ବର୍ଷ ପରେ ୨୦୨୪ରେ ବିଜ୍ଞପ୍ତି ବାହାରିଲା। ସେତେବେଳକୁ ତାଙ୍କ ବୟସ ୨୩ ବର୍ଷ ୬ ମାସ ହୋଇଛି। ସାଧାରଣ ବର୍ଗଙ୍କ ପାଇଁ ବୟସ ସୀମା ୧୮ରୁ ୨୩ ବର୍ଷ ଥିବାରୁ ଥରେ ମଧ୍ୟ ସେ ବାଟାଲିଅନ ପରୀକ୍ଷା ଦେଇପାରିନାହାନ୍ତି। ୨୦୧୯ରୁ ଏପର୍ଯ୍ୟନ୍ତ ନିୟମିତ ଅଭ୍ୟାସ ଜାରି ରଖିଥିଲେ ମଧ୍ୟ ତାଙ୍କର ସମସ୍ତ ପ୍ରୟାସ ସରକାରଙ୍କ ପାଇଁ ବ୍ୟର୍ଥ ହୋଇଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି।

**ଦୋଳ ମେଳଣ, ନାଟକ ମଞ୍ଚସ୍ଥ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ଖେଳପଡିଆରେ ଦୋଳମେଳଣ ଓ ୨ଦିନ ବ୍ୟାପୀ ନାଟକ ମଞ୍ଚସ୍ଥ ହୋଇଯାଇଛି। ମେଳଣରେ ଆଖପାଖ ଅଞ୍ଚଳର ଦୋଳ ବିମାନ ସାମିଲ ହୋଇଥିଲେ। ଏହି ଅବସରରେ ରାଧାମୋହନଜୀଉ ନାଟ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ କଳାକାରଙ୍କୁ ନେଇ ହିମାଂଶୁ ଦାସଙ୍କ ନିର୍ଦ୍ଦେଶନାରେ 'କଳିଯୁଗ ତତେ ଦୂରୁ ଜୁହାର' ଓ 'ସେଇ ଗୋଟିଏ ଭୁଲ ପାଇଁ'ନାଟକ ମଞ୍ଚସ୍ଥ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କଟକ ଜିଲା ୟୁନିୟନ ଅଫ୍ ଜର୍ନାଲିଷ୍ଟ ସଭାପତି ପ୍ରଫୁଲ୍ଲ ମହାନ୍ତିଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ସନ୍ତୋଷ ସେନାପତି, ଅଭୟ ସ୍ୱାଇଁ, ଅର୍ଜୁନ ପଣ୍ଡା, କୁଞ୍ଜ ବିହାରୀ ଦାସଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ବିଶ୍ୱ କର୍କଟ ସର୍ଭିକ୍ସ ଇରାଡିକେଶନ ଦିବସ ପାଳିତ

କଟକ, ୧୧।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରଠାରେ ୧୫ତମ ବିଶ୍ୱ କର୍କଟ ସର୍ଭିକ୍ସ ଇରାଡିକେଶନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କର୍ମଶାଳାରେ କେନିଆର ଡା. ଆନି କିହାରା ଆଭାସୀ ମାଧ୍ୟମରେ ଯୋଗଦେଇ ଡା. ହରାଲର୍ଡ ଜୁର ହୁସେନଙ୍କ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି କର୍କଟ କେନ୍ଦ୍ରର ନିର୍ଦ୍ଦେଶକ ଡା. ଦୀପକ ରାଉତରାୟ ଯୋଗଦେଇ ସର୍ଭାଇକାଲ କ୍ୟାନ୍ସର ଲକ୍ଷଣ ଦେଖାଦେବା ମାତ୍ରେ ଚିକିତ୍ସା କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ପାପାନିକୋଆଲୁ ସମ୍ମାନରେ ଡା. ଲଳାଟେନ୍ଦୁ ଷଡ଼ଙ୍ଗୀ ଓ ଏବିସି ଫାଉଣ୍ଡେଶନ ସମ୍ମାନରେ ଡା. ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଫେସର ଡା. ଭାଗ୍ୟଲକ୍ଷ୍ମୀ ନାୟକ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଫେସର ଡା. ଜନ୍ମେଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ଚୌଦ୍ୱାର,୧୧।୩(ଆଶୁତୋଷ ଦାସ)

ସ୍ଥାନୀୟ ଇମ୍ଫା ଶିଳ୍ପାନୁଷ୍ଠାନରେ ଆୟୋଜିତ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟର ରାଜ୍ୟ ସୁରକ୍ଷା ବିଭାଗ ଉପ ନିର୍ଦ୍ଦେଶକ ଡ. ମଳୟ କୁମାର ପ୍ରଧାନ, କଟକ ଶାଖା ଉପ ନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ସହ ନିର୍ଦ୍ଦେଶକ ସୁଧାଂଶୁ ଶେଖର ସାହୁ ଅତିଥି ଭାବେ ଯୋଗଦେଇ ଶିଳ୍ପାନୁଷ୍ଠାନରେ ସୁରକ୍ଷା ପ୍ରତି ପରିଚାଳନା ବିଭାଗ, କର୍ମଚାରୀ ଓ ଶ୍ରମିକ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ଇମ୍ଫା ଉପ ସଭାପତି ବିନୟ ଅଗ୍ରୱାଲା କାରଖାନାର ବାର୍ଷିକ ସୁରକ୍ଷା ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, କର୍ମଚାରୀ ଓ ପରିବାର ସଦସ୍ୟମାନଙ୍କୁ ସୁରକ୍ଷା ଦିଗରେ ଆଦର୍ଶମୂଳକ କାର୍ଯ୍ୟପାଇଁ ପୁରସ୍କୃତ କରାଯାଇଥିଲା। ମାନବ ସମ୍ବଳ ଅଧିକାରୀ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## ଅଧ୍ୟାତ୍ମବାଦୀ ବ୍ୟୋମକେଶ ଦାଶଙ୍କ ପରଲୋକ

କଟକ,୧୧।୩(କାର୍ତ୍ତିକ ସାହୁ)

ବିଶିଷ୍ଟ ଅଧ୍ୟାତ୍ମବାଦୀ କଟକ ଶେଖ୍‌ବଜାର ନିବାସୀ ବ୍ୟୋମକେଶ ଦାଶ(୮୮)ଙ୍କର ନିଜ କନ୍ୟା ଓ ଜାମାତାଙ୍କ ବାସଭବନରେ



ମଙ୍ଗଳବାର ପରଲୋକ ହୋଇଯାଇଛି। ଶେଷଶଯ୍ୟା ନିକଟରେ କନ୍ୟା ମମତା, ସଙ୍ଗୀତା, ଜାମାତା ଶୋଭନ୍, ଭାଉଜ ଜ୍ୟୋତିଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ୧୯୩୭ ମସିହାରେ ଜନ୍ମିତ ଦାଶ ବୁର୍ଲା ଇଞ୍ଜିନିୟରିଂ କଲେଜରୁ ୧୯୬୦ ମସିହାର ପ୍ରଥମ ବ୍ୟାଚ୍ ଛାତ୍ର ଭାବେ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ସେ ଇଞ୍ଜିନିୟର ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ୧୯୯୭ ମସିହାରେ ପିଡବ୍ଲୁର ମୁଖ୍ୟଯନ୍ତ୍ରୀ ଭାବେ ଅବସର ନେଇଥିଲେ। ସ୍ୱର୍ଗତ ଦାଶ ସାରା ଜୀବନ ଶ୍ରୀମା, ଶ୍ରୀଅରବିନ୍ଦଙ୍କ ସାଧନାରେ ବ୍ରତୀ ହୋଇଥିଲେ। କଟକସ୍ଥିତ ଡାଳିଯୋଡ଼ା ଆଶ୍ରମର ଟ୍ରଷ୍ଟି, ମାତୃଭବନ ସ୍କୁଲ, ବିଭିନ୍ନ ଶ୍ରୀମା ଅରବିନ୍ଦ ଶିକ୍ଷା ଅନୁଷ୍ଠାନ ଓ ପୁଡୁଚେରୀ ଆଶ୍ରମ ସହ ସେ ଜଡ଼ିତ ଥିଲେ।

## ଝିଙ୍କିରିଆ ସେତୁରୁ ବାଲି ସଫା କଲେ ସ୍ୱେଚ୍ଛାସେବୀ

କଟକ ସଦର,୧୧।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ କାଠଯୋଡ଼ି ନଦୀର ଝିଙ୍କିରିଆ ସେତୁ ଦେଇ ପ୍ରତିଦିନ ବେଆଇନ ବାଲି ଚାଲାଣ ହେଉଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ନିୟମକୁ ଉଲ୍ଲଂଘନ କରି ବାଲି ଚାଲାଣବେଳେ ଗାଡ଼ିରେ ପାଲ ଘୋଡ଼ା ଯାଉନାହିଁ। ଫଳରେ ପବନରେ ବାଲି ଉଡ଼ି ସେତୁ ଉପରେ ଜମା ହୋଇ ରହୁଛି। ଯାତାୟାତ ବେଳେ ବାଇକ୍, ସ୍କୁଟି ଓ ସାଇକେଲ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟୁନିୟନ ଫର୍ କଟକ ସଦର ଡେଭଲପ୍‌ମେଣ୍ଟ ପକ୍ଷରୁ ରବିବାର ଉକ୍ତ ସ୍ଥାନରୁ ବାଲି ସଫା କରାଯାଇଥିଲା। ୟୁନିୟନ୍‌ର ସଭାପତି ମନୋଜ କୁମାର ନାୟକଙ୍କ ପ୍ରେରଣାରେ ସ୍ୱେଚ୍ଛାସେବୀ ବିଜୟ ନାୟକ, ସରୋଜ ସାସ୍ମଲ, ଆନନ୍ଦ ଦେବତା, ପ୍ରସନ୍ନ ବେହେରା, ପ୍ରକାଶ ମାଝୀ, ସୁଦର୍ଶନ ଜେନା, ଆନନ୍ଦ ବେହେରା, ସତ୍ୟ ମହାପାତ୍ର, ସ୍ମୃତି ରଞ୍ଜନ ଦାସ, ନରୋତ୍ତମ ଦାସ ଓ ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଏହି ସଫେଇରେ ସାମିଲ ହୋଇଥିଲେ।

# ଏସ୍‌ସିବିରେ ଠିକ୍ ଭାବେ କାର୍ଯ୍ୟକରୁନି ସ୍କାନିଂ ବ୍ୟବସ୍ଥା

କଟକ,୧୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ମେଡିକାଲର ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି। ଏପରି କି ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଉଛନ୍ତି। ତଥାପି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏପରି ଅବ୍ୟବସ୍ଥା ମଙ୍ଗଳବାର ଏସ୍‌ସିବି ମେଡିକାଲରେ ଦେଖିବାକୁ ମିଳିଛି। ଏଠାରେ ରୋଗୀଙ୍କ ସମ୍ପର୍କୀୟ ଜେରକ୍ସ ସୁବିଧା ପାଉ ନ ଥିବା ଅଭିଯୋଗ ହୋଇଛି। ଗତ ମାସରେ ମେଡିକାଲର ବିଭିନ୍ନ ବିଭାଗରେ ଜେରକ୍ସର ବିକଳ୍ପ ଭାବେ ପ୍ରେସ୍କ୍ରିପ୍‌ସନ ପାଇଁ ସ୍କାନିଂ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ରୋଗୀଙ୍କ ସମ୍ପର୍କୀୟ ମେଡିକାଲ ବାହାରକୁ ଜେରକ୍ସ ଲାଗି ଯେପରି ନ ଯିବେ ସେନେଇ ବିଶେଷ ଗୁରୁତ୍ୱ ଦିଆଯାଇଛି। ହେଲେ ଏହି ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ରୋଗୀଙ୍କୁ ଗୋଟିଏ ସ୍ଥାନରେ ଛାଡି ତାଙ୍କ ସମ୍ପର୍କୀୟ ମେଡିକାଲ ବାହାରେ ଥିବା ଜେରକ୍ସ ଦୋକାନକୁ ଧାଉଁଥିବା ଦେଖିବାକୁ ମିଳିଛି।

**ଜେରକ୍ସ ପାଇଁ ମେଡିକାଲ ବାହାରକୁ ଯାଉଛନ୍ତି ରୋଗୀଙ୍କ ସମ୍ପର୍କୀୟ**



ମିଳିଥିବା ସୂଚନା ମୁତାବକ, ଏସ୍‌ସିବି ମେଡିକାଲର ସୁପରସ୍ପେସିଆଲ ଆଉଟ୍‌ଡୋର, ମେଡିସିନ ଆଉଟ୍‌ଡୋର, କାର୍ଡିଓଲୋଜି ଆଉଟ୍‌ଡୋର ଭଳି ଅନ୍ୟାନ୍ୟ ଆଉଟ୍‌ଡୋରକୁ ପ୍ରତିଦିନ ବାରି ଅନୁଯାୟୀ ରୋଗୀ ସେମାନଙ୍କ ସମ୍ପର୍କୀୟଙ୍କ ସହ ଆସିଥାନ୍ତି। ସେଠାରେ ଡାକ୍ତରଙ୍କ ପରାମର୍ଶକ୍ରମେ ବିଭିନ୍ନ ବିଭାଗକୁ ରୋଗୀ ଯାଇଥାନ୍ତି। ସେମାନଙ୍କର ଆବଶ୍ୟକ ପରୀକ୍ଷା ପାଇଁ ଉକ୍ତ ସ୍ଥାନରେ ପ୍ରେସ୍କ୍ରିପ୍‌ସନ୍‌ର ଜେରକ୍ସ କପି ଆବଶ୍ୟକ ପଡ଼ିଥାଏ। ଜେରକ୍ସ କପି ରଖିବା ପରେ ରୋଗୀଙ୍କ ପରୀକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥାଏ। ଏଥିଯୋଗୁ ରୋଗୀଙ୍କୁ ଧାଡ଼ିରେ ଛିଡା କରି ତାଙ୍କ ସମ୍ପର୍କୀୟ ମେଡିକାଲ ବାହାରେ ଥିବା ଦୋକାନକୁ ପ୍ରେସ୍କ୍ରିପ୍‌ସିନ୍ ଜେରକ୍ସ କରିଥାନ୍ତି। ଏହାଦ୍ୱାରା ରୋଗୀ ଓ ତାଙ୍କ ସମ୍ପର୍କୀୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଏହି ଅବ୍ୟବସ୍ଥା ଦୂର କରିବା ନିମନ୍ତେ ମେଡିକାଲର ପ୍ରତ୍ୟେକ ବିଭାଗରେ ପ୍ରେସ୍କ୍ରିପ୍‌ସନ୍ ସ୍କାନିଂ ବ୍ୟବସ୍ଥା ପାଇଁ ଗତ ଜାନୁଆରୀରେ ନିଷ୍ପତ୍ତି ନିଆଯାଇଥିଲା। ତତ୍କାଳୀନ କୁଳସଚିବ ସମସ୍ତ ବିଭାଗ ପରିଦର୍ଶନ କରିବା ସହ ଏହି ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ପାଇଁ ସମୀକ୍ଷା କରିଥିଲେ। ଗତ ଫେବୃଆରୀରେ ଏସ୍‌ସିବିର ପ୍ରାୟ ୮୦ ପ୍ରତିଶତ ବିଭାଗରେ ଏହି ସ୍କାନିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥିଲା। ଫଳରେ ରୋଗୀ ଗୋଟିଏ ବିଭାଗରୁ ଅନ୍ୟ ବିଭାଗକୁ ଗଲେ ପ୍ରେସ୍କ୍ରିପ୍‌ସନ୍‌ର ଜେରକ୍ସ କପି ବଦଳରେ ସେଠାରେ ପ୍ରେସ୍କ୍ରିପ୍‌ସିନକୁ ସ୍କାନ କରି ରଖାଯିବ। ଏଥିପାଇଁ ପ୍ରତି ବିଭାଗରେ ଜଣେ ଲେଖାଏ ଡାଟାଏଣ୍ଟ୍ରି ଅପରେଟରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ଏହାର ସୁଫଳ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ପାଉନାହାନ୍ତି। ଏନେଇ ମେଡିକାଲକୁ ଆସିଥିବା କାର୍ମି ମାଝୀ କହିଛନ୍ତି, ମେଡିକାଲରେ ସକାଳୁ ଡାକ୍ତର ଦେଖାଇଛି। କିଛି ପରୀକ୍ଷା କରାଇବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ହେଲେ ପରୀକ୍ଷା କେନ୍ଦ୍ରକୁ ଯିବାରୁ ସେଠାରେ ପ୍ରେସ୍କ୍ରିପ୍‌ସନ୍ ଜେରକ୍ସ କପି ଦରକାର। ତେଣୁ ମେଡିକାଲ ବାହାରେ ଥିବା ଦୋକାନରେ ଜେରକ୍ସ କରିବାକୁ ପଡିଲା। ଅପରପକ୍ଷରେ ମେଡିକାଲର କୁଳସଚିବ ସୁବାସ ରାଏ କହିଛନ୍ତି, ଜେରକ୍ସ ପାଇଁ ରୋଗୀ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଅଧିକାଂଶ ବିଭାଗରେ ସ୍କାନିଂ ବ୍ୟବସ୍ଥା କରାଯାଇଛି। ଯେଉଁ ବିଭାଗରେ କାମ ବାକି ରହିଛି ତାହାକୁ ତୁରନ୍ତ ଶେଷ କରାଯିବ। ଜେରକ୍ସ ପାଇଁ କିଛି ଅଭିଯୋଗ ଆସିବା ପରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ତାଗିଦ୍ କରାଯାଇଛି। ଯେପରି ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ ମେଡିକାଲ ବାହାରକୁ ଜେରକ୍ସ ପାଇ ନ ଯିବେ ଏବଂ ସ୍କାନିଂ ଦ୍ୱାରା ସୁବିଧା ପାଇବେ ସେନେଇ ଅଧିକ ଗୁରୁତ୍ୱ ଦିଆଯିବ।



ସ୍ଥାୟୀ ନିଯୁକ୍ତି ସହ ଅନ୍ୟ ଦାବି ନେଇ ମଙ୍ଗଳବାର ଅଭିନବ ଶୈଳୀରେ କଟକ ଜିଲା ଗାଁ ସାଥୀଙ୍କ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ।

## ଏସ୍‌ସିବିରେ ଅଂଶୁଘାତ ମୁକାବିଲା ପ୍ରସ୍ତୁତି

କଟକ,୧୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ଗ୍ରୀଷ୍ମପ୍ରବାହ ଯୋଗୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଅଂଶୁଘାତ ମୁକାବିଲା ପାଇଁ ଏସ୍‌ସିବି ମେଡିକାଲରେ ପ୍ରସ୍ତୁତି କରାଯାଇଛି। ମେଡିକାଲର ନନ୍‌ଟ୍ରମା କାଜୁଆଲ୍‌ଟିଠାରେ ପ୍ରଥମ ପର୍ଯ୍ୟାୟରେ ୬ଟି ସାଧାରଣ ବେଡ୍ ପ୍ରସ୍ତୁତ ରଖାଯାଇଛି। ସେହିପରି ମେଡିସିନ ବିଭାଗ ଆଇସିୟୁରେ ବେଡ୍ ପ୍ରସ୍ତୁତ ରଖାଯିବା ସହ ଅଂଶୁଘାତ ସମ୍ପର୍କିତ ଔଷଧ ପର୍ଯ୍ୟାପ୍ତ ପରିମାଣରେ ରଖାଯାଇଛି ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଏ ସମ୍ପର୍କରେ ମେଡିକାଲର କୁଳସଚିବ ସୁବାସ ରାଏ କହିଛନ୍ତି, ଏସ୍‌ସିବି ମେଡିକାଲ ଉପରେ ବହୁ ରୋଗୀ ନିର୍ଭର କରିଥାନ୍ତି। ଗ୍ରୀଷ୍ମପ୍ରବାହ ଆରମ୍ଭରୁ ହିଁ ମେଡିକାଲରେ ଅଂଶୁଘାତ ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ଏହାସହ ରୋଗୀଙ୍କୁ ତ୍ୱରିତ ସେବା ଯୋଗାଇ ଦେବା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

## ଜୁଆ ଖେଳବେଳେ ଚଢ଼ାଉ: ୨ ଗିରଫ

ଖୁଣ୍ଟୁଣୀ,୧୧।୩(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଜେନାପୁର ଗ୍ରାମ ଯାତ୍ରା ପଡିଆରେ ଜୁଆ ଖେଳବେଳେ ପୋଲିସ ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ଭୁବନ ଗ୍ରାମର ପ୍ରଭାତ ଥାଟୋଇ ଓ ଶୁଭେନ୍ଦୁ ରାଉତ। ସେମାନଙ୍କ ଠାରୁ ୩୯୦୦ ଟଙ୍କା, ଜୁଆ ଖେଳରେ ବ୍ୟବହୃତ ପାଲି, ଗୋଟି, ବ୍ୟାନର ଆଦି ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଜେନାପୁର ଗ୍ରାମରେ ବାର୍ଷିକ ଯାତ୍ରା ଚାଲିଥିବାବେଳେ ବେଆଇନ ଭାବେ ଜୁଆଖେଳ ହେଉଥିଲା। ଖବରପାଇ ପୋଲିସ ସେଠାରେ ଚଢାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ସୋମବାର ରାତିରେ ଗିରଫ କରିଥିଲା। ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୪୬/୨୫) ରୁଜୁ ହୋଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅମୃତା



@ ଲିକୁନ୍



@ ନିଗମ



@ ଶାଶ୍ୱତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ଅଧିକାର ପାଇଁ ଲଢ଼େଇ କରିବାକୁ ହେବ'

କଟକ,୧୧।୩(କାର୍ତ୍ତିକ ସାହୁ)

ବର୍ଷ ବର୍ଷ ଧରି ସଂଗ୍ରାମ ଚାଲିଥିଲେ ମଧ୍ୟ ମହିଳାମାନେ ଏବେ ବି ନିର୍ଯାତନାରୁ ମୁକ୍ତି ପାଇନାହାନ୍ତି। ଭାରତରେ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ, ମହିଳାଙ୍କୁ ସମ୍ମାନ ଓ ଅଧିକାର ଦେବା ପାଇଁ ଲଢେଇ କରିବାକୁ ହେବ। କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ସମାବେଶରେ ବକ୍ତାମାନେ ଏହା କହିଛନ୍ତି। ଏଆଇବିଇଏ ସହବନ୍ଧିତ କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ସଭାପତି ସୁଭାଷ ବୋଷଙ୍କ ସଭାପତିତ୍ୱରେ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଇସ୍‌କଫ୍ ହଲ୍‌ରେ ଅନୁଷ୍ଠିତ

**ବ୍ୟାଙ୍କ ମହିଳା କର୍ମଚାରୀଙ୍କ ସମାବେଶ**

ସମାବେଶରେ ମୁଖ୍ୟ ଅତିଥି ଭାବେ ନାରୀନେତ୍ରୀ ଶୈଳ ବେହେରା, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଡ. ମୀନାକ୍ଷୀ ପଣ୍ଡା, ଡ. ସୁଜାତା ସାହାଣୀ, ଶାନ୍ତି ମୈତ୍ରୀ ଆନ୍ଦୋଳନର ନେତା ବିଜୟ ପଢ଼ିହାରୀ, ଶ୍ରମିକ ନେତା କିଶୋର ଜେନା, ଏଓବିଇଏର ଉପସଭାପତି ବିପିନ ପାଢ଼ୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ବ୍ୟାଙ୍କ କର୍ମଚାରୀ ପ୍ରତିଭା ମହାପାତ୍ର, ରୋଜାଲିନ ସାହୁ, ପ୍ରଭାତୀ ନାୟକ, ବିଦ୍ୟାଶା ନାୟକ, ଜ୍ୟୋତିର୍ମୟୀ ପାତ୍ର, ଶର୍ମିଷ୍ଠା ତ୍ରିପାଠୀ, ଦେବଯାନୀ ନାୟକ ପ୍ରମୁଖ ମହିଳା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ଏହି ଅବସରରେ ମହିଳା କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମନ୍ୱୟ ସମିତିର ଆବାହକ ବିଶୁଦ୍ଧ ଚକ୍ର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ଦିଲୀପ ମଲ୍ଲିକ, ଏଓବିଇଏର ସହସାଧାରଣ ସମ୍ପାଦକ ଶୁଭ୍ରାଂଶୁ ଶତପଥୀ, ସମ୍ପାଦକ ରାଜେଶ ସାହୁ, ଶ୍ରୀନିବାସ ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହାନଗର ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

କଟକ,୧୧।୩(କାର୍ତ୍ତିକ ସାହୁ)

ମହାନଗର ସାମ୍ବାଦିକ ସଂଘର ଏକ ବୈଠକ ଓଏମ୍‌ପି ଡାକବଙ୍ଗଳା ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୨୪-୨୫ ନିମନ୍ତେ ସଂଘ ପୁନର୍ଗଠିତ ହୋଇଛି। ଏଥିରେ ସଂଘ ସଭାପତି ଭାବେ ପ୍ରଦୀପ କୁମାର ପତି, କାର୍ଯ୍ୟକାରୀ ସଭାପତି ସୁକାନ୍ତ କୁମାର ପଣ୍ଡା, ଉପସଭାପତି ଜୟନ୍ତ କୁମାର ରାଉତରାୟ, ସମ୍ପାଦକ ବିଶ୍ୱଜିତ୍ ଧଳ, ସଙ୍ଗଠନ ସମ୍ପାଦକ ଆନନ୍ଦ ଦାସ, ସହ ସମ୍ପାଦକ ମହେଶ ପାଟରା, କୋଷାଧ୍ୟକ୍ଷ ପ୍ରଶାନ୍ତ ମହାନ୍ତି, ସଦସ୍ୟ ବିଶ୍ୱଜିତ୍ ନାୟକ, ଅସୀମ ଅମିତାଭ ମହାପାତ୍ର, ସ୍ୱରାଜ କେଶରୀ, ଗଣେଶ କୁମାର ସାହୁ ଓ ସତ୍ୟଦୀପ କର ମନୋନୀତ ହୋଇଛନ୍ତି। ସେହିପରି ସଂଘର ନୂତନ କର୍ମକର୍ତ୍ତା ମଣ୍ଡଳୀର ଉପଦେଷ୍ଟା ଭାବେ ଚିତ୍ତରଞ୍ଜନ ମିଶ୍ର, ନିଖିଲ ବିଶ୍ୱାଳ, ଭରତ ମହାରଣା, ପ୍ରଦୀପ୍ତ କୁମାର ରଥ ପ୍ରମୁଖ ମନୋନୀତ ହୋଇଛନ୍ତି। ଆସନ୍ତା ୩୦ ତାରିଖରେ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଏକ ବନ୍ଧୁମିଳନର ଆୟୋଜନ ହେବ ବୋଲି ବୈଠକରେ ଘୋଷଣା କରାଯାଇଛି।

## ଡମପଡ଼ା ଏଆରଆଇ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ

କଟକ,୧୧।୩(କାର୍ତ୍ତିକ ସାହୁ)

ବାରଙ୍ଗ ତହସିଲ ଅନ୍ତର୍ଗତ ରାମଦାସପୁରର ପୂର୍ବତନ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ) ତଥା ବର୍ତ୍ତମାନ ଡମପଡ଼ା ତହସିଲର ଏଆରଆଇ ସୁରେଶ ଚନ୍ଦ୍ର ପ୍ରଧାନ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। କଟକ ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତି ଅଭିଯୁକ୍ତ ପ୍ରଧାନଙ୍କୁ ୪ ବର୍ଷ କାରାଦଣ୍ଡ ସହ ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ଭିଜିଲାନ୍ସ ଅଦାଲତରେ ମଙ୍ଗଳବାର ରାୟ ପ୍ରକାଶ ପରେ ପ୍ରଧାନଙ୍କୁ ଜେଲ ପଠାଇ ଦିଆଯାଇଛି। ଜଣେ ବ୍ୟକ୍ତିଙ୍କଠାରୁ ଜମିର କିସମ ପରିବର୍ତ୍ତନ (ମ୍ୟୁଟେସନ) ପାଇଁ ସେ ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ କଟକ ଡିଭିଜନ୍‌ର ପୂର୍ବତନ ଇନ୍ସପେକ୍ଟର ହେମନ୍ତ କୁମାର ବୈଦ୍ୟ ମାମଲାର ତଦନ୍ତ କରିଥିଲେ। ସ୍ୱତନ୍ତ୍ର ପିପି ସର୍ବେଶ୍ୱର ବାରିକ ଓ ସହକାରୀ ପିପି ଦୀପକ କୁମାର ସ୍ୱାଇଁ ମାମଲା ପରିଚାଳନା କରିଥିଲେ।

# ଶିବିରରୁ ୧୦୩ ୟୁନିଟ୍ ସଂଗ୍ରହ

କଟକ,୧୧।୩(କାର୍ତ୍ତିକ ସାହୁ)

ଓଡ଼ିଶା ଶିଳ୍ପ ସଂଘ ପକ୍ଷରୁ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ସହଯୋଗରେ ରକ୍ତଦାନ ଶିବିର ଜଗତ୍‌ପୁରସ୍ଥିତ ସଂଘ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଇଡ୍‌କୋ କଟକ ଡିଭିଜନ୍‌ର ମୁଖ୍ୟ ଇଂ. ପରୀକ୍ଷିତ ମହାଳିକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଶିଳ୍ପୋଦ୍ୟୋଗୀ ଓ ସେମାନଙ୍କ ପରିବାର, କର୍ମଚାରୀ ଓ ଶ୍ରମିକମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିରରୁ ମୋଟ୍ ୧୦୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ସଂଘର ଉଦ୍ୟୋଗୀଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ସାମଗ୍ରୀ ଉପହାର ପ୍ରଦାନ କରାଯାଇଥିଲା। କେନ୍ଦ୍ରୀୟ ରକ୍ତଭଣ୍ଡାରର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଡାକ୍ତର ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଓଡ଼ିଶା ଶିଳ୍ପ ସଂଘ ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ ଧନ୍ୟବାଦ ଦେଇଥିଲେ। ସଂଘ ସଭାପତି ରାଜେଶ କାନୁନ୍‌ଗୋ, ଉପ ସଭାପତି ବିନୋଦ ଭୂତ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ଶର୍ମା, ସଙ୍ଗଠନ ସମ୍ପାଦକ ରୁଦ୍ର ଆଚାର୍ଯ୍ୟ, ଅର୍ଥ ସମ୍ପାଦକ ଶୁଭ୍ରକାନ୍ତ ପଣ୍ଡା ଓ କାର୍ଯ୍ୟନିର୍ବାହୀ ସମ୍ପାଦକ ସିଦ୍ଧାର୍ଥ କାନୁନ୍‌ଗୋଙ୍କ ସମେତ ସଦସ୍ୟମାନେ ଶିବିର ପରିଚାଳନା କରିଥିଲେ।





ଜଗତପୁରସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ରକ୍ତଦାନ କରାଯାଉଛି।

# 'ଏସ୍‌ଏଚ୍‌ଜି ମହିଳା ଉଦ୍ୟମୀ ହୁଅନ୍ତୁ'

କଟକ,୧୧।୩(କାର୍ତ୍ତିକ ସାହୁ)

କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଯୋଗଦେଇ କହିଛନ୍ତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଦସ୍ୟାମାନେ ଜୀବିକା ନିର୍ବାହରୁ ଉର୍ଦ୍ଧ୍ୱକୁ ଯାଇ ଉଦ୍ୟମୀରେ ପରିଣତ ହୁଅନ୍ତୁ। ଜିଲାରେ ଉପଲବ୍ଧ ବିଭିନ୍ନ ତାଲିମ ଯୋଜନା ମାଧ୍ୟମରେ ମାଗଣା ତାଲିମ ନେଇ ମହିଳାମାନେ ପାଉଥିବା ପ୍ରୋତ୍ସାହନ ରାଶିର ଠିକ୍ ବିନିଯୋଗ କରନ୍ତୁ। ଏହାଦ୍ୱାରା ମହିଳାମାନେ ନିଜର ତଥା ପରିବାରର ଆର୍ଥିକ ବିକାଶରେ ସହାୟକ ହୋଇପାରିବେ। ସେହିପରି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦର ନିର୍ବାହୀ ଅଧିକାରୀ





ଲକ୍ଷପତି ଦିଦି କର୍ମଶାଳାରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଉଦ୍‌ବୋଧନ ଦେଉଛନ୍ତି।

**ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା**

ପ୍ରଶାନ୍ତ କୁମାର ନାୟକ ଯୋଗଦେଇ କହିଛନ୍ତି, ଲକ୍ଷପତି ଦିଦି କର୍ମଶାଳା ମାଧ୍ୟମରେ ମହିଳାମାନେ ଆର୍ଥିକ ଭାବେ ସଶକ୍ତ ହେବା ସହ ନିଜର ଦକ୍ଷତା ବୃଦ୍ଧି କରିପାରିବେ। ଜିଲାରେ ବର୍ତ୍ତମାନ ସୁଦ୍ଧା ୩୬ ହଜାରରୁ ଅଧିକ ଲକ୍ଷପତି ଦିଦି ଚିହ୍ନଟ ହୋଇସାରିଛନ୍ତି। ଆଗାମୀ ଦିନରେ ୯୬ ହଜାରରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଛି। କୃଷି, ଗୋପାଳନ, ମତ୍ସ୍ୟଚାଷ, ଉଦ୍ୟାନ କୃଷି, ସିଲେଇ, ପ୍ରସାଧନ, ଛତୁ ଚାଷ, ବିହନ ସଂରକ୍ଷଣ, ମହୁମାଛି ଚାଷ ଆଦି ବିଭିନ୍ନ ବିଭାଗରେ ପ୍ରଶିକ୍ଷଣ ଦିଆଯାଇ ମହିଳାଙ୍କ ଦକ୍ଷତା ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ମହିଳାମାନେ ଏସବୁ ତାଲିମ କାର୍ଯ୍ୟକ୍ରମର ସୁଯୋଗ ନେଇ ନିଜର ଦକ୍ଷତା ବୃଦ୍ଧି କରିବାକୁ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। ଏହି କର୍ମଶାଳାରେ ଜିଲାର ସମସ୍ତ ବ୍ଲକରୁ ବହୁସଂଖ୍ୟକ ମହିଳା ଯୋଗଦେଇଥିଲେ।

## ସଂକ୍ଷେପରେ

### ମାନସିଂହ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ କବିତା ଆସର

**କୃଷ୍ଣପ୍ରସାଦ,୧୧।୩(କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକ ମାୟାଧର ମାନସିଂହଙ୍କ ଜନ୍ମପୀଠ ନନ୍ଦଳା ଗ୍ରାମରେ ମାନସିଂହ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି। କବିତା ଆସର ଗୁଗୁଲୁ ମିଟ୍‌ରେ ହୋଇଥିବା ବେଳେ ଅନୁଷ୍ଠାନର ସଭାପତି ବିଷ୍ଣୁ ପ୍ରସାଦ ଦଳେଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଗୌରପ୍ରିୟା ଦାଶ ଯୋଗଦେଇ ଓଡ଼ିଆ କବିତାର ରୂପରେଖ ଆଲୋଚନା କରିଥିଲେ। ଅତିଥିଭାବେ ଅଭିଷେକ ଗିରି ଯୋଗଦେଇ କବିତା ପାଠ କରିଥିଲେ। ପ୍ରଫେସର ସରୋଜିନୀ ବରାଇ, ଆମେରିକାରୁ ଚନ୍ଦ୍ରା ମିଶ୍ର ଯୋଗଦେଇ କବିତା ପାଠ କରିଥଲେ। ସଂସଦର ମୁଖ୍ୟ ଉପଦେଷ୍ଟା ପ୍ରେମାନନ୍ଦ ବେହେରା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଲଳିତ କୁମାର ସ୍ୱାଇଁ ଆଭିମୁଖ୍ୟ ଉପସ୍ଥାପନ କରିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବ୍ରହ୍ମପୁରରୁ ବନ୍ଦନା ପଣ୍ଡାଙ୍କ ଜଗନ୍ନାଥ ଭଜନ ପରେ କୃଷ୍ଣପ୍ରସାଦରୁ ଗଗନ ବିହାରୀ ପ୍ରଧାନଙ୍କ ସଂଯୋଜନାରେ କବି ସମୀର ନାୟକ, ଲୁସି ପାତ୍ର, ପ୍ରଦୀପ୍ତ ସାହୁ, ବନ ବିହାରୀ ପଟ୍ଟନାୟକ, ପୂର୍ଣ୍ଣ ଚନ୍ଦ୍ର ଜେନା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ। ଆସନ୍ତା କବିତା ଆସର ଏପ୍ରିଲ ୧୦ରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଲଳିତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ବୋଲଗଡ଼,୧୧।୩(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ପାଟବନ୍ଧ ଗ୍ରାମର ପଶ୍ଚିମେଶ୍ୱର ଦେବଙ୍କ ପୀଠରେ ସପ୍ତମ ବାର୍ଷିକ ଆଞ୍ଚଳିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଗ୍ରାମର ମା'ବୁଢ଼ିଦେଇ ସିଂହନାଦ ଡ୍ୟାମରୁ ଶୋଭାଯାତ୍ରା ସହିତ କଳସ ଯାତ୍ରା କରାଯାଇ ତୀର୍ଥ ଆବାହନ,୧୦୮ କଳସ ସ୍ଥାପନ, ଅଙ୍କୁରାରୋପଣ, ଯଜ୍ଞାରମ୍ଭ, ଅଗ୍ନି ସ୍ଥାପନ ହୋଇଥିଲା। ଦ୍ୱିତୀୟ ଦିବସରେ ସୂର୍ଯ୍ୟପୂଜା, ଯଜ୍ଞ ଆରମ୍ଭ, ସାଲାପୂଜା, ଦେବାର୍ଚ୍ଚନା ଆଦି କାର୍ଯ୍ୟ କରାଯାଇ ଶେଷ ଦିବସ ମଙ୍ଗଳବାର ପୂର୍ଣ୍ଣାହୂତି ପ୍ରଦାନ କରାଯାଇଛି। ମାନଗୋବିନ୍ଦ ରାଉତରାୟ ଏବଂ ଚାରୁଲତା ରାଉତରାୟ କର୍ତ୍ତା ଓ କର୍ତ୍ତ୍ରିଭାବେ ଉପବିଷ୍ଟ ଥିବା ବେଳେ ବ୍ରାହ୍ମଣମାନେ ହୋମରେ ଆହୁତି ପ୍ରଦାନ କରିଥିଲେ। ସାମାଜିକକର୍ମୀ ମନୋଜ କୁମାର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପୂର୍ଣ୍ଣାହୁତି ଦିବସରେ ଅତିଥିଭାବେ ଯଜ୍ଞସ୍ଥଳରେ ଉପସ୍ଥିତ ଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ରାମ ନାଟକ, ଦାସକାଠିଆ ଏବଂ ଭାଗବତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।

### ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

**ବେଗୁନିଆ,୧୧।୩(ସନ୍ଧ୍ୟାରାଣୀ ମିଶ୍ର):** ଧଳାପଥର ଫାଣ୍ଡି ନିକଟରୁ ସୋମବାର ବିଳମ୍ବିତ ରାତିରେ ବେଗୁନିଆ ଥାନା ପୋଲିସ ଏକ ବାଲି ବୋଝେଇ ଟ୍ରକ ଜବତ କରିଛି। ଏଥିସହ ଜଙ୍କିଆ ଥାନା ଅନ୍ତର୍ଗତ ସରପାରି ଗ୍ରାମର ଚାଳକ ଗୋପାଳ ଚନ୍ଦ୍ର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଭ୍ରମରବର ପାତ୍ରଙ୍କ ଜୟନ୍ତୀ ପାଳିତ

**ବାଣପୁର,୧୧।୩(ଦିଲୀପ କୁମାର ସ୍ୱାଇଁ):** ବାଣପୁର ଅଞ୍ଚଳର ପ୍ରତିଷ୍ଠିତ ତଥା ବଦାନ୍ୟ ବ୍ୟକ୍ତି ଭ୍ରମରବର ପାତ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ସ୍ୱର୍ଗତ ଭ୍ରମରବରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷାବିତ୍ ରାଜେନ୍ଦ୍ର ପ୍ରସାଦ ରଥ, ଦକ୍ଷେଶ୍ୱର ଭଗବତୀ ଏଣ୍ଡାଉମେଣ୍ଟ ନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ଉପସଭାପତି ପ୍ରଦୀପ କୁମାର ସ୍ୱାଇଁ, ସମାଜସେବୀ ଅନନ୍ତ ଚରଣ ଖଟେଇ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ସ୍ମୃତିସଭାରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କ ସମାଜସେବା ଏବଂ ବଦାନ୍ୟତାକୁ ସ୍ମରଣ କରିବା ସହ ସେ ସଦାବେଳେ ବାଣପୁରବାସୀଙ୍କ ହୃଦୟରେ ରହିଥିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପାତ୍ରଙ୍କ ପୁଅ ଶିବ ପ୍ରସାଦ ଓ ତାଙ୍କ ସ୍ତ୍ରୀ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ଖାଦ୍ୟ ସହ ବସ୍ତ୍ର ପ୍ରଦାନ କରିଥିଲେ।

# ପରିବାର, ଦେଶ ବିକାଶରେ ସହାୟକ ହୁଅନ୍ତୁ ଲକ୍ଷପତି ଦିଦି

**ଖୋର୍ଦ୍ଧା/ଜଟଣୀ,୧୧।୩**
**(ପ୍ରଭାତ ପାଣିଗ୍ରାହୀ/ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧା ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ଜଟଣୀ ବ୍ଲକ ଅଧୀନ ତରାବୋଇସ୍ଥିତ ସ୍କିଲ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟର ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଚଞ୍ଚଳ ରାଣା ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳ ମହିଳାମାନଙ୍କ ଲୁକ୍କାୟିତ ଦକ୍ଷତା ଲୋକଲୋଚନକୁ ଆଣିବା ସହ ସେମାନଙ୍କର ବାର୍ଷିକ ଆୟ ୧ଲକ୍ଷ ଟଙ୍କାରୁ ଅଧିକ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଖୋର୍ଦ୍ଧା ଜିଲାରେ ଲକ୍ଷପତି ଦିଦି, ଯାହାଙ୍କ ଆୟ ୩୦-୪୦ ହଜାରରୁ ଲକ୍ଷେ ଟଙ୍କା ତଳକୁ ରହିଛି ସେହି ମା'ମାନଙ୍କ ସଂଖ୍ୟା ୫୮ହଜାର ବୋଲି ଚିହ୍ନଟ କରାଯାଇଛି। ସେହିପରି ବାର୍ଷିକ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଯେଉଁ ମା'ମାନଙ୍କ ରୋଜଗାର ଅଛି ସେମାନଙ୍କ ସଂଖ୍ୟା ୨୧ରୁ ଉର୍ଦ୍ଧ୍ୱ ବୋଲି ଜଣାପଡିଛି। ଏହି କର୍ମଶାଳାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ କସ୍ତୁରୀ ବାଳା ଜେନା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। କର୍ମଶାଳାରେ ବାଣପୁର, ଚିଲିକା, ଜଟଣୀ, ବୋଲଗଡ଼ ଏବଂ ବେଗୁନିଆ ବ୍ଲକର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ ଉକ୍ତ ବ୍ଲକର ଲକ୍ଷପତି ଦିଦିମାନେ ଉପସ୍ଥିତ ଥିଲେ। ଓଡ଼ିଶା ଜୀବିକା ମିଶନ, ଜିଲା ପ୍ରକଳ୍ପ ପରିଚାଳିକା ପ୍ରେମସି ନାୟକ କର୍ମଶାଳାର ମୂଳ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସାହୁ ଜୀବିକାଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା କିପରି ସ୍ୱାବଲମ୍ବୀ ହୋଇପାରିବେ ଆଲୋଚନା କରିଥିଲେ। ସେହିପରି ଜିଲ୍ଲାପାଳ ଚଞ୍ଚଳ ରାଣା କହିଥିଲେ, ମହିଳାମାନେ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇ ପରିବାର ଏବଂ ଦେଶକୁ କିପରି ସ୍ୱାବଲମ୍ବୀ କରିବାରେ ସହାୟକ ହେବେ ସେ ଦିଗରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲ୍ଲା ଏବଂ ବ୍ଲକର ବିଭିନ୍ନ ବିଭାଗର ମତ୍ସ୍ୟ, ପ୍ରାଣୀ ସମ୍ପଦ, କୃଷି ଏବଂ ଉଦ୍ୟାନ ବିଭାଗ ଅଧିକାରୀମାନେ ନିଜ ବିଭାଗର ସମସ୍ତ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏହି ସବୁ ଯୋଜନାଗୁଡ଼ିକ କିପରି ଉପଯୋଗ କରି ଅଧିକରୁ ଅଧିକ ଲାଭବାନ ହେବା ସହିତ ଲକ୍ଷପତି ଦିଦି ହୋଇ ଆଗକୁ ବଢ଼ିପାରିବେ ସେ ଦିଗରେ କହିଥିଲେ। ଲକ୍ଷପତି ଦିଦିମାନେ ନିଜର ସଫଳତାର କାହାଣୀ ଉପସ୍ଥାପନା କରିଥିଲେ। ଉପ ମୁଖ୍ୟନିର୍ବାହୀ ଅଧିକାରୀ ରାଜଗୋପାଳ ଦାସ ଧନ୍ୟବାଦ ଦେଇଥିଲେ।


ଜିଲାପାଳ ଚଞ୍ଚଳ ରାଣା କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ଚାଟେରି ଭୋଗ ଖାଇଲେ ୫ଗାଁ ଠାକୁର


ଠାକୁରଙ୍କୁ ସୁସଜ୍ଜିତ ବିମାନରେ ଗ୍ରାମ ଅଭିମୁଖେ ନିଆଯାଉଛି।

**ଜଟଣୀ,୧୧।୩(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ପାତ୍ରପଡ଼ାସ୍ଥିତ ପଞ୍ଚୁପଲି ତଥା ପାଞ୍ଚଟି ଗ୍ରାମର ମୁଖିଆ ସ୍ୱର୍ଗତ ରସିକ ସାମନ୍ତରାୟଙ୍କ ଘର ସମ୍ମୁଖରେ ମଙ୍ଗଳବାର ୫ଗାଁର ଠାକୁର ଏକତ୍ରିତ ହୋଇ ବିଧି ମୁତାବକ ପୂଜାର୍ଚ୍ଚନା ପରେ ଚାଟେରି ଭୋଗ ଖାଇ ବିଭିନ୍ନ ଗ୍ରାମ ଅଭିମୁଖେ ବାହାରିଥିଲେ। ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣ, ଘଣ୍ଟଘଣ୍ଟା, ଭେରୀ ତୁରୀ, କୀର୍ତ୍ତନ, ହରିବୋଲ ହୁଳହୁଳିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭୋଗ ଲାଗି ପରେ ଫଗୁ ଅବିର ଖେଳି ଗ୍ରାମ ପରିକ୍ରମାରେ ବାହାରିଥିଲେ ପାତ୍ରପଡା ଗ୍ରାମର ପତିତପାବନ ଦେବ, ବାଛରା ଗ୍ରାମର ବାଲୁଙ୍କେଶ୍ୱର ଦେବ, ବରପଦାର ତାରେଶ୍ୱର ଦେବ, ହରିପୁର ଗ୍ରାମର ରାମେଶ୍ୱର ଦେବ ଏବଂ ଅରାଗଡ଼ ଗ୍ରାମର କୁନ୍ତେଶ୍ୱର ଦେବ। ଉକ୍ତ ପଞ୍ଚୁପଲି ଗ୍ରାମର ବର୍ତ୍ତମାନର ସଭାପତି କୃଷ୍ଣମୋହନ ରାଉତରାୟଙ୍କ ସୂଚନା ମୁତାବକ, ଫଗୁ ଦଶମୀରେ ଠାକରଙ୍କ ମାର୍ଫତଦାରଙ୍କ ପକ୍ଷରୁ ଚାଟେରି ଭୋଗ ଖିଆ ପାଇଁ ନିମନ୍ତ୍ରଣ ଆସିଥାଏ। ଦ୍ୱାଦଶୀରେ ଭୋଗ ଖାଇବା ପାଇଁ ପରମ୍ପରା ମୁତାବକ ସମସ୍ତ ରିତୀନୀତିରେ ପୂଜା କାର୍ଯ୍ୟ ପାଇଁ ସମସ୍ତ କାର୍ଯ୍ୟ ଆରମ୍ଭ ହୋଇଥାଏ, ଯାହା ବର୍ଷ ବର୍ଷ ଧରି ଅନୁଷ୍ଠିତ ହୋଉଆସୁଥିବା ବେଳେ ଏହି ଦିନ ଖୋଳ ପୂଜା ହେବା ପରମ୍ପରା ମଧ୍ୟ ରହିଛି। ଯେଉଁ ବାଦ୍ୟ ବିନା ଓଡ଼ିଆ ଏବଂ ଓଡ଼ିଶାର କୌଣସି ଯାନୀଯାତ୍ରା ଅସମ୍ପୂର୍ଣ୍ଣ ଭଳି ଲାଗିଥାଏ ବୋଲି ମନମୋହନ ରାଉତରାୟ କହିଛନ୍ତି।

### ଜରିପଡ଼ା ନାଏବ ସରପଞ୍ଚ ଅଯୋଗ୍ୟ ଘୋଷିତ

**ଟାଙ୍ଗୀ,୧୧।୩ (ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଏକ ମାମଲାର ବିଚାର କରି ଚିଲିକା ବ୍ଲକ ଜରିପଡ଼ା ପଞ୍ଚାୟତ ଅଧୀନ ୪ନମ୍ବର ୱାର୍ଡସଭ୍ୟ ତଥା ନାଏବ ସରପଞ୍ଚ ଅଭିମନ୍ୟୁ ବେହେରା ଓରଫ ରବୀନ୍ଦ୍ରଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଏଥିସହ ତାଙ୍କର ସଭ୍ୟପଦ ରଦ୍ଦ ହୋଇଛି। ସୂଚନା ମୁତାବକ, ନାଏବ ସରପଞ୍ଚ ଅଭିମନ୍ୟୁଙ୍କ ୩ଟି ସନ୍ତାନ ଥିବା ନେଇ ଜଗନ୍ନାଥପୁର ଗ୍ରାମର ଲକ୍ଷ୍ମଣ ବେହେରା ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏକ ମାମଲା ଦାଏର କରିଥିଲେ। ପରବର୍ତ୍ତୀ ସମୟରେ ଅଭିମନ୍ୟୁଙ୍କ ୩ଟି ସନ୍ତାନ ଥିବା ନେଇ ପ୍ରମାଣିତ ହୋଇଥିଲା। ଗତ ଗ୍ରାମପଞ୍ଚାୟତ ସଂଶୋଧନ ଆଇନ ଅନୁଯାୟୀ ୧୯୯୪ ମସିହା ପରବର୍ତ୍ତୀ ସମୟରେ ଅଭିମନ୍ୟୁଙ୍କର ୨ଟି ସନ୍ତାନ ଜନ୍ମ ହୋଇଥିବା ଓ ପୂର୍ବରୁ ୧ଟି ସନ୍ତାନ ଥିବା ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଅଭିମନ୍ୟୁଙ୍କ ୱାର୍ଡ ମେମ୍ବର ସଭ୍ୟପଦ ରଦ୍ଦ କରିଛନ୍ତି ମାଜିଷ୍ଟ୍ରେଟ ଦଳେଇ। ଏଥିସହ ଏହି ପଦବୀ ପୂରଣ ପାଇଁ ପୁନଃ ନିର୍ବାଚନ ନିମନ୍ତେ ପଦକ୍ଷେପ ନେବାଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ନିରଞ୍ଜନ ଦାସ ଏହି ମାମଲା ପରିଚାଳନା କରିଥିଲେ।

# ବାଲୁଗାଁରେ ଗୋଷ୍ଠୀ ସଂଘର୍ଷ ଘଟଣା, ଶାନ୍ତି କମିଟି ଗଠିତ

**ବାଲୁଗାଁ,୧୧।୩ (ସଂଗ୍ରାମ ପାଇକରାୟ)**

ବାଲୁଗାଁ ବଜାରସ୍ଥିତ ଗୁଣ୍ଡୁରୁପୁର ଛକଠାରେ ଦୁଇ ସାହି ବାସିନ୍ଦା ମଧ୍ୟରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣା ବର୍ତ୍ତମାନ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଏହି ଘଟଣାରେ ସମ୍ପୃକ୍ତ ଉଭୟ ଗୋଷ୍ଠୀର ୬ ଜଣଙ୍କୁ ଗିରଫ କରାଯାଇଛି। ଆଗାମୀ ଦିନରେ ହୋଲି ଏବଂ ଦୋଳ ଉତ୍ସବ ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପ୍ରଶାସନର ଆବାହକତ୍ୱରେ ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟ ପରିସର ସଭାଗୃହରେ ଉଭୟ ସାହି ବାସିନ୍ଦାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ କିଶୋର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଯୋଗଦେଇଥିବା ବ୍ୟକ୍ତିବିଶେଷ ଆଗାମୀ ଦିନରେ କିପରି ଉଭୟ ସାହି ବାସିନ୍ଦାଙ୍କ ମଧ୍ୟରେ ଭାଇଚାରା ସମ୍ପର୍କ ସୃଷ୍ଟି ହେବ ସେ ଦିଗରେ ମନ୍ତବ୍ୟ ରଖିଥିଲେ। ଉପଜିଲାପାଳ ପଣ୍ଡା ଏହି ଘଟଣା ଦୁର୍ଭାଗ୍ୟଜନକ ବୋଲି କହିବା ସହ ଶାନ୍ତିପୂର୍ଣ ବାତାବରଣ ରକ୍ଷା ଦିଗରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଆଗାମୀ ଦିନରେ ଯଦି ଏପରି କୌଣସି ପରିସ୍ଥିତି ଉପୁଜେ ତୁରନ୍ତ ପୋଲିସକୁ ସୂଚନା ଦେବା ପାଇଁ ନିବେଦନ କରିଥିଲେ। ଏଥିସହ ଉଭୟ ସାହି ବାସିନ୍ଦା ନିଜ ଗ୍ରାମରେ ବୈଠକ କରି ଭାଇଚାରା ଓ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ପଦକ୍ଷେପ ନେବା ଲାଗି କହିଥିଲେ। ଶେଷରେ ଉଭୟ ସାହି ବାସିନ୍ଦାଙ୍କ ସହମତିକ୍ରମେ ଶାନ୍ତି କମିଟି ଗଠନ ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡା, ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼ାଇ, ଚିଲିକା ବିଡିଓ ପୁନମ ମହାପାତ୍ର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଆଇ ସୌମ୍ୟକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

### ସାମାଜିକକର୍ମୀ ବିଦ୍ୟାଧର ଜେନାଙ୍କ ପରଲୋକ

**ଖୋର୍ଦ୍ଧା,୧୧।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଶିଆଳିଆପାଟନା ଗ୍ରାମର ବର୍ଷୀୟାନ କଳାକାର ତଥା ସାମାଜିକକର୍ମୀ ବିଦ୍ୟାଧର ଜେନାଙ୍କ ହୃଦଘାତରେ ମଙ୍ଗଳବାର ଏମ୍ସ ମେଡିକାଲରେ ପରଲୋକ ହୋଇଯାଇଛି। ସେଠାରେ ତାଙ୍କ ପୁଅ ସୁକାନ୍ତ ଜେନା, ପୁତୁରା ଗାଣ୍ଡୁ ଜେନା ଏବଂ ତିନି ଝିଆଁ ଉପସ୍ଥିତ ଥିଲେ। ବିଦ୍ୟାଧର ଜଣେ ମେଳାପୀ ଏବଂ ବନ୍ଧୁ ବତ୍ସଳ ବ୍ୟକ୍ତିଭାବେ ଜଣାଶୁଣା ଥିଲେ। ଏଥିସହ ସେ କାଳୀ ମନ୍ଦିରର ସଦସ୍ୟ ଏବଂ ବହୁ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ସମାଜସେବୀ ସଞ୍ଜୟ ପଟ୍ଟନାୟକ, ଆଇନଜୀବୀ ସନତ୍ ପଟ୍ଟନାୟକ, ବିଜୟ ସେଠୀ, ପ୍ରକାଶ ପଟ୍ଟନାୟକ, ମନୋଜ ଦାଶ, ଧନେଶ୍ୱର ବିଧାର, ବିରଞ୍ଚି ଚମ୍ପତି, ରବି ଚମ୍ପତି, ସନ୍ତୋଷ ଜେନା, ପ୍ରଦୀପ ପାଇକରାୟ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ୭୨ଘଣ୍ଟା ପରେ ବି ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

**ଖୋର୍ଦ୍ଧା,୧୧।୩(ପ୍ରଭାତ ପାଣିଗ୍ରାହୀ)**

**ଯୁବକଙ୍କୁ ଟେକିନେଇ ମାଡ଼ମାରି ଜଙ୍ଗଲରେ ଫିଙ୍ଗିଦେବା ଘଟଣା**
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ
- ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ

ଖୋର୍ଦ୍ଧା ସଦର ଥାନା ଅଧୀନ ଛତ୍ରମାର ସୁବ୍ରତ ସୁନ୍ଦରାୟଙ୍କୁ ବନ୍ଧୁକ ଦେଖାଇ କେତେଜଣ ଯୁବକ ଅପହରଣ କରିନେଇ ମାଡ଼ମାରିବା ସହ ଜଟଣୀ ଥାନା ଅଧୀନ ଅରୁଗୁଳ ଜଙ୍ଗଲରେ ଫିଙ୍ଗିଦେଇଥିଲେ। ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ସୁବ୍ରତଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ଭୁବନେଶ୍ୱର ଏମ୍ସ ମେଡିକାଲରେ ତାଙ୍କର ଚିକିତ୍ସା ଚାଲିଛି। ଏନେଇ ସୁବ୍ରତଙ୍କ ମା'ଙ୍କ ଅଭିଯୋଗକ୍ରମେ ସଦର ପୋଲିସ ଏକ ମାମଲା(ନଂ.୬୬/୨୫) ରୁଜୁ କରିଛି। ତେବେ ଏହି ଘଟଣାକୁ ୭୨ ଘଣ୍ଟା ବିତିଥିଲେ ମଧ୍ୟ ପୋଲିସ ଚୁପ୍ ବସିଛି ବୋଲି ଅଭିଯୋଗ ହୋଇଛି। ଅନ୍ୟପଟେ ଅପହରଣ ଦିନ ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଆକ୍ରମଣକାରୀଙ୍କ ମଧ୍ୟରେ ଭୁବନେଶ୍ୱର ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀ ରହିଥିବା ଜଣାପଡିଛି। ସେହିପରି ନନ୍ଦପୁର ଗ୍ରାମର ଜଣେ ପ୍ରଭାବଶାଳୀ ନେତାଙ୍କ ଇଙ୍ଗିତରେ ଏହି ଘଟଣା ଘଟିଥିବା ଏବଂ ସେ ଜଣେ ବିଧାୟକଙ୍କ ଛତ୍ରଛାୟା ତଳେ ରହିଥିବାରୁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ଗତ ୭ତାରିଖରେ ନନ୍ଦପୁର ଗ୍ରାମର ବିବାହ ଶୋଭାଯାତ୍ରା ଛତ୍ରମା ଗ୍ରାମକୁ ଯାଇଥିଲା। କୌଣସି କାରଣକୁ ନେଇ ଅପହରଣକାରୀଙ୍କ ସହ ସୁବ୍ରତଙ୍କ ବଚସା ହୋଇଥିଲା। ଏହାକୁ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତିକରି ଦୁଇଟି ପୃଥକ ମାମଲା ରୁଜୁ କରିଛି। ତେବେ ରବିବାର ଅପରାହ୍ନ ୫ଟାରେ ଛତ୍ରମା ଗ୍ରାମର ମହାଦେବ ମନ୍ଦିର ନିକଟରେ ଅପହରଣକାରୀ ଏକ କାରରେ ଆସି ଓହ୍ଲାଇଥିଲେ। କେହି କିଛି ବୁଝିବା ପୂର୍ବରୁ ବନ୍ଧୁକ, ମାରଣାସ୍ତ୍ର ଦେଖାଇ ସୁବ୍ରତଙ୍କୁ ସେଠାରୁ ଉଠାଇନେଇ ମାଡ଼ମାରିବା ସହ ଅରୁଗୁଳ ଜଙ୍ଗଲରେ ଫିଙ୍ଗିଦେଇଥିଲେ। ସୁବ୍ରତଙ୍କଠାରୁ ଖବରପାଇ ପୋଲିସ ତାଙ୍କୁ ରାତିରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମୃତା


@ ଲିକୁନ୍


@ ନିଗମ


@ ଶାଶ୍ୱତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

### ଅଧ୍ୟୟନ ସହିତ ମନୋବଳ ବୃଦ୍ଧି କରୁଛି ପ୍ରତିଯୋଗିତା

**ବେଗୁନିଆ,୧୧।୩(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ କୋତଲାଙ୍ଗ ଗ୍ରାମସ୍ଥିତ ସିନ୍ଦୁରମୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପବିଧର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୁଧିଷ୍ଠିର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷାବିତ୍ ଦାଶରଥି ପ୍ରଧାନ, ସିଆର୍‌ସିସି ସଞ୍ଜୟ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ପରିଡା ଅତିଥିଙ୍କ ପରିଚୟ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟୟନ ସହିତ ମନୋବଳ ବୃଦ୍ଧି କରୁଛି ପ୍ରତିଯୋଗିତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ମାନସ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

### ଷ୍ଟାର ଇଲେଭେନ ସାରୁଆ ବିଜୟୀ

**ଖୋର୍ଦ୍ଧା,୧୧।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଅଧୀନ କୁରାଢମଲ୍ଲଠାରେ ଚାଲିଥିବା ରୀତା ଟିକିନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଏଭରେଷ୍ଟ କ୍ରିକେଟ କ୍ଲବ ଘାଟିକିଆ ଏବଂ ଷ୍ଟାର ଇଲେଭେନ ସାରୁଆ ଟିମ୍ ମଧ୍ୟରେ ମ୍ୟାଚ ହେଇଥିଲା। ଟସ୍ ଜିତି ଏଭରେଷ୍ଟ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୩୪ ରନ ସଂଗ୍ରହ କରିଥିଲା। ଜବାବରେ ଷ୍ଟାର ଇଲେଭେନ ଟିମ୍ ୧୪ ଓଭରରେ ୪ଉଇକେଟ ବିନିମୟରେ ୧୩୭ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଶିବ ରାଉତ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ପ୍ରଦୀପ ସିଂ ଏବଂ ଶ୍ରଦ୍ଧାନନ୍ଦ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ସାମନ୍ତରାୟ, ସାମାଜିକକର୍ମୀ ଗୋପୀନାଥ ମହାରଥି, କାଇପଦର ସେବା ସମବାୟ ସମିତିର ସମ୍ପାଦକ ଝଜ ସାମନ୍ତରାୟ, ସନ୍ତୋଷ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଫାଇନାଲ ମ୍ୟାଚ ଷ୍ଟାର ଇଲେଭେନ ସାରୁଆ ଏବଂ ମା' ବାଉତୀ କ୍ଲବ ମଧ୍ୟରେ ହେବ ବୋଲି ଆୟୋଜକ ମା'ବାଉତୀ କ୍ରିକେଟ କ୍ଲବର ସମ୍ପାଦକ ତିରୁପତି ସାମନ୍ତରାୟ ସୂଚନା ଦେଇଛନ୍ତି।



ଅତିଥିଙ୍କଠାରୁ ଜଣେ ଖେଳାଳି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ**

ସାକ୍ଷୀଗୋପାଳ,(ଭରତ ରାଉତ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ସତ୍ୟ ଶିବ ସୁନ୍ଦର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଅଧାପିକା ଶୁଭ୍ରଦୀପ୍ତା ପଟ୍ଟନାୟକ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଗଣିତ ବିଭାଗର ମୁଖ୍ୟ, ପ୍ରାଧାପକ ଧନୁର୍ଦ୍ଧର ମୁଦୁଲି ଯୋଗଦେଇ ଆତ୍ମରକ୍ଷା ତାଲିମର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଶିବିରର ସଂଯୋଜିକା ଭାରତୀ ମହାପାତ୍ର ଓ ମାଷ୍ଟର ଟ୍ରେନର ପାର୍ବତୀ ମହାରଣା ମଞ୍ଚାସୀନ ଥିଲେ। ଅଧକ୍ଷ ମିଶ୍ର ଓ ଅନ୍ୟ ଅତିଥିମାନେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବାଣ୍ଟିଥିଲେ। ମହାବିଦ୍ୟାଳୟ ହିସାବ ରକ୍ଷକ ମହେଶ୍ୱର ମିଶ୍ର ଧନ୍ୟବାଦ ଦେଇଥିଲେ।






୧୧।୩।୨୦୨୫

| ୫,୭୮,୮୪୨ ଟଙ୍କା | |
|---|---|
| ସୁନା | ୮୫୦ ମିଲିଗ୍ରାମ୍ |
| ରୁପା | ୫୯.୧୦୦ ଗ୍ରାମ୍ |

# ମଠାଧୀଶ, ସାଧୁସନ୍ଥଙ୍କ ସହ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

## ମହୋଦଧିରେ ଗୋବିନ୍ଦ ଦ୍ୱାଦଶୀ ବୁଡ଼

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି)

ଫାଲ୍‌ଗୁନ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଚଳିତବର୍ଷ ପୁଷ୍ୟା ନକ୍ଷତ୍ରଯୁକ୍ତ ହେଉଥିବାରୁ ଆଂଶିକ ଗୋବିନ୍ଦ ଦ୍ୱାଦଶୀ ଦୁର୍ଲଭ ବୁଡ଼ ତୀର୍ଥରାଜ ସମୁଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦ ଦ୍ୱାଦଶୀରେ ବୁଡ଼ ପକାଇବା ପାଇଁ ମହୋଦଧିରେ ସାଧୁସନ୍ଥ, ବିଭିନ୍ନ ମଠର ମଠାଧୀଶଙ୍କ ସମେତ ପୁରୀବାସୀ ଭିଡ଼ ଜମାଇଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ବେଳାଭୂମିରେ ଆଲୋକୀକରଣ କରାଯିବା ସହ ପର୍ଯ୍ୟାପ୍ତ ପରିମାଣର ଲାଇଫ୍ ଗାର୍ଡ ଓ ପୋଲିସ ମୁତୟନ ହୋଇଥିଲେ। ମଙ୍ଗଳବାର ସକାଳ ୬ଟା ୩୦ରେ ଶ୍ରୀକ୍ଷେତ୍ରର ବିଭିନ୍ନ ମଠର ମଠାଧୀଶ, ସାଧୁସନ୍ଥ ଓ ଶ୍ରଦ୍ଧାଳୁ ପ୍ରମୁଖ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଶୋଭାଯାତ୍ରାରେ ବାହାରି ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ନାରାୟଣ ଘାଟଠାରେ ପହଞ୍ଚିଥିଲେ। ପରେ ସମସ୍ତ ମଠାଧୀଶ, ସାଧୁସନ୍ଥ, ଶ୍ରଦ୍ଧାଳୁ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ସାମୂହିକ ବୁଡ଼ ପକାଇଥିଲେ।



ମହୋଦଧିରେ ସାଧୁସନ୍ଥମାନେ ବୁଡ଼ ପକାଉଛନ୍ତି।

ଏଥିମଧ୍ୟରେ ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ଉତ୍ତରପାର୍ଶ୍ୱ ମଠ ମହନ୍ତ ସ୍ୱାମୀ ନାରାୟଣ ରାମାନୁଜାଚାର୍ଯ୍ୟ ଦାସ ମହାରାଜ, ବଡ଼ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ, ନେବଳ ଦାସ ମଠାଧୀଶ ଡ. ରାମଚରଣ ଦାସ ମହାରାଜ, ମହୀପ୍ରକାଶ ମଠ ମହନ୍ତ ସ୍ୱାମୀ ଶୁଭାନନ୍ଦ ମହାରାଜ, ମାତାମଠ ମହନ୍ତ ସୁବଳ ଚରଣ ଦାସ ମହାରାଜ ପ୍ରମୁଖଙ୍କ ସହ ବିଭିନ୍ନ ମଠର ମଠାଧୀଶ ଓ ସାଧୁସନ୍ଥ, ଅଭିନେତା ସବ୍ୟସାଚୀ ମହାପାତ୍ର ମଧ୍ୟ ସାମିଲ ହୋଇ ବୁଡ଼ ପକାଇଥିଲେ।

ଏନେଇ ଛତିଶା ନିଯୋଗ ମହାନାୟକ ପାଟ୍ଟଯୋଶୀ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦ ଓ ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟ ହେଉଛି। ମହାପ୍ରଭୁଙ୍କ ମଙ୍ଗଳ ଆଳତି ସମୟରେ ଜଗତର ମଙ୍ଗଳ କାମନା କରିବା ସହ ଆଜ୍ଞାମାଳ ଆଣି ଗୋବିନ୍ଦ ଦ୍ୱାଦଶୀ ବୁଡ଼ରେ ସାମିଲ ହୋଇଥିଲି। ମାତ୍ର ପ୍ରଚାର ପ୍ରସାର ଅଭାବରୁ ଲୋକେ ଜାଣିପାରୁନାହାନ୍ତି। ଅଭିନେତା ସବ୍ୟସାଚୀ କହିଛନ୍ତି, ଗୋବିନ୍ଦ ଦ୍ୱାଦଶୀ ବୁଡ଼ ଅବସରରେ ସାଧୁସନ୍ଥ, ମଠାଧୀଶଙ୍କ ଗହଣରେ ବୁଡ଼ ପକାଇ ଭାଗ୍ୟବାନ୍ ମନେକରୁଛି। ପୁରୀର ମଠାଧୀଶ ସେବାସଂଘ, ଶ୍ରୀମନ୍ଦିର ଛତିଶା ନିଯୋଗ, ଶ୍ରୀଜଗନ୍ନାଥ ସେବାସଂସ୍ଥାନ, ପରିବର୍ତ୍ତନ ଓଡ଼ିଶା, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଆଠସାହି ଆଖଡ଼ା ମିଳିତ ସମନ୍ୱୟ ସମିତିଙ୍କ ସହଯୋଗରେ ବୁଡ଼ ସମ୍ପନ୍ନ ହୋଇଛି।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ଡେଲାଙ୍ଗ,୧୧।୩(ରଶ୍ମିରଞ୍ଜନ ପ୍ରଧାନ)

ଭୁବନେଶ୍ୱରରୁ ଘରକୁ ସୋମବାର ରାତି ସମୟରେ ବାଇକ୍ ଯୋଗେ ଫେରୁଥିବାବେଳେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡେଲାଙ୍ଗ ଥାନା ଅଧୀନ ବେରବୋଇ ଗ୍ରାମ ରାଉତ ସାହି ଗ୍ରାମର ଜ୍ୟୋତିରଞ୍ଜନ(୩୦)। ରାତି ପ୍ରାୟ ୧୧ଟାରେ ଜ୍ୟୋତିରଞ୍ଜନ ବାଇକ୍ ଯୋଗେ ଗାଁକୁ ଫେରୁଥିବାବେଳେ ବୁଆଲି କେନାଲ ବନ୍ଧ ନିକଟରେ କୁହୁଡ଼ି ଯୋଗୁ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପରିବାରକୁ ଖବର ଦେବା ସହ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ପିଇସା ଅଶୋକ କୁମାର ପାଲଟାସିଂ ଡେଲାଙ୍ଗ ଥାନାରେ ଏକ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିବା ଜଣାପଡ଼ିଛି।

## ଘର ଆଗରୁ ବାଇକ୍ ଚୋରି

ନିମାପଡ଼ା,୧୧।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ପୁରୁଷଣ୍ଡ ଗ୍ରାମର ହୁଲାସିନୀ ମଲ୍ଲିକଙ୍କ ଘର ଆଗରୁ ଗତ ୩ ତାରିଖରେ ବାଇକ୍(ଓଡି ୧୩ଏସ୍ ୮୬୭୪) ଚୋରି ହୋଇଥିବା ନେଇ ସେ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୬୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ଡେଲାଙ୍ଗ,୧୧।୩(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଧୀନ ବସନ୍ତପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ନେଇ ଆହତଙ୍କ ସ୍ତ୍ରୀ ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଆହତ ଜୟକୃଷ୍ଣ ସ୍ୱାଇଁ (୪୨) ନଦୀବନ୍ଧ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ପାଖରେ କାମ ତଦାରଖ କରନ୍ତି। ଶ୍ରମିକଙ୍କ ଦରମା ବାବଦ ଠିକାଦାରଙ୍କଠାରୁ ଟଙ୍କା ନେଇ ଜୟକୃଷ୍ଣ ଫେରୁଥିଲେ। ଏହି ସମୟରେ ପୂର୍ବରୁ ଛକିରହିଥିବା କେତେଜଣ ଯୁବକ ତାଙ୍କୁ କୁମୁଣ୍ଡାଳ ନିକଟରେ ଅଟକାଇ ଆକ୍ରମଣ କରିଥିଲେ। ଏନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଜୟକୃଷ୍ଣ ଗୁରୁତର ଅବସ୍ଥାରେ ଘଟଣାସ୍ଥଳରେ ପଡ଼ିରହିଥିବା ଦେଖି ପୋଲିସ ତାଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଏହି ଆକ୍ରମଣରେ ତାଙ୍କ ୨ ଗୋଡ଼ ଓ ହାତ ଭାଙ୍ଗି ଯାଇଥିବାବେଳେ ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି। ଆଗକୁ ଏହି ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିବାର ଆଶଙ୍କା କରି ଡେଲାଙ୍ଗ ଥାନା ଓ ହରିରାଜପୁର ଫାଣ୍ଡିର ୨୦ରୁ ଅଧିକ ସଶସ୍ତ୍ର ପୋଲିସ ବାହିନୀ ଗାଁରେ ଉପସ୍ଥିତ ଥିବା ଜଣାପଡ଼ିଛି। ସେହିପରି ଅପରପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ବୃଦ୍ଧାଙ୍କ ବେକରୁ ଚେନ୍ ଲୁଟ୍

ଯୋଗେଶ୍ୱରପୁର,୧୧।୩(ରଶ୍ମିରଞ୍ଜନ ସାହୁ)

ଜଣେ ବୃଦ୍ଧାଙ୍କ ବେକରୁ ୨ ଜଣ ଲୁଟେରା ସୁନା ଚେନ ଲୁଟି ନେଇଥିବା ମଙ୍ଗଳବାର ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ନୟାହାଟ ଫାଣ୍ଡି ଅଧୀନ ଦୁର୍ଗେଶ୍ୱର ଗଡ଼ ଗ୍ରାମର ତପନ ବିଶ୍ୱାଳଙ୍କ ବୋଉ ଇନ୍ଦ୍ରମଣି ବିଶ୍ୱାଳ(୯୦) ତାଙ୍କ ପାନ ଦୋକାନରେ ବସିଥିଲେ। ଏହି ସମୟରେ ୨ ଜଣ ଯୁବକ ମାସ୍କ ପିନ୍ଧି ବାଇକ୍‌ରେ ଆସି ପାନ ମାଗିଥିଲେ। ଇନ୍ଦ୍ରମଣି ପାନ ଦେବା ମଧ୍ୟରେ ତାଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ନେଇ ଲୁଟେରାମାନେ ଗୋପ ଆଡକୁ ପଳାଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ଜଣେ ନୟାହାଟ ଓ ଅନ୍ୟଜଣେ କୋଣାର୍କ ଅଞ୍ଚଳର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ଗର୍ଭବତୀଙ୍କୁ ନାଳ ପାର କରାଇଲେ ପରିବାର, ଆଶାକର୍ମୀ

## ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରିଲାନି

କାକଟପୁର/ ଅସ୍ତରଙ୍ଗ,୧୧।୩
(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ ଦୀକ୍ଷିତ)

ପୁଣି ଜନନୀ ଯନ୍ତ୍ରଣାର କରୁଣ ଚିତ୍ର ସାମ୍ନାକୁ ଆସିଛି। ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରି ନ ଥିଲା। ଶେଷରେ ଗର୍ଭ ଯନ୍ତ୍ରଣା ପାଉଥିବା ମହିଳାଙ୍କୁ ଧରି ବନ୍ଧୁ ପରିଜନ ଓ ଆଶାକର୍ମୀ ଏକ ନାଳ ପାର କରାଇଛନ୍ତି। ଏଭଳି ଘଟଣା ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଧୀନ ମାଣ୍ଡୁକି ପଞ୍ଚାୟତ ଅନ୍ତର୍ଗତ କାଳିଆ ନାଳ ନିକଟରେ ଦେଖିବାକୁ ମିଳିଛି।

ଖବର ମୁତାବକ, ମାଣ୍ଡୁକି ପଞ୍ଚାୟତ ୫ନଂ. ୱାର୍ଡର କବୀନ୍ଦ୍ର କାଣ୍ଡିଙ୍କ ସ୍ତ୍ରୀ ଇତିଶ୍ରୀ ଭୋଇ ପ୍ରସବ ବେଦନାରେ ଛଟପଟ ହେଉଥିବାବେଳେ ଶନିବାର ପରିବାର ଲୋକେ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ଉକ୍ତ ଗ୍ରାମକୁ ପକ୍କା ରାସ୍ତା ନ ଥିବା ଓ କାଳିଆ ନାଳରେ ପାଣିର ଯୋର ଥିବାରୁ ଉକ୍ତ ନାଳକୁ ପାର କରି ପହଞ୍ଚିପାରି ନ ଥିଲା। ଦୀର୍ଘ ବର୍ଷ ହେବ ଉକ୍ତ ନାଳରେ ଏକ କାଠ ପକାଇ ଲୋକେ ଯାତାୟାତ କରୁଥିବାବେଳେ ଇତିଶ୍ରୀଙ୍କୁ ତାଙ୍କ ପରିବାର ଓ ଆଶାକର୍ମୀ କବିତା ରଥ ନାଳରେ ବିପଦପୂର୍ଣ୍ଣ ଭାବେ ବୋହି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ।



ଗର୍ଭବତୀଙ୍କୁ ନାଳ ପାରି କରାଯାଉଛି।

ଏହା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା

ତେବେ ଏଠି ପ୍ରଶ୍ନ ଉଠୁଛି, ଯଦି ରାସ୍ତା ନ ଥିବାରୁ ଖରାଦିନେ ରୋଗୀଙ୍କୁ ନାଳ ପାର ହୋଇ ଡାକ୍ତରଖାନା ନେବାକୁ ପଡୁଛି, ତେବେ ବର୍ଷାଋତୁରେ ଏଠି ଲୋକେ କିପରି ସ୍ୱାସ୍ଥ୍ୟ ସେବା ପାଇପାରୁଥିବେ ତାହା ବେଶ ଅନୁମେୟ। ଏଠାରେ ସରକାରୀ ଯୋଜନା ପହଞ୍ଚି ପାରୁ ନ ଥିବାରୁ ଅନେକ ସମୟରେ ଲୋକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବାକୁ କଷ୍ଟ ହୁଏ। ଏନେଇ ମାଣ୍ଡୁକି ସରପଞ୍ଚ ଅସ୍ତରଙ୍ଗ ବ୍ଲକରେ ଏକ ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ବ୍ଲକ ପ୍ରଶାସନ ସେତୁ ପାଇଁ ତତ୍ପରତା ପ୍ରକାଶ କରୁ ନ ଥିବା ସରପଞ୍ଚଙ୍କ ପ୍ରତିନିଧି ସୂଚନା ଦେଇଛନ୍ତି।

## ମହାପ୍ରଭୁଙ୍କ ଚତୁର୍ଥ ବେଣ୍ଟ ନୀତି ସମ୍ପନ୍ନ

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି)

ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ ତିଥି ଅବସରରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ମହାପ୍ରଭୁଙ୍କ ଚଳିତ ବର୍ଷର ଚତୁର୍ଥ ବେଣ୍ଟ ନୀତି ଶ୍ରୀଜଗନ୍ନାଥବଲ୍ଲଭ ପରିସରରେ ଥିବା ବେଣ୍ଟ ପୋଖରୀରେ ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହଙ୍କ ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକମାନେ ନୀତି ନିମନ୍ତେ ଦକ୍ଷିଣଘରୁ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡାସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଦେଇଥିଲେ। ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ବେଣ୍ଟ (ଶିକାର) ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେ କରାଇଥିଲେ। ପରେ ବିମାନବଡୁ ସେବକମାନେ ବିମାନରେ ଠାକୁରଙ୍କୁ ନେଇ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ବିଜେ କରାଇଥିଲେ।

ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ବନ୍ଦାପନା ସମ୍ପନ୍ନ ହେବା ପରେ ଶ୍ରୀରାମଚନ୍ଦ୍ର ମହାଜନଙ୍କ ହସ୍ତରେ ବେଣ୍ଟ ନୀତି ନିମନ୍ତେ ମଠ ପରିସରରେ ଥିବା ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଶରଗୁଡ଼ିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳ ବେହେରାଙ୍କୁ ଦେଇଥିଲେ। ଲେଙ୍କା ସେବକ ପଇଡ଼ଗୁଡ଼ିକୁ ମୃଗ ଭାବେ ବିବେଚନା କରି ଶରବିଦ୍ଧ କରିଛନ୍ତି। ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ଼ ରଖାଯାଇଥିଲା। ସେଥିମଧ୍ୟରୁ ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ନିର୍ବାଚନ ପ୍ରକ୍ରିୟା ମଜଭୁତ କରିବାକୁ କମିଶନଙ୍କ ଉଦ୍ୟମ

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି)

ଆଇନଗତ ଢାଞ୍ଚାରେ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ମଜଭୁତ କରିବା ପାଇଁ ନିର୍ବାଚନ କମିଶନ ଦଳୀୟ ସଭାପତି ଏବଂ ବରିଷ୍ଠ ନେତାମାନଙ୍କୁ ଆଲୋଚନା ପାଇଁ ନିମନ୍ତ୍ରଣ କରିଛନ୍ତି। ଭାରତୀୟ ନିର୍ବାଚନ କମିଶନ ଏପ୍ରିଲ୍ ୩୦, ୨୦୨୫ ସୁଦ୍ଧା ସମସ୍ତ ଜାତୀୟ ଏବଂ ରାଜ୍ୟ ରାଜନୈତିକ ଦଳଗୁଡ଼ିକଠାରୁ ଇଆର୍‌ଓ, ଡିଇଓ କିମ୍ବା ସିଇଓସ୍ତରରେ ଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଆମନ୍ତ୍ରଣ କରିଛନ୍ତି। ମଙ୍ଗଳବାର ରାଜନୈତିକ ଦଳଗୁଡ଼ିକୁ ଜାରି କରାଯାଇଥିବା ଏକ ବ୍ୟକ୍ତିଗତ ଚିଠିରେ କମିଶନ ପ୍ରତିଷ୍ଠିତ ଆଇନ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ମଜଭୁତ କରିବା ପାଇଁ ଦଳର ସଭାପତି ଏବଂ ବରିଷ୍ଠ ସଦସ୍ୟଙ୍କ ସହ ଆଲୋଚନା ନିମନ୍ତେ ଯୋଜନା କରିଛନ୍ତି।

ପୂର୍ବରୁ ଗତ ସପ୍ତାହରେ ଏକ ଇସିଆଇ ସମ୍ମିଳନୀ ସମୟରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ଇଆର୍‌ଓ, ଡିଇଓ ଏବଂ ସିଇଓମାନଙ୍କୁ ରାଜନୈତିକ ଦଳଗୁଡ଼ିକ ସହିତ ନିୟମିତ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ମାର୍ଚ୍ଚ ୩୧, ୨୦୨୫ ସୁଦ୍ଧା କମିଶନଙ୍କୁ ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନର କୁମାର ରାଜନୈତିକ ଦଳଗୁଡ଼ିକୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଜନପ୍ରତିନିଧିତ୍ୱ ଆଇନ ୧୯୫୦ ଏବଂ ୧୯୫୧ ଭୋଟର ପଞ୍ଜୀକରଣ ନିୟମ, ୧୯୬୦ ନିର୍ବାଚନ ନିୟମ ଆଚରଣ, ୧୯୬୧ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ, ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ, ମାନୁଆଲ୍, ହ୍ୟାଣ୍ଡବୁକ୍‌ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ଏକ ବିକେନ୍ଦ୍ରୀକୃତ, ଦୃଢ଼, ସ୍ୱଚ୍ଛ ଆଇନଗତ ଢାଞ୍ଚା ପ୍ରତିଷ୍ଠା କରିଛି।

# ହସ୍ତଶିଳ୍ପର ବିକାଶ ପାଇଁ ସମସ୍ତ ପ୍ରକାର ସହଯୋଗ ଦିଆଯିବ

## ସୌର ଉଦ୍ୟୋଗୀ ମେଳା

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି)

ପୃଥିବୀରେ ଜଳବାୟୁ ପରିବର୍ତ୍ତନର ବହୁ ନକାରାତ୍ମକ ପ୍ରଭାବ ପଡ଼ିବାକୁ ଯାଉଛି। ଆମ୍ଭେମାନେ ନିର୍ଭର କରୁଥିବା ପ୍ରାକୃତିକ ଶକ୍ତିସ୍ରୋତ ଯଥା ପାଣି, ନଦୀ, ଜଳ, ଭୂମି ଇତ୍ୟାଦିରୁ ମିଳୁଥିବା ସୁବିଧାଗୁଡ଼ିକ ଧୀରେ ଧୀରେ କମିଯାଉଛି। ଏନେଇ ଭାରତ ସରକାରଙ୍କ ହସ୍ତଶିଳ୍ପ ଓ ହସ୍ତତନ୍ତ ବିଭାଗ ସହାୟତାରେ ସେଲ୍‌କୋ ଫାଉଣ୍ଡେଶନ ଏବଂ ସାମାଜିକ ସଂଗଠନ ସ୍ପନ୍ଦନର ମିଳିତ ଆନୁକୂଲ୍ୟରେ ସୌର ଉଦ୍ୟୋଗୀ ମେଳା ସ୍ଥାନୀୟ ଅର୍ବାନ ହାଟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହସ୍ତଶିଳ୍ପ ବିଭାଗର ଉପନିର୍ଦ୍ଦେଶକ ଉମାପତି ବେନିଆ ବେହେରା ଯୋଗଦେଇ ହସ୍ତଶିଳ୍ପର ବିକାଶ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।




ସୌର ଉଦ୍ୟୋଗୀ ମେଳାରେ ଅତିଥିମାନେ କାଟାଲଗ୍ ଉନ୍ମୋଚନ କରୁଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ପଙ୍କଜ ଜୈନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ବନ ବିଭାଗର ଜିଲା ସଂଯୋଜକ ଦେବାଶିଷ ପତି, ସେଲ୍‌କୋ ଫାଉଣ୍ଡେଶନ ଓଡ଼ିଶାର ସତ୍ୟପ୍ରିୟ ସାହୁ ଏବଂ କୁମ୍ଭକାର ନିଯୋଗର ସମ୍ପାଦକ ଲକ୍ଷ୍ମୀଧର ବିଶୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିଳ୍ପ ଉନ୍ନତି ଯୋଜନା ଦ୍ୱାରା ହୋଇଥିବା କାର୍ଯ୍ୟକ୍ରମର ସବିଶେଷ ବିବରଣୀ ଥିବା କାଟାଲଗ୍ ଉନ୍ମୋଚିତ ହେବା ସହିତ ଶିଳ୍ପ ଉନ୍ନତି ଯୋଜନା ଦ୍ୱାରା ଚିହ୍ନଟ କୁମ୍ଭକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ପନ୍ଦନର ନିର୍ଦ୍ଦେଶକ ଶାଶ୍ୱତ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିବା ବେଳେ ସେଲ୍‌କୋର କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜିଲା ହସ୍ତଶିଳ୍ପ ଅଧିକାରୀ ସୂର୍ଯ୍ୟକାନ୍ତ ପଣ୍ଡା, ସ୍ପନ୍ଦନର ଅଧ୍ୟକ୍ଷା ବର୍ଷାରାଣୀ ମିଶ୍ର, ସାମାଜିକ କର୍ମୀ ଶିବାଙ୍ଗୀ ବେହେରା, କୁମ୍ଭକାର ଶ୍ୟାମ ବିଶୋଇ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଏଥିରେ ହସ୍ତଶିଳ୍ପ ସାମଗ୍ରୀକୁ ନେଇ ୧୦ଟି ଷ୍ଟଲ୍ ଖୋଲାଯାଇଥିବା ବେଳେ କୁମ୍ଭକାର, ମହିଳା ଉଦ୍ୟୋଗୀ ଏବଂ କ୍ଷୁଦ୍ର ବ୍ୟବସାୟୀ ବହୁସଂଖ୍ୟାରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଗୁରୁ ଗଙ୍ଗାଧର ଗୋଟିପୁଅ ଗୁରୁକୁଳ, ରଘୁରାଜପୁର ପକ୍ଷରୁ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା।

![ସେଲ୍‌ଫି କର୍ଣ୍ଣର ଧରିତ୍ରୀ]

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମୃତା



@ ଲିକୁନ୍



@ ନିଗମ



@ ଶାଶ୍ୱତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବକେୟା ଟିକସ ପୈଠ ନ କଲେ ଅନୁଦାନ ବନ୍ଦ

ନିମାପଡ଼ା,୧୧।୩(ରଞ୍ଜନ ପଟ୍ଟନାୟକ)

ପୌରାଞ୍ଚଳବାସୀଙ୍କ ଉପରେ ବର୍ଷ ବର୍ଷ ଧରି ବାକି ପଡ଼ିଥିବା ହୋଲ୍ଡିଂ ଟିକସ ମଧ୍ୟରୁ ଯଦି ପ୍ରାୟ ୪୫% ଟିକସ ଏନ୍‌ଏସି କର୍ତ୍ତୃପକ୍ଷ ଆଦାୟ କରି ଚଳିତମାସ ଶେଷ ସୁଦ୍ଧା ପୈଠ ନ କରନ୍ତି, ତେବେ ଏନ୍‌ଏସି ୨୦୨୫-୨୬ ଆର୍ଥିକ ବର୍ଷରେ ବିଭାଗୀୟ ଆର୍ଥିକ ଅନୁଦାନ ପାଇବ ନାହିଁ ବୋଲି ନଗର ଉନ୍ନୟନ ବିଭାଗ ଦେଇଥିବା ଚେତାବନୀକୁ କେନ୍ଦ୍ର କରି ଅଚଳାବସ୍ଥା ସୃଷ୍ଟି ହୋଇଛି। ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରି ନ ପାରିଲେ ଯଦି ଅନୁଦାନ ବନ୍ଦ ହୁଏ, ତେବେ ବିକାଶରେ ବାଧା ଉପୁଜିବା ସମ୍ଭାବନା ଥିବାରୁ କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତ୍ତିରେ ଟିକସ ଆଦାୟ କରିବାରେ ଲାଗିପଡ଼ିଥିବା ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ୧୧ଟି ୱାର୍ଡ଼କୁ ନେଇ ଗଠିତ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ୩୮୦୦ ପରିବାର ବସବାସ କରୁଛନ୍ତି। ୨୭% ପରିବାର ନିୟମିତ ଟିକସ ଦେଇ ଆସୁଥିବାବେଳେ ଏ ବାବଦରେ ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏନ୍‌ଏସିକୁ ମିଳେ। ମାତ୍ର ୨୦୦୯ରୁ ୨୦୨୫ ତଥା ଦୀର୍ଘ ୧୬ ବର୍ଷ ଧରି ପ୍ରାକ୍ତନ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଅବଶିଷ୍ଟ ୭୩% ପରିବାର ଓ ବ୍ୟବସାୟୀଙ୍କ ଉପରେ ଟିକସ ବାବଦରେ ପ୍ରାୟ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନାଦାୟ ପଡ଼ି ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪୦ ଜଣଙ୍କ ଉପରେ ପ୍ରାୟ ୪୦ ଲକ୍ଷ ଟଙ୍କା ଟିକସ ବାକି ପଡ଼ିଛି। ବିଶେଷକରି ଏମାନଙ୍କ ମଧ୍ୟରୁ ଅଧିକାଂଶ ବହୁ ପ୍ରଭାବଶାଳୀ ଓ ପ୍ରତିପତ୍ତିସମ୍ପନ୍ନ ପରିବାର ହୋଇଥିବାରୁ କର୍ତ୍ତୃପକ୍ଷ କୁଆଡ଼େ ଜାଣିଶୁଣି ନିରବ ରହୁଥିଲେ ବୋଲି କୁହାଯାଉଛି। ଜଣ ଜଣଙ୍କ ଉପରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବାକି ମଧ୍ୟ ପଡ଼ିଛି। ଯଦି ଟିକସ ଆଦାୟ ନ ହୋଇଛି, ତେବେ ଆଇନ ଅନୁଯାୟୀ ସାର୍ଟିଫିକେଟ କେସ୍ କାହିଁକି ହୋଇନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବ୍ରାଉନସୁଗାର ଜବତ, ବେପାରୀ ଜେଲ ଗଲେ

ନିମାପଡ଼ା,୧୧।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ନିମାପଡ଼ା ଥାନା ଅଧୀନ ରେଞ୍ଚ ବସ୍ ଷ୍ଟପ ନିକଟରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ବସନ୍ତ ଜେନା (୪୫)। ପୋଲିସ ତାଙ୍କଠାରୁ ୬୧ ଗ୍ରାମ ବ୍ରାଉନସୁଗାର ଜବତ କରିଛି, ଯାହାର ମୂଲ୍ୟ ୬ ଲକ୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ନିମାପଡ଼ା ଅବକାରୀ ଥାନା ପକ୍ଷରୁ ୧୯୯/୨୪-୨୫ରେ ଏକ ମାମଲା ରୁଜୁ କରାଯାଇଛି। ପୁରୀ ଜିଲା ଅବକାରୀ ନିରୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା, ଏଏସ୍‌ଆଇ ସନ୍ତୋଷ କୁମାର ମହାରଣା, ତପନ କୁମାର ପ୍ରଧାନ, ସ୍ୱାଗତିକା ଘଡ଼େଇ, ଗଙ୍ଗାଧର କାଣ୍ଡି ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।

## କାର୍‌କୁ ଧକ୍କା ଦେଲା ବାଇକ୍

ତ୍ରିଶୁଳିଆ,(ତୁଷାରକାନ୍ତ ବେହେରା): ବାରଙ୍ଗ ଥାନା ଅଧୀନ ନରଣପୁର ଛକରେ ମଙ୍ଗଳବାର ଏକ କାର୍‌କୁ ପଛପଟୁ ବାଇକ୍ ଧକ୍କା ଦେଇଛି। ଏଥିର ବାଇକ୍ ଚାଳକ ଆହତ ହୋଇଥିବାବେଳେ କାର୍‌ରେ ଥିବା ଯାତ୍ରୀ ସୁରକ୍ଷିତ ଅଛନ୍ତି। ଆହତଙ୍କ ପରିଚୟ ମିଳିନାହିଁ। ପ୍ରକାଶ ଯେ, ସକାଳ ୯ଟା ୩୦ରେ ଉକ୍ତ କାର୍ ତ୍ରିଶୁଳିଆ ଦେଇ ବାଲିକୁଦା ଅଭିମୁଖେ ଆସୁଥିଲା। ସେହି ରାସ୍ତା ଦେଇ ପଛରୁ ଆସୁଥିବା ଏକ ବାଇକ୍ ନରଣପୁର ରାମେଶ୍ୱର ମନ୍ଦିର ଆଗରେ ଉକ୍ତ କାର୍‌କୁ ଧକ୍କା ଦେଇଥିଲା। ଖବର ପାଇ ପୋଲିସ ପହଞ୍ଚି ଗାଡ଼ି ୨ଟିକୁ ଜବତ କରିଛି।

## ସଂକ୍ଷେପରେ

### ପ୍ରଭାତୀ ପରିଡ଼ାଙ୍କୁ 'ଗ୍ଲୋବାଲ୍ ଏକ୍ସଲେନ୍ସ ଆୱାର୍ଡ' ଓ 'ଉତ୍ତମ ଭାରତ ପୁରସ୍କାର' ପ୍ରଦାନ କରିବା ପାଇଁ ପ୍ରସ୍ତାବ

ଭୁବନେଶ୍ୱର, ୧୧।୩ (ବନ୍ଦନା ସେଠୀ)

ଅନ୍ତର୍ଜାତୀୟ ମାନବାଧିକାର ସଂଗଠନ (ଜିଏଚ୍‌ଆର୍‌ଟି) ପକ୍ଷରୁ ପ୍ରଦେଶ ଅଧ୍ୟକ୍ଷ ପ୍ରଫେସର ଡ. ମାନସ କୁମାର ଦାଶ ଅନ୍ତର୍ଜାତୀୟ ମହିଳା ଦିବସର ଅଭିନନ୍ଦନ ଜଣାଇଛନ୍ତି। ମହିଳା ସଶକ୍ତୀକରଣର ଅନ୍ୟତମ ନିଦର୍ଶନ ଭାବେ ଓଡ଼ିଶା ସରକାରଙ୍କ ସୁଭଦ୍ରା ଯୋଜନା ଅନ୍ତର୍ଗତ ୧କୋଟି ଓଡ଼ିଆ ମହିଳାଙ୍କୁ ୫ହଜାର କୋଟି ଟଙ୍କା ଅର୍ଥ ପ୍ରଦାନ କରାଯିବାକୁ ସେ ସ୍ୱାଗତ କରିଛନ୍ତି। ଏହି ଉଦ୍ୟମ ମହିଳାମାନଙ୍କ ଅର୍ଥନୈତିକ ସ୍ୱାଧୀନତାକୁ ବୃଦ୍ଧି କରିବା ସହ ଏକ ନୂଆ ମାନକ ସ୍ଥାପନ କରିଛି। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ 'ଗ୍ଲୋବାଲ୍ ଏକ୍ସଲେନ୍ସ ଆୱାର୍ଡ' ଏବଂ 'ଉତ୍ତମ ଭାରତ ପୁରସ୍କାର' ପ୍ରଦାନ କରିବାକୁ ଡ. ଦାଶ ପ୍ରସ୍ତାବ ଦେଇଛନ୍ତି। ସେହିପରି ଓଡ଼ିଶାର ମହିଳାମାନେ ସବୁକିଛି କରିପାରନ୍ତି। ଶିକ୍ଷା, କ୍ରୀଡ଼ା, ବିଜ୍ଞାନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସେମାନେ ନିଜକୁ ପ୍ରମାଣିତ କରିବା ସହିତ ଏହାର ମହତ୍ତ୍ୱ ରଖିଛନ୍ତି। ମହିଳାମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର ଏବଂ ଶୋଷଣ ନେଇ ସମାଜର ଉଦାସୀନତା ହଟିବା ଆବଶ୍ୟକ ବୋଲି ଡ. ଦାଶ କହିଛନ୍ତି।

## ଭରତପୁର ଥାନା ନିର୍ଯାତନା ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ତଦନ୍ତ କମିଶନ

ଭୁବନେଶ୍ୱର, ୧୧।୩(ସତ୍ୟଜିତ୍ ରାଉତ)

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ ତଦନ୍ତ କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ଭେଟି ଆଲୋଚନା କରିଛନ୍ତି। ଏଥିସହ ଏହି ଘଟଣାରେ ତଦନ୍ତ ରିପୋର୍ଟର ଏକ କପି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ କମିଶନ ପ୍ରଦାନ କରିଛନ୍ତି। ଏହି ଆଲୋଚନା ସମୟରେ ଅନ୍ୟମାନଙ୍କ ମଧ୍ୟରେ କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଚିବ ସତ୍ୟବ୍ରତ ଉପସ୍ଥିତ ଥିଲେ। ସୋମବାର କମିଶନଙ୍କ ପକ୍ଷରୁ ଏହି ଘଟଣାର ୨୮୨ପୃଷ୍ଠାର ତଦନ୍ତ ରିପୋର୍ଟ ଗୃହ ସଚିବଙ୍କୁ ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୪ ରାତିର ଦୁର୍ବ୍ୟବହାର ଅଭିଯୋଗକୁ ନେଇ ଆର୍ମି ଅଫିସର ଓ ବାନ୍ଧବୀ ଭରତପୁର ଥାନା ଯାଇଥିବା ବେଳେ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ଘଟଣାରେ ଆଇଆଇସିଙ୍କ ସହ ୪ଜଣ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯିବା ସହ କ୍ରାଇମବ୍ରାଞ୍ଚକୁ ତଦନ୍ତଭାର ସହ ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। କମିଶନ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏକାଧିକ ଲୋକଙ୍କୁ ପଚରାଉଚରା କରି ତଥ୍ୟ ହାସଲ କରିଥିଲେ। ଏଥିସହ ସତ୍ୟପାଠ ଜରିଆରେ ସାକ୍ଷ୍ୟ ଗ୍ରହଣ କରି ଫେବୃଆରୀ ୫ରେ ତଦନ୍ତ ଶେଷ କରିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଷ୍ଟିସ ଚିତ୍ତରଞ୍ଜନ ଦାସ ତଦନ୍ତ ରିପୋର୍ଟ କପି ପ୍ରଦାନ କରୁଛନ୍ତି।

## ବିବାହ ବନ୍ଧନରେ ଅନୁଭବ-ଜାଗୃତି

ଭୁବନେଶ୍ୱର, ୧୧।୩ (ସୌମ୍ୟରଞ୍ଜନ ରାଉତ)



ଓଲିଉଡ୍ ସୁପରଷ୍ଟାର ଅନୁଭବ ମହାନ୍ତି ଓ ସାମ୍ବାଦିକା ଜାଗୃତି ଶୁକ୍ଲା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଦୀର୍ଘଦିନର ସମ୍ପର୍କ ପରେ ଉଭୟ ମଙ୍ଗଳବାର ଦିଲ୍ଲୀର ତ୍ୟାଗରାଜସ୍ଥିତ ଏକ ଜଗନ୍ନାଥ ମନ୍ଦିରରେ ବିବାହ କରିଛନ୍ତି। ପରିବାରବର୍ଗ ଓ କେତେଜଣ ହାତଗଣତି ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ଏହି ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ମାର୍ଚ୍ଚ ୮ରେ ଉଭୟଙ୍କ ନିର୍ବନ୍ଧ ହୋଇଥିଲା। ନିର୍ବନ୍ଧ ଫଟୋ ସାମ୍ନାକୁ ଆସିବା ପରଠୁ ଉଭୟଙ୍କ ବିବାହକୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଥିଲା। ଏବେ ବିବାହ ଉତ୍ସବ ସମ୍ପନ୍ନ ପରେ ସାମାଜିକ ଗଣମାଧ୍ୟରେ ଅନୁଭବ-ଜାଗୃତିଙ୍କ ବିବାହ ବେଳର ଫଟୋ ଭାଇରାଲ ହେଉଛି।



ଫାଲ୍‌ଗୁନ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ମଙ୍ଗଳବାର ପୁରୀ ସମୁଦ୍ରରେ ସାଧୁସନ୍ଥ, ବିଭିନ୍ନ ମଠର ମଠାଧୀଶ ଓ ଶ୍ରଦ୍ଧାଳୁମାନେ ଆଂଶିକ ଗୋବିନ୍ଦ ଦ୍ୱାଦଶୀ ବୁଡ ପକାଉଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ବାଲିପାଟଣାରେ ଦୋପଟି ମେଳଣ

ବାଲିପାଟଣା, ୧୧।୩(ଅଭିମନ୍ୟୁ ନାୟକ)

ବାଲିପାଟଣା ଅଞ୍ଚଳର ପ୍ରଥମ ଦୋଳ ମେଳନ ବାଲିପାଟଣାସ୍ଥିତ ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ରାତିରେ ଥାନପତି ବୁଦ୍ଧନାଥ ଦେବ ସୁସଜ୍ଜିତ ବିମାନରେ ଆସି ପହଞ୍ଚିଥିଲେ। ପରେ ସରାଟ ନୀଳକଣ୍ଠେଶ୍ୱର, ସଠିଲ ଚମ୍ପେଶ୍ୱର, ଶିଶୁମଠ ସାହି ମଦନମୋହନ, ଗିରିଙ୍ଗ, ଗଣ୍ଡିଲ, କୁଳାନ୍ତିର ସହିତ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମର ଦିଅଁମାନେ ଶୋଭାଯାତ୍ରାରେ ଆସି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପିଣ୍ଡିରେ ଅବସ୍ଥାନ କରିଥିଲେ। ଜମାଣରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ। ରାତିରେ ପରମ୍ପରା ଅନୁସାରେ ହରିହର ଭେଟ ପରେ ଠାକୁରମାନେ ସ୍ୱ ମନ୍ଦିରକୁ ବାହୁଡ଼ିଥିବା ବୁଦ୍ଧନାଥଙ୍କ ବଡ଼ ପଣ୍ଡା ସୁଶିଲ କୁମାର ପଣ୍ଡା କହିଛନ୍ତି।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ନୟାପଲ୍ଲୀସ୍ଥିତ ଅଫିସ୍‌ର କଲୋନୀରେ ଥିବା ୭ଟି ଗ୍ରେଡ୍ ଏ ଫ୍ଲାଟର ନବୀକରଣ (ଇଲେକ୍ଟ୍ରିକାଲ୍ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ ମାର୍ଚ୍ଚ ୨୭, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର


## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ଭୁବନେଶ୍ୱର, ୧୧।୩(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁଳସଚିବ ଅନାମିକା ଅଧିକାରୀ ଯୋଗଦେଇ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତି ପଛରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଭୂମିକା ସମ୍ପର୍କରେ ଅବତାରଣା କରିଥିଲେ। ମୁଖ୍ୟବକ୍ତା ଭାବେ ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଯୋଗଦେଇ ଓଡ଼ିଆ ଭାଷାର ଶାସ୍ତ୍ରୀୟତାର ବିଭିନ୍ନ ଆଧାର ସମ୍ପର୍କରେ ଆଲୋଚନା କରିବା ସହ ଭାଷା ବିଭବ ଓ ବୈଶିଷ୍ଟ୍ୟ ସମ୍ପର୍କରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଯୋଗଦେଇ ଓଡ଼ିଆ ଭାଷାର ସାହିତ୍ୟିକଙ୍କ କୃତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ବିଭାଗୀୟ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକ ଏବଂ ଅଧ୍ୟାପକ ଡ. ଅଜୟ କୁମାର ବିଶ୍ୱାଳ ଓଡ଼ିଆ ଭାଷାର ବିଭିନ୍ନ ଦିଗ ସମ୍ପର୍କରେ ଅଭିମତ ରଖିଥିବାବେଳେ ଡ. ଧୀରଜ କୁମାର ମହାପାତ୍ର, ଡ. ଶମ୍ଭୁ ଶୋଭରା, ଡ. ଆଶିଷ ମହାପାତ୍ର, ଡ. ନିଳାଦ୍ରୀ କଲ୍ୟାଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଆ ବିଭାଗ ଛାତ୍ରୀ ପ୍ରୀତିପ୍ରତୀକ୍ଷା ଜେନା ଧନ୍ୟବାଦ ଦେଇଥିଲେ।




ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ କାର୍ଯ୍ୟକ୍ରମରେ ଅତିଥି।

## ଅଭିଲେଖାଗାର ଏକ ପ୍ରୟୋଗଶାଳା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ ମହାପାତ୍ର ଏବଂ ଅନ୍ୟ ଅତିଥି।

### ପୂର୍ବାଞ୍ଚଳ ଶାଖାରେ ରାଷ୍ଟ୍ରୀୟ ଅଭିଲେଖାଗାରର ୧୩୫ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୧।୩ (ସୌମ୍ୟରଞ୍ଜନ ରାଉତ)

ରାଷ୍ଟ୍ରୀୟ ଅଭିଲେଖାଗାରର ପୂର୍ବାଞ୍ଚଳ ଶାଖାରେ ମଙ୍ଗଳବାର ରାଷ୍ଟ୍ରୀୟ ଅଭିଲେଖାଗାରର ୧୩୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ ମହାପାତ୍ର ଯୋଗଦେଇ କହିଥିଲେ, ଅଭିଲେଖାଗାର ହେଉଛି ଏକ ପ୍ରୟୋଗଶାଳା ଓ ଆମେ ତାହାର ଉପଯୁକ୍ତ ବ୍ୟବହାର କରିବା ଆବଶ୍ୟକ। ଅନ୍ୟତମ ଅତିଥି ଭାବେ ଗବେଷକ ତଥା ଐତିହାସିକ ଅନିଲ ଧୀର ଯୋଗଦେଇ 'ଭାରତ ଓ ବିଦେଶରେ ଓଡ଼ିଶା ସମ୍ପର୍କିତ ଅଭିଲେଖାଗାରର ପ୍ରାସଙ୍ଗିକତା' ବିଷୟ ଉପରେ ଆଲୋଚନା କରି ସାମ୍ପ୍ରତିକ ପରିସ୍ଥିତିରେ ଉଚ୍ଚତର ଗବେଷଣା ପାଇଁ ଗବେଷକ ଓ ଅଭିଲେଖ ମଧ୍ୟରେ ଅତୀତକୁ ପାଥେୟ କରି ବର୍ତ୍ତମାନର ସ୍ଥିତିରେ ଭବିଷ୍ୟତକୁ ସଂଯୋଗ କରିବା ପାଇଁ ଗବେଷକଙ୍କ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଭିଲେଖାଗାର ସହାୟକ ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇ କହିଥିଲେ, ଅଭିଲେଖ ହେଉଛି ଅଭିଲେଖଗୁଡ଼ିକର ଏକ ବ୍ୟବସ୍ଥିତ ନିବାସ, ଯାହା ସମାଜରେ ବ୍ୟକ୍ତି ଓ ରାଷ୍ଟ୍ରର ପ୍ରଶାସନିକ ବ୍ୟବହାର ତଥା ଐତିହାସିକ ଅନୁସନ୍ଧାନ ପାଇଁ ଉଦ୍ଦିଷ୍ଟ। ଅଭିଲେଖାଗାର ଦେଶର ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ବିକାଶ ସୂଚନାର ଉତ୍ସ। ସମ୍ପ୍ରତି ଭୁବନେଶ୍ୱରସ୍ଥିତ ଜାତୀୟ ଅଭିଲେଖାଗାରର ଶାଖା ପୂର୍ବ ଭାରତର ୧୨ଟି ରାଜ୍ୟକୁ ଅନ୍ତର୍ଭୁକ୍ତ କରିଥାଏ ଏବଂ ଏଠାରେ ଅନେକ ଦୁର୍ଲଭ ମୂଲ୍ୟବାନ ଦସ୍ତାବିଜ ମହଜୁଦ ରହିଛି ଯାହା ଗବେଷଣା ପାଇଁ ଅତ୍ୟନ୍ତ ଜରୁରୀ ହୋଇଥାଏ ବୋଲି ମିଶ୍ର ସୂଚନା ଦେଇଥିଲେ। ଶେଷରେ ରାମଚନ୍ଦ୍ର କରଣ ଧନ୍ୟବାଦ ଦେଇଥିଲେ।


**Government of Odisha**
**Higher Education Department**

**Important notice for the applicants seeking admission into P.G. Courses at State Public Universities and Colleges participating under SAMS for the Academic Session 2025-26**

**No.N-193** : It is for information of all concerned that admission into P.G. Courses for the current Academic Session: 2025-26 at the HEIs participating under SAMS shall be done through a **Common PG Entrance Test (CPET-2025)**. Accordingly, the candidates are hereby instructed to fill-up the Common Application Form by visiting the SAMS P.G. portal as per the timeline mentioned below. Common Prospectus (CP) for CPET-2025 is available on the SAMS P.G. Portal. Applicants are advised to refer to the CP before filling up the CAF. The key points of P.G. e-Admission for the Academic Year 2025-26 are as follows.

1. **For the academic session 2025-26, P.G. admissions will be based exclusively on the scores secured in the Common Postgraduate Entrance Test (CPET). The earlier year's practice of applying the 80:20 ratio (CPET marks: Career marks) for preparing the statewide merit rank will be discontinued.**
2. **In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for the left out or fresh applicants.**
3. **The Phase-I admission will consists of 4 rounds of selection.** The reservation and weightage will be continued for 1st and 2nd rounds of selection. In the 3rd round, the de- reservation of seats will be carried out in case of absence of the eligible applicants of a specific category. The 4th round will be the last round for Phase-I, which will be a Waiting list admission process.
4. **Applicants who got selected and taken admission during the Phase-I admission process (in any of the rounds) in any subject at any Higher Education Institutions (HEIS) will not be eligible to participate in further phase/round of admission process, which will be available exclusively for the left out or fresh students.**
5. **This implies, only the left out applicants who have not been admitted to any of the HEIs in Phase-I admission process will be allowed to participate in the further phase/round of admission process.**
6. An applicant with **Elective Papers which carries at least 24 credits at U.G. Level are eligible to apply for that subject** to get admission into P.G. Courses. If an applicant enters incorrect details (not having at least 24 credits but mentioned the same in the CAF), **his/her candidature will be cancelled during the admission and document verification process or even after the admission is completed.**
7. For this Academic Year, applicants wish to be considered for scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation marks/choice filling timeline.
8. **For the current academic session 2025-26, the P.G. admission process will start early, regardless of the declaration of final results. However, admitted students must submit their graduation or equivalent certificate to their respective institutions within two months of admission. If students fail to provide the required certificates within two months from the date of admission or their final marks do not meet the eligibility criteria specified in the Common Prospectus, their admission will be cancelled by the concerned University/ College. Further, those seats can be allotted to other eligibile applicants.**
9. Whenever a seat is allocated, applicants are compulsorily required to choose one of the option - **Freeze, Float or Slide** - carefully. The detail process of "Freeze", "Slide" and "Float" is mentioned in the Common Prospectus (CP) availbale on the SAMS portal. **If the applicant will not choose any of these options that implies the applicant is rejecting the offered/allocated seat and s/he will be out of the counselling process for the subsequent rounds of that Phase.**

**Timeline for e-Admission into P.G. Courses under SAMS in the State Public Universities and Colleges for the Academic Session: 2025-26**

The timeline for e-Admission into P.G. Courses for the session 2025-26 in the State Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Availability of Online CAF in the website www.samsodisha.gov.in | 10-Mar-2025 (Monday) **(04:00 P.M.)** |
| 2 | Last date of applying online CAF through www.samsodisha.gov.in | 28-Mar-2025 (Friday) **(11.45 P.M.)** |
| 3 | Editing of the CAF (If required), by the eligibile applicants for the CAF submitted earlier (New CAF submission is not allowed on this day) | 29-Mar-2025 (Saturday) **(10.00 A.M. to 11.45 P.M.)** |
| 4 | Submision of applicant's data to State selection Board (SSB) by OCAC | 04-April-2025 (Friday) |
| 5 | Availability of Hall Ticket/Admit Card on the website of the State selection Board (www.ssbodisha.ac.in) for downloading by the Applicants | 28-April-2025 (Monday) **(11.00 A.M. onwards)** |
| 6 | Conduct of Entrance Examination (CPET-2025) | 04-May-2025 (Sunday) to 18-May-2025 (Sunday) |
| 7 | Handing over the entrance marks to OCAC by SSB, Odisha | 26-May-2025 (Monday) |
| 8 | Publication of subject-wise and State-wide merit list, Updation of Graduation/Equivalent marks, Choice filling of HEIs by the eligible applicants and Publication of Provisional Allotment of Seats for different Rounds | Dates will be notified by the Higher Education Department Later |

**For more details please contact : e-Admission Helpline (Toll Free) Number 155335 / 1800-345-6770**

**N.B. :** To enroll into the P.G. Courses, the applicants must have completed their graduation/ equivalent courses from an UGC recognized university. Subject Wise eligibility criteria is available on the SAMS portal. Applicants are advised to check the same before filling the Common Application Form (CAF). Candidates, whose final U.G. results are awaiting (not published), can also apply on-line by filling up the Common Application Form (CAF) to appear the CPET-2025.

**Sd./- Deputy Director, PTC section**

**OIPR-11001/11/0040/2425**


# '୨୦୪୭ ସୁଦ୍ଧା ସିକଲସେଲ୍ ଆନିମିଆ ଦୂର ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ'

### ସିକଲସେଲ୍ ରୋଗ ପରୀକ୍ଷଣରେ ଓଡ଼ିଶା ଆଗୁଆ

ଭୁବନେଶ୍ୱର, ୧୧।୩ (ବନ୍ଦନା ସେଠୀ)

୨୦୨୩ରେ ଆରମ୍ଭ ହୋଇଥିବା ଜାତୀୟ ସିକଲସେଲ୍ ଆନିମିଆ ନିରାକରଣ ମିଶନ ଏକ ଐତିହାସିକ ପଦକ୍ଷେପ। ୨୦୪୭ ସୁଦ୍ଧା ଏହି ରୋଗକୁ ଦୂର କରିବା ନେଇ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ଏହି ମିଶନରେ ସକ୍ରିୟ ଅଂଶଗ୍ରହଣ କରି ଦୂରଦୂରାନ୍ତ ଜନଜାତି ଅଞ୍ଚଳରେ ବ୍ୟାପକ ସ୍କ୍ରିନିଂ ଏବଂ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରୁଛି। ସେହିପରି ସଚେତନତା ଓ ଚିକିତ୍ସାରୁ କୌଣସି ଶିଶୁ ବଞ୍ଚିତ ନ ହେଉ ବୋଲି ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ 'ସିକଲସେଲ ଏବଂ ଥାଲାସେମିଆ ନିରାକରଣ: ବେଷ୍ଟ ପ୍ରାକ୍ଟିସ ଓ ସ୍କେଲେବଲ ଷ୍ଟ୍ରାଟେଜି' ଶୀର୍ଷକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଗଣ୍ଡ ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା, ଅଗ୍ରଣୀ ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ବିକାଶ, ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସମସ୍ତ ପ୍ରଭାବିତ ପରିବାର ପାଇଁ ଔଷଧ ଏବଂ ଚିକିତ୍ସା ଉପଲବ୍ଧ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶତୀ. ଏସ୍ ଯୋଗଦେଇ ଓଡ଼ିଶା ସମଗ୍ର ଦେଶରେ ସିକଲସେଲ ରୋଗ ପରୀକ୍ଷଣରେ ଆଗୁଆ ରହିଛି ବୋଲି କହିଥିଲେ। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଉପଶାସନ ସଚିବ ରାଜି ଏନ୍.ଏସ୍. ଜନଜାତି ସମ୍ପ୍ରଦାୟ ମଧ୍ୟରେ ସିକଲସେଲ ଆନିମିଆ ପରୀକ୍ଷଣକୁ ବ୍ୟାପକ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୟୁନିସେଫ୍ ଓଡ଼ିଶା ମୁଖ୍ୟ ୱିଲିୟମ ହାନ୍‌ଲୋନ ଭାରତ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଜାତୀୟ ସିକଲସେଲ ନିରାକରଣ ମିଶନକୁ ୟୁନିସେଫ୍‌ର ପୂର୍ଣ୍ଣ ସମର୍ଥନ ଥିବା କହିଥିଲେ। ସେହିପରି ଦିଲ୍ଲୀ ଏମ୍ସର ହେମାଟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ମନୋରଞ୍ଜନ ମହାପାତ୍ର ଏହି ରୋଗର ନିରାକରଣ କରିବାରେ ଓଡ଼ିଶା ଭଲ ପ୍ରଦର୍ଶନ କରିଥିବା କହିଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇ ଓଡ଼ିଶାର ଆଦିବାସୀ ଜନସଂଖ୍ୟା ମଧ୍ୟରେ ସିକଲସେଲ ରୋଗର ପ୍ରସାର ହାର ଦେଶରେ ସର୍ବାଧିକ ବୋଲି ଅଭିହିତ କରିଥିଲେ। ଓଡ଼ିଶାର ୯%ରୁ ୨୨% ଆଦିବାସୀ ଜନସଂଖ୍ୟା ମଧ୍ୟରେ ସିକଲସେଲ ଜିନ୍ ରହିଛି। ଭାରତ ସରକାରଙ୍କ ଜାତୀୟ ସିକଲସେଲ ଆନିମିଆ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ୨୦୪୭ ସୁଦ୍ଧା ସିକଲସେଲ ରୋଗ ନିରାକରଣ ମିଶନ ସହିତ ସମନ୍ୱିତ କରି ସିକିଲ ସେଲ ଏବଂ ଥାଲାସେମିଆ ନିରାକରଣ ଉପରେ ଜାତୀୟ କର୍ମଶାଳା ଆୟୋଜନ କରାଯାଇଛି। ଏହା ଭାରତର ଜନସ୍ୱାସ୍ଥ୍ୟ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ ବୋଲି ମିଶ୍ର ମତ ପ୍ରକାଶ କରିଥିଲେ।




କର୍ମଶାଳାରେ ଯୋଗଦେଇଥିବା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ୟୁନିସେଫ୍ ଓଡ଼ିଶା ମୁଖ୍ୟ ୱିଲିୟମ ହାନ୍‌ଲୋନ ଏବଂ ଅନ୍ୟ ଅତିଥିମାନେ।

# ସଂକ୍ଷେପରେ

## କାର୍‌କୁ ପଛପଟୁ ଧକ୍କା ଦେଲା ବାଇକ୍

ତ୍ରିଶୂଳିଆ,୧୧ ।୩(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଅଧୀନ ନରଣପୁର ଛକଠାରେ ମଙ୍ଗଳବାର କାର୍‌କୁ ପଛପଟୁ ଏକ ବାଇକ୍ ଧକ୍କା ଦେଇଛି। ଏଥିରେ ବାଇକ୍ ଚାଳକ ଆହତ ହୋଇଥିବାବେଳେ କାର୍‌ରେ ଥିବା ଯାତ୍ରୀ ସୁରକ୍ଷିତ ଅଛନ୍ତି। ଆହତଙ୍କ ପରିଚୟ ମିଳିପାରିନାହିଁ। ପ୍ରକାଶ ଯେ, ସକାଳ ୯ଟା ୩୦ ସମୟରେ ଏକ କାର୍ (ଓଡି ୦୨ ବିଜି ୭୬୨୩) ତ୍ରିଶୂଳିଆ ଦେଇ ବାଲିକୁଦା ଅଭିମୁଖେ ଆସୁଥିଲା। ସେହି ରାସ୍ତା ଦେଇ ଆସୁଥିବା ଏକ ବାଇକ୍ (ଓଡି ୨୧ ଏନ୍ ୪୮୮୭) ଭାରସାମ୍ୟ ହରାଇ ବାରଙ୍ଗ-ବାଲିକୁଦା ମୁଖ୍ୟରାସ୍ତାର ନରଣପୁର ରାମେଶ୍ୱର ମନ୍ଦିର ସମ୍ମୁଖରେ ଉକ୍ତ କାର୍‌କୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ କାର୍ ପଛ ଭାଗ ଭାଙ୍ଗିରୁଜି ଯିବା ସହ କାଚ ମଧ୍ୟ ଭାଙ୍ଗି ଯାଇଛି। ଅନ୍ୟପକ୍ଷେ ବାଇକ୍ ଚାଳକ ଆହତ ହୋଇ ତଳେ କିଛି ସମୟ ପଡ଼ି ରହିବା ପରେ ଉଠି ସେଠାରୁ ଭୟରେ ଗାଡ଼ି ଛାଡ଼ି ପଳାଇଥିଲେ। ଘଟଣାସ୍ଥଳରେ ବାରଙ୍ଗ ପୋଲିସ ପହଞ୍ଚି ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।

## ଜାମିନରେ ଆସିଲେ ନିଲମ୍ବିତ ସମ୍ପାଦକ

ବାଙ୍କୀ,୧୧ ।୩( ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ସମବାୟ ବ୍ୟାଙ୍କ କେନ୍ଦ୍ର ଅନ୍ତର୍ଗତ ସୁବର୍ଣ୍ଣପୁର ଶାଖା ଅଧୀନ ଓସ୍ତିଆ ସେବା ସମବାୟ ସମିତିରେ ବ୍ୟାପକ ଦୁର୍ନୀତି ଓ ଚାଷୀଙ୍କ ଅର୍ଥ ହଡ଼ପ ଅଭିଯୋଗରେ ଶ୍ରୀନିବାସ ମନ୍ତ୍ରୀଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରିଥିଲା। ମଙ୍ଗଳବାର ସେ ଜାମିନରେ ଆସିଛନ୍ତି। ତଦନ୍ତରେ ବିଭାଗୀୟ ଅଧିକାରୀ ଓ ଭିଜିଲାନ୍ସ ବିଭାଗକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଶ୍ରୀନିବାସ କହିଛନ୍ତି। ଏହି ଘଟଣାରେ ତାଙ୍କୁ ପୂର୍ବରୁ ସମ୍ପାଦକ ପଦରୁ ନିଲମ୍ବନ କରାଯାଇଥିଲା। ଏଥିସହ ଉପନିବନ୍ଧକ ସମବାୟ ସମିତି ସମୂହ କଟକ ପକ୍ଷରୁ ବାଙ୍କୀ ବ୍ଲକ ଓସ୍ତିଆ ସେବାସମବାୟ ସମିତିର ପରିଚାଳନା କମିଟିକୁ ଭାଙ୍ଗି ଦିଆଯାଇଛି। ବାଙ୍କୀ ସହକାରୀ ନିବନ୍ଧକ କାର୍ଯ୍ୟାଳୟର ପ୍ରମୋଦ କୁମାର ପ୍ରଧାନଙ୍କୁ ଓସ୍ତିଆ ସମିତିର ପ୍ରଶାସକ ଭାବେ ଦାୟିତ୍ୱ ଦିଆଯାଇଛି।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

**ଟ୍ରାକ୍ଟର ଧକ୍କାରେ ନାବାଳକ ମୃତ:**

**■ ୪ ଘଣ୍ଟା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ**

ବଡ଼ମ୍ବା,୧୧ ।୩(ମାୟାଧର ମଲ୍ଲିକ ) :

ବଡ଼ମ୍ବା ଥାନ ଅଞ୍ଚଳରେ ଟ୍ରାକ୍ଟର ଧକ୍କାରେ ଜଣେ ନାବାଳକ ମୃତ୍ୟୁ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ଉତ୍ତ୍ୟକ୍ତ ଲୋକେ ବଡ଼ମ୍ବା ବ୍ଲକ ସୁନାପାଳ ଛକ ମୁଖ୍ୟରାସ୍ତାକୁ ମଙ୍ଗଳବାର ଅବରୋଧ କରିଥିଲେ। ମୃତକ ହେଲେ ସୁନାପାଳ ମୁଣ୍ଡିଆତଳ ସାହିର ରବୀନ୍ଦ୍ର ନାଏକ( ୧୫ )। ସେ ମାଣିଆବନ୍ଧ ଠାରେ ଏକ ବନ୍ଧ ନିର୍ମାଣ କାମରେ ଦିନ ମଜୁରିଆ ଭାବେ କାମ କରନ୍ତି। ସୋମବାର ଟ୍ରାକ୍ଟର ଧକ୍କାରେ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି।



ଉତ୍ତ୍ୟକ୍ତ ଲୋକେ ନିଆଁ ଜାଳି ରାସ୍ତା ଅବରୋଧ କରିଛନ୍ତି।

ରବୀନ୍ଦ୍ରଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ପରିବାର ଲୋକେ ଏବଂ ଗ୍ରାମବାସୀ କ୍ଷତିପୂରଣ ଦାବି କରି ରାସ୍ତାରେ ମୃତଦେହ ରଖି ନିଆଁ ଜାଳି ଅବରୋଧ କରିଥିଲେ। ଫଳରେ କଟକ-ନରସିଂହପୁର ମୁଖ୍ୟରାସ୍ତାରେ ଦୀର୍ଘ ୪ ଘଣ୍ଟାକାଳ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଯାତାୟାତରେ ବାଧା ଉପୁଜିବାରୁ ବହୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ଆଠଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ବିଶ୍ୱଜିତ ମହାନ୍ତି, ବଡ଼ମ୍ବା ଅତିରିକ୍ତ ତହସିଲଦାର ସୁବାସ ଚନ୍ଦ୍ର ମହାନ୍ତି, ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତି ପୂରଣ ବାବଦକୁ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଯାଇଛି। ଘଟଣାସ୍ଥଳରେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ସାମାଜିକ କର୍ମୀ ସନ୍ତୋଷ କୁମାର ପଣ୍ଡା, ସନ୍ତୋଷ କୁମାର ମିଶ୍ର, ପ୍ରତାପ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ରହି ସମସ୍ୟା ସମାଧାନରେ ସହଯୋଗ କରିଥିଲେ।

## ବିଶିଷ୍ଟ କବି, ବାଦ୍ୟକାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ବାଙ୍କୀ,୧୧ ।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତ ଖଜୁରିପଦା ଗ୍ରାମରେ ବିଶିଷ୍ଟ କବି ଅନନ୍ତ ଚରଣ ପଣ୍ଡା, ଗୋପାଳ ଚରଣ ପଣ୍ଡା ଓ ବିଶିଷ୍ଟ ବାଦ୍ୟକାର ଗିରିଧାରୀ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ସର୍ବ ପ୍ରଥମେ ପୁରୋହିତ ପୂଜାକାର୍ଯ୍ୟ ଆରମ୍ଭ କରି ପ୍ରତିମୂର୍ତ୍ତିକୁ ଜୀବନ ଦାନ ଦେବା ପରେ ଗ୍ରାମବାସୀଙ୍କ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। କର୍ତ୍ତାକର୍ତ୍ତୀ ରୂପେ କୁଞ୍ଜବିହାରୀ ପଣ୍ଡା ଓ ଧର୍ମ ପତ୍ନୀ ସୌଭାଗିନୀ ପଣ୍ଡା ଉପସ୍ଥିତ ଥିଲେ। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କବି ଅନନ୍ତ ଚରଣ ପଣ୍ଡା, ଗୋପାଳ ଚରଣ ପଣ୍ଡା ବିଶିଷ୍ଟ କବି ଭାବେ କେବଳ ବାଙ୍କୀ ନୁହେଁ ସାରା ରାଜ୍ୟରେ ସୁନାମଧନ୍ୟ ଅର୍ଜନ କରିଥିଲେ। ଏଥିସହ ଗୁରୁ ଗିରିଧାରୀ ପାଣିଗ୍ରାହୀଙ୍କ ବାଦ୍ୟ କଳାକୁ ଅତିଥିମାନେ ମନେ ପକାଇଥିଲେ। ବର୍ତ୍ତମାନ ମଧ୍ୟ ଅନେକ ପାଲା ଗାୟକ ଅନନ୍ତ ପଣ୍ଡା ଓ ଗୋପାଳ ପଣ୍ଡାଙ୍କ ଲିଖିତ କବିତାକୁ ନେଇ ପାଲାରେ ପରିବେଷଣ କରନ୍ତି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ପାଲା ଗାୟକ ନିଶିକାନ୍ତ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ଦାସ, ଅନୁଷ୍ଠାନ ସଭାପତି ସତ୍ୟ ନାଏକ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସୁନିଲ ମିଶ୍ର, ପ୍ରଦୀପ ପଟ୍ଟନାୟକ, ଭାଗୀରଥି ଦାସ, ବ୍ୟଙ୍ଗ କବି ବଂଶୀଧର ପଣ୍ଡା, ବିଜୁ ହୋତା, ନରୋତ୍ତମ ବେହେରା ପ୍ରମୁଖ ଯୋଗଦେଇଥିଲେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ,
ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ନୟାପଲ୍ଲୀସ୍ଥିତ ଅଫିସ୍‌ର କଲୋନୀରେ ଥିବା ୭ଟି ଗ୍ରେଡ୍ ଏ ଫ୍ଲାଟର ନବୀକରଣ (ଇଲେକ୍ଟ୍ରିକାଲ୍ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ **ମାର୍ଚ୍ଚ ୨୭, ୨୦୨୫** ଅପରାହ୍ନ ୦୨.୦୦ଟା ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**

## ବିବାହ ବନ୍ଧନରେ ଅନୁଭବ-ଜାଗୃତି



ବିବାହ ବେଦୀରେ ଅନୁଭବ ମହାନ୍ତି ଓ ଜାଗୃତି ଶୁକ୍ଳା

**ଭୁବନେଶ୍ୱର,୧୧ ।୩ (ସୌମ୍ୟରଞ୍ଜନ ରାଉତ):**

ଓଲିଉଡ୍ ସୁପରଷ୍ଟାର ଅନୁଭବ ମହାନ୍ତି ଓ ସାମ୍ବାଦିକା ଜାଗୃତି ଶୁକ୍ଳା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଦୀର୍ଘଦିନର ସମ୍ପର୍କ ପରେ ଉଭୟ ମଙ୍ଗଳବାର ଦିଲ୍ଲୀର ତ୍ୟାଗରାଜସ୍ଥିତ ଏକ ଜଗନ୍ନାଥ ମନ୍ଦିରରେ ବିବାହ କରିଛନ୍ତି। ପରିବାରବର୍ଗ ଓ କେତେଜଣ ହାତଗଣତି ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ଏହି ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ମାର୍ଚ୍ଚ ୮ରେ ଉଭୟଙ୍କ ନିର୍ବନ୍ଧ ହୋଇଥିଲା। ନିର୍ବନ୍ଧ ଫଟୋ ସାମ୍ନାକୁ ଆସିବା ପରଠୁ ଉଭୟଙ୍କ ବିବାହକୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଥିଲା। ଏବେ ବିବାହ ଉତ୍ସବ ସମ୍ପନ୍ନ ପରେ ସାମାଜିକ ଗଣମାଧ୍ୟରେ ଅନୁଭବ-ଜାଗୃତିଙ୍କ ବିବାହ ବେଳର ଫଟୋ ଭାଇରାଲ ହେଉଛି।

## ପାଗଳ ମାଙ୍କଡ଼ କାମୁଡ଼ାରେ ୫ରୁ ଊର୍ଦ୍ଧ୍ୱ ଆହତ

ସାଲେପୁର,୧୧ ।୩(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ରାମକୃଷ୍ଣପୁର ପଞ୍ଚାୟତରେ ପାଗଳ ମାଙ୍କଡ଼ କାମୁଡ଼ାରେ ବାଲିସମଳା ଗ୍ରାମର ସୀତା ଚାଳିଆ, ଶୈଳବାଳା ଦାସ, ସ୍ୱପ୍ନାପ୍ରିୟା ବର୍ଦ୍ଧନ, ହୀରାପୁର ଗ୍ରାମର ହେମଲତା ମହାନ୍ତି, ରୁଦ୍ର ସାମଲ ଆହତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହୋଇଛନ୍ତି। ଏଥିସହ ଅନ୍ୟ କେତେଜଣ ଏବେ ମଧ୍ୟ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ପାଗଳ ମାଙ୍କଡ଼ ହଠାତ୍ ଲୋକଙ୍କୁ ଆକ୍ରମଣ କରୁଥିବାରୁ ଲୋକେ ଭୟରେ ଘରୁ ବାହାରିବାକୁ ସୁରକ୍ଷିତ ମଣୁ ନାହାନ୍ତି। ଏହି ପାଗଳ ମାଙ୍କଡ଼କୁ କାବୁ କରି ଜଙ୍ଗଲରେ ଛାଡ଼ିବା ସହ ଗ୍ରାମବାସୀଙ୍କୁ ସୁରକ୍ଷା ଦେବାକୁ ପ୍ରଶାସନ ନିକଟରେ ଦାବି ହେଉଛି।

## ବିଧାୟକଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି

**ପିକ୍‌ଅପ୍ ଦୁର୍ଘଟଣାରେ ଛାତ୍ର ମୃତ୍ୟୁ ଘଟଣାକୁ ୪୩ ଦିନ ବିତିଲା**

ବାଙ୍କୀ,୧୧ ।୩(ଶୁଭେନ୍ଦୁ ମହାପାତ୍ର):

କଟକ ଜିଲା ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଅଂଶୁପା କନିଷ୍ଠ ମହାବିଦ୍ୟାଳୟରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ପରେଡ ଉତ୍ସବକୁ ଯୋଗଦେବାକୁ ମାଲ୍‌ବୁହା ପିକ୍‌ଅପ୍ ଭ୍ୟାନରେ ଯାଉଥିବା ସମୟରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ମାଳବିହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ର ସୌମ୍ୟରଞ୍ଜନ ବେହେରା(୧୫)ଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ ମଧ୍ୟ ହୋଇଥିଲେ। ଏହି ଘଟଣାକୁ ଇତିମଧ୍ୟରେ ୪୩ ଦିନ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଠିକ୍‌ଭାବେ ତଦନ୍ତ ହୋଇ ନାହିଁ ବୋଲି ମାନବିକ ଅଧିକାର ସୁରକ୍ଷା ସମିତି ଆବାହକ ମନୋଜ କୁମାର ପଣ୍ଡା ଅଭିଯୋଗ କରିଛନ୍ତି। ଏହି ଘଟଣାର ଠିକ୍‌ଭାବେ ତଦନ୍ତ କରିବାକୁ ପଣ୍ଡା ବାଙ୍କୀ ଉପଜିଲାପାଳଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟକଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଠିକ୍ ଭାବେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ ବାଙ୍କୀରୁ ପଦଯାତ୍ରା ବାହାରି ଗଣଶିକ୍ଷା ବିଭାଗ ସଚିବ, ଗୃହ ବିଭାଗ ସଚିବଙ୍କ ଦ୍ୱାରସ୍ଥ ହେବେ ବୋଲି ପଣ୍ଡାଙ୍କ ସମେତ ବାଉଁଶପୁଟ ଉନ୍ନତଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜାତା ଦେବତା , ବାଉଁଶପୁଟ ଉନ୍ନତି ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ପ୍ରାକ୍ତନ ସଭାପତି ବିନୋଦ ବିହାରି ରାଉତ, ଦିଲୀପ ମନ୍ତ୍ରୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଜୟନାରାୟଣ ମିଶ୍ରଙ୍କ କୁଶପୁତ୍ତଳିକା ଦାହ

**ଆଠଗଡ଼,୧୧ ।୩ (ସତ୍ୟ ପ୍ରସାଦ ରଥ):**

ଆଠଗଡ଼ ଚାନ୍ଦବାଲି ଛକରେ କଂଗ୍ରେସ ପକ୍ଷରୁ ମଙ୍ଗଳବାର ପ୍ରତିବାଦ ସଭା କରାଯିବା ସହ ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିଧାୟକ ମିଶ୍ରଙ୍କ ମନ୍ତବ୍ୟକୁ କଂଗ୍ରେସ କର୍ମୀମାନେ ନିନ୍ଦା କରିଛନ୍ତି। ତାଙ୍କ ମନ୍ତବ୍ୟ ଯୋଗୁ ଓଡ଼ିଆମାନେ ଲଜ୍ଜିତ ଅନୁଭବ କରୁଛନ୍ତି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଆଠଗଡ ଏନ୍‌ଏସିର କଂଗ୍ରେସର କାଉନସିଲର ମନୋରଞ୍ଜନ ପଟ୍ଟନାୟକ ଏହାର ନେତୃତ୍ୱ ନେଇଥଲେ। ପ୍ରଶାନ୍ତ ବେହେରା, ସସ୍ମିତ ଦଳେଇ, ସୁବାଶିଷ ମିଶ୍ର, ରମେଶ ପ୍ରଧାନ, ସଂଗ୍ରାମ କେଶରୀ ପାତ୍ର, ଅଜୟ ନାଥ, ଦେବବ୍ରତ ଦାସ, ଅଭିନାଶ ପ୍ରଧାନ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।



କଂଗ୍ରେସ କର୍ମୀମାନେ ଜୟନାରାୟଣ ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

# ସମିତି ସଭ୍ୟାଙ୍କୁ ଆକ୍ରମଣ ଘଟଣାରେ ଥାନା ଘେରିଲେ ଜନପ୍ରତିନିଧି

ନିଶ୍ଚିନ୍ତକୋଇଲି, ୧୧ ।୩ (ଅଶୋକ କୁମାର ମହାପାତ୍ର )

ମାହାଙ୍ଗା ବ୍ଲକ୍ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ପୋଡ଼ାମରାଇ ପଞ୍ଚାୟତର ସମିତି ସଭ୍ୟା ସୋନାଲି ପ୍ରିୟଦର୍ଶନୀ ସାହୁଙ୍କୁ ଗତ ଶନିବାର ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣାକୁ ୪ ଦିନ ବିତିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଏନେଇ ସ୍ଥାନୀୟ ଜନପ୍ରତିନିଧିମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ଚୁପ ବସିଥିବା ଅଭିଯୋଗ କରି ଜନପ୍ରତିନିଧିମାନେ ଭଦ୍ରେଶ୍ୱର ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଧରିବାକୁ ସେମାନେ ଦାବି କରିଛନ୍ତି। ଖବର ଲେଖା ହେବାବେଳକୁ ଧାରଣା ଜାରି ରହିଥିଲା।

ସୂଚନାଯୋଗ୍ୟ, ସୋନାଲିଙ୍କୁ କେତେଜଣ ଦୁର୍ବୃତ୍ତ ଗତ ଶନିବାର ତାଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଉମର ପଞ୍ଚାୟତରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଭାଙ୍ଗିବା ଘଟଣାରେ ବିଜେଡି ପକ୍ଷରୁ କରାଯାଇଥିବା ପ୍ରତିବାଦ ସଭାରେ ଯୋଗଦେବାକୁ ସୋନାଲି କେତେଜଣ ମହିଳାଙ୍କୁ ନେଇଯାଇଥିଲେ ଏନେଇ ଆକ୍ରୋଶମୂଳକ ମନୋଭାବ ରଖି ତାଙ୍କୁ ଆକ୍ରମଣ କରାଯାଇଥିବା ନେଇ ସ୍ୱାମୀ ଚକ୍ରଧର ସାହୁ ଥାନାରେ ଅଭିଯୋଗ କରିଥିଲେ।



ଭଦ୍ରେଶ୍ୱର ଥାନା ସମ୍ମୁଖରେ ଜନପ୍ରତିନିଧି ଓ ଅନ୍ୟମାନେ ଧାରଣା ଦେଇଛନ୍ତି।

**Government of Odisha**
**Higher Education Department**

**Important notice for the applicants seeking admission into P.G. Courses at State Public Universities and Colleges participating under SAMS for the Academic Session 2025-26**

**No.N-193** : It is for information of all concerned that admission into P.G. Courses for the current Academic Session: 2025-26 at the HEIs participating under SAMS shall be done through a **Common PG Entrance Test (CPET-2025)**. Accordingly, the candidates are hereby instructed to fill-up the Common Application Form by visiting the SAMS P.G. portal as per the timeline mentioned below. Common Prospectus (CP) for CPET-2025 is available on the SAMS P.G. Portal. Applicants are advised to refer to the CP before filling up the CAF. The key points of P.G. e-Admission for the Academic Year 2025-26 are as follows.

1. **For the academic session 2025-26, P.G. admissions will be based exclusively on the scores secured in the Common Postgraduate Entrance Test (CPET). The earlier year's practice of applying the 80:20 ratio (CPET marks: Career marks) for preparing the statewide merit rank will be discontinued.**
2. **In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for the left out or fresh applicants.**
3. **The Phase-I admission will consists of 4 rounds of selection.** The reservation and weightage will be continued for 1st and 2nd rounds of selection. In the 3rd round, the de- reservation of seats will be carried out in case of absence of the eligible applicants of a specific category. The 4th round will be the last round for Phase-I, which will be a Waiting list admission process.
4. **Applicants who got selected and taken admission during the Phase-I admission process (in any of the rounds) in any subject at any Higher Education Institutions (HEIS) will not be eligible to participate in further phase/round of admission process, which will be available exclusively for the left out or fresh students.**
5. **This implies, only the left out applicants who have not been admitted to any of the HEIs in Phase-I admission process will be allowed to participate in the further phase/round of admission process.**
6. An applicant with **Elective Papers which carries at least 24 credits at U.G. Level are eligible to apply for that subject** to get admission into P.G. Courses. If an applicant enters incorrect details (not having at least 24 credits but mentioned the same in the CAF), **his/her candidature will be cancelled during the admission and document verification process or even after the admission is completed.**
7. For this Academic Year, applicants wish to be considered for scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation marks/choice filling timeline.
8. **For the current academic session 2025-26, the P.G. admission process will start early, regardless of the declaration of final results. However, admitted students must submit their graduation or equivalent certificate to their respective institutions within two months of admission. If students fail to provide the required certificates within two months from the date of admission or their final marks do not meet the eligibility criteria specified in the Common Prospectus, their admission will be cancelled by the concerned University/ College. Further, those seats can be allotted to other eligibile applicants.**
9. Whenever a seat is allocated, applicants are compulsorily required to choose one of the option - **Freeze, Float or Slide** - carefully. The detail process of "Freeze", "Slide" and "Float" is mentioned in the Common Prospectus (CP) availbale on the SAMS portal. **If the applicant will not choose any of these options that implies the applicant is rejecting the offered/allocated seat and s/he will be out of the counselling process for the subsequent rounds of that Phase.**

**Timeline for e-Admission into P.G. Courses under SAMS in the State Public Universities and Colleges for the Academic Session: 2025-26**

The timeline for e-Admission into P.G. Courses for the session 2025-26 in the State Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Availability of Online CAF in the website www.samsodisha.gov.in | 10-Mar-2025 (Monday) **(04:00 P.M.)** |
| 2 | Last date of applying online CAF through www.samsodisha.gov.in | 28-Mar-2025 (Friday) **(11.45 P.M.)** |
| 3 | Editing of the CAF (If required), by the eligibile applicants for the CAF submitted earlier (New CAF submission is not allowed on this day) | 29-Mar-2025 (Saturday) **(10.00 A.M. to 11.45 P.M.)** |
| 4 | Submision of applicant's data to State selection Board (SSB) by OCAC | 04-April-2025 (Friday) |
| 5 | Availability of Hall Ticket/Admit Card on the website of the State selection Board (www.ssbodisha.ac.in) for downloading by the Applicants | 28-April-2025 (Monday) **(11.00 A.M. onwards)** |
| 6 | Conduct of Entrance Examination (CPET-2025) | 04-May-2025 (Sunday) to 18-May-2025 (Sunday) |
| 7 | Handing over the entrance marks to OCAC by SSB, Odisha | 26-May-2025 (Monday) |
| 8 | Publication of subject-wise and State-wide merit list, Updation of Graduation/Equivalent marks, Choice filling of HEIs by the eligible applicants and Publication of Provisional Allotment of Seats for different Rounds | Dates will be notified by the Higher Education Department Later |

**For more details please contact : e-Admission Helpline (Toll Free) Number 155335 / 1800-345-6770**

**N.B. :** To enroll into the P.G. Courses, the applicants must have completed their graduation/ equivalent courses from an UGC recognized university. Subject Wise eligibility criteria is available on the SAMS portal. Applicants are advised to check the same before filling the Common Application Form (CAF). Candidates, whose final U.G. results are awaiting (not published), can also apply on-line by filling up the Common Application Form (CAF) to appear the CPET-2025.

**Sd./- Deputy Director, PTC section**

**OIPR-11001/11/0040/2425**

## ସଂକ୍ଷେପରେ

### ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ଟାଙ୍ଗୀ,୧୧।୩(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋନାଲି ମଣ୍ଡଳ,ସଭ୍ୟା ଋତୁ ମଣ୍ଡଳ, ସାମାଜିକକର୍ମୀ ସୁକାନ୍ତ ରାଉତ, ଅଙ୍ଗନୱାଡ଼ି କର୍ମୀ ରାଜେଶ୍ୱରୀ ହାଲଦାର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ, ଅମିତ ଚକ୍ରବର୍ତ୍ତୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ବାଞ୍ଛାଧର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ପାଠ୍ୟୋପକରଣ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ମନୋରମା ସାହୁ ଏବଂ ରୂପାଲି ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସ୍ୱାଗତିକା ରାଜ ଧନ୍ୟବାଦ ଦେଇଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ନୀଳାଚଳ ସତ୍‌ସଙ୍ଗର ବାର୍ଷିକୋତ୍ସବ

**ବେଗୁନିଆ,୧୧।୩(ସନ୍ଧ୍ୟାରାଣୀ ମିଶ୍ର):** ନୀଳାଚଳ ସତ୍‌ସଙ୍ଗର ତ୍ରୟୋଦଶ ବାର୍ଷିକ ଉତ୍ସବ ସିମୋର ଗ୍ରାମର ବାଲୁଙ୍କେଶ୍ୱର ଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଘମାରୀ ନୀଳାଚଳ ସତ୍‌ସଙ୍ଗର ସଭାପତି ବୀର କିଶୋର ଦାଶଙ୍କ ଅଧ୍ୟକ୍ଷତାରେ ସ୍ୱାମୀ ଭାଗବତାନନ୍ଦ ପୁରୀ ମୁଖ୍ୟ ଅତିଥି ଏବଂ ପ୍ରବଚକ ଶ୍ୟାମ ସୁନ୍ଦର ତ୍ରିପାଠୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଭକ୍ତି ଓ ଭାବ ମାଧ୍ୟମରେ ଈଶ୍ୱରଙ୍କ ସାନିଧ୍ୟ ଲାଭ କରି ହେବ ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଗଂପୁର ନୀଳାଚଳ ସତ୍‌ସଙ୍ଗର ସଭାପତି ଶରତ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶାନ୍ତିଲତା ମହାନ୍ତି ଗୁରୁ ବନ୍ଦନା ଭଜନ ପରିବେଷଣ ଏବଂ ବିଜୟାନନ୍ଦ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ବାଲୁଙ୍କେଶ୍ୱର ଦେବଙ୍କ ପୂଜାର୍ଚ୍ଚନା ସହ ଜଳାଭିଷେକ କରାଯାଇଥିଲା।

### ୧୫ରୁ ରାଜ୍ୟସ୍ତରୀୟ ଓଡ଼ିଶୀ ସଙ୍କୀର୍ତ୍ତନ ମହୋତ୍ସବ

**ବେଗୁନିଆ,୧୧।୩(ସନ୍ଧ୍ୟାରାଣୀ ମିଶ୍ର):** ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ପଙ୍ଗାରସିଂହ ପଞ୍ଚାୟତ ଅଧୀନ ଭୋଗଡ଼ା ଗ୍ରାମର ତଳସାହିସ୍ଥିତ ଭଗବତ ଦେବଙ୍କ ମନ୍ଦିର ପରିସରରେ ରାଜ୍ୟସ୍ତରୀୟ ଓଡ଼ିଶୀ ସଙ୍କୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ବୈଠକ ଯୁଗଳ କିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ତଥା ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର, ସଦସ୍ୟ ନିତ୍ୟାନନ୍ଦ ପଣ୍ଡା, ଅର୍ଜୁନ ଜେନା, ବିପିନ ପ୍ରଧାନ, ମଧୁସୂଦନ ମହାପାତ୍ର, ନିତ୍ୟାନନ୍ଦ ମହାପାତ୍ର, ମାନସ ରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଜେନା, ନକୁଳାନନ୍ଦ ମହାପାତ୍ର, ନୀଳକଣ୍ଠ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବାକୁ ମତବ୍ୟକ୍ତ କରିଥିଲେ। ଗଣେଶ୍ୱର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଶିକ୍ଷା ସମାଜ ବିକାଶର ମୂଳମନ୍ତ୍ର

**ବୋଲଗଡ଼,୧୧।୩(ଦେବବ୍ରତ ହୋତା):** ବିଜିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଶିକ୍ଷାବିତ୍ ଇଂ.କର୍ପୂର ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଅରୁଣ କୁମାର ରାଉତରାୟ ଯୋଗଦେଇ ଛାତ୍ରୀଛାତ୍ର ନିଜ ବୌଦ୍ଧିକ ବିକାଶ ଓ ଚରିତ୍ର ଗଠନ ଦ୍ୱାରା ସୁନାଗରିକ ହୋଇପାରିବେ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ସିଆର୍‌ସିସି ପ୍ରଫୁଲ୍ଲ କୁମାର ନାୟକ ଶିକ୍ଷା ହିଁ ସମାଜ ବିକାଶର ମୂଳମନ୍ତ୍ର ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ସମିତି ସଭ୍ୟ ସୁରଥ ସ୍ୱାଇଁ, ପରିଚାଳନା କମିଟି ସଭାପତି ସୁଦର୍ଶନ ସ୍ୱାଇଁ, ମୋ ସ୍କୁଲ ସଭାପତି ବୁଲୁ ପ୍ରଧାନ, ୱାର୍ଡ ସଭ୍ୟ ଯଦୁମଣି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଲିଲିଆ ସାହୁ, ସୁରେଶ ପଲେଇ, ଉର୍ମିଳା ସ୍ୱାଇଁ, ସବିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ କୁବେର ସାହୁ ଧନ୍ୟବାଦ ଦେଇଥିଲେ।

# ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାରଙ୍କୁ ଆଇଜିଆର୍‌ଙ୍କ କାରଣ ଦର୍ଶାଅ ନୋଟିସ

**ଖୋର୍ଦ୍ଧା,୧୧।୩(ପ୍ରଭାତ ପାଣିଗ୍ରାହୀ)**

ପାର୍ଟ ବା ଆଂଶିକ ପ୍ଲଟ ପଞ୍ଜୀକରଣ ଉପରେ ସରକାରୀ କଟକଣା ରହିଥିବା ସତ୍ତ୍ୱେ ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଏହାର ଖୋଲା ଉଲ୍ଲଂଘନ କରାଯାଇଛି। ଏପରି କି ପାର୍ଟ ପ୍ଲଟ କିଣାବିକାରେ ଲକ୍ଷାଧିକ ଟଙ୍କା ଅର୍ଥ କାରବାର କରାଯାଇଛି। ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ମନଇଚ୍ଛା ପାର୍ଟ ପ୍ଲଟ କିଣାବିକା ନେଇ ଅଭିଯୋଗ ଆସିବା ପରେ ଇନ୍ସପେକ୍ଟର ଜେନେରାଲ୍ ଅଫ୍ ରେଜିଷ୍ଟ୍ରେଶନ(ଆଇଜିଆର୍) ଏବେ ଆକ୍ସନ ମୁଡରେ। ପ୍ଲଟ ପଞ୍ଜୀକରଣ ଧାରା ୨୨-ଏ ଉଲ୍ଲଂଘନ ନେଇ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ଏନେଇ ପକ୍ଷ ରଖିବାକୁ ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାରଙ୍କୁ କାରଣ ଦର୍ଶାଅ ନୋଟିସ କରିଛନ୍ତି। ନୋଟିସ ପାଇବାର ୩ ଦିନ ମଧ୍ୟରେ ରିପୋର୍ଟ ଦାଖଲ

**ପାର୍ଟ ପ୍ଲଟ ପଞ୍ଜୀକରଣ କେଳେଙ୍କାରୀ**
- ୩ ଦିନରେ ପକ୍ଷ ନ ରଖିଲେ କାର୍ଯ୍ୟାନୁଷ୍ଠାନ
- ୨ମାସରେ ୫୫ ପ୍ଲଟ ବିକ୍ରି ଅଭିଯୋଗ

ନ କଲେ ସ୍ୱତଃସ୍ଫୂର୍ତ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଜିଆର ଚିଠି ନଂ. ୧୨୬୬/୧୦।୩।୨୫ ତାରିଖରେ ଉଲ୍ଲେଖ କରିଛନ୍ତି। ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଉଲ୍ଲଙ୍ଘନ ଏବଂ ଓଡିଏ ଆଇନ ୧୯୮୨ର ଧାରା ୧୫ ଉଲ୍ଲଘଂନ କରି ଧାରା ୧୦ ଦଲିଲ ପଞ୍ଜୀକରଣ କରିଥିବା ନେଇ ଏକାଧିକ ଅଭିଯୋଗ ଆସିଥିବା ବେଳେ ଏ ସଂକ୍ରାନ୍ତରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିବା ଆଇଜିଆର ଦର୍ଶାଇଛନ୍ତି। ୨୦୨୫ ଜାନୁଆରୀ ୩ରୁ ମାର୍ଚ୍ଚ ୩ତାରିଖ ମଧ୍ୟରେ ୫୫ଟି ପାର୍ଟ ପ୍ଲଟ କିଣାବିକା କରାଯାଇଛି। ସେଥିରୁ ଜାନୁଆରୀରେ ୩୦, ଫେବୃଆରୀରେ ୨୩ ଏବଂ ମାର୍ଚ୍ଚ ୩ ତାରିଖ ସୁଦ୍ଧା ୨ଟି ଆଂଶିକ ପ୍ଲଟ ବିକ୍ରି କରାଯାଇଛି।

ସୂଚନା ମୁତାବକ, ୨୦୨୨ରୁ ରାଜ୍ୟରେ ଆଂଶିକ ପ୍ଲଟ ଉପରେ କଟକଣା ରହିଛି। ଏହା ସତ୍ତ୍ୱେ ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାର ମନଇଚ୍ଛା ଅଂଶ ପ୍ଲଟ ବିକ୍ରି ଏକାଧିକ ଅଭିଯୋଗ ପାଇବା ପରେ ଅତିରିକ୍ତ ଜିଲାପାଳ ତଥା ଡିଷ୍ଟ୍ରିକ୍ଟ ରେଜିଷ୍ଟ୍ରାର ଚିଠି ନମ୍ବର ୩୮୨୦/ ୨୫।୨।୨୦୨୫ରେ ସବ୍ ରେଜିଷ୍ଟ୍ରାରଙ୍କୁ ରିପୋର୍ଟ ତଲବ କରିଥିଲେ। ୨୦୨୪ ଡିସେମ୍ବରରୁ ୨୦୨୫ ଫେବୃଆରୀ ପର୍ଯ୍ୟନ୍ତ କେତେ ଆଂଶିକ ପ୍ଲଟ ପଞ୍ଜୀକରଣ କରାଯାଇଛି, ତାହାର ୭ଦିନ ମଧ୍ୟରେ ସବିଶେଷ ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏବେ ୨୦୨୫ ଜାନୁଆରୀରୁ ମାର୍ଚ୍ଚ ୩ ତାରିଖ ମଧ୍ୟରେ ୫୫ଟି ପାର୍ଟ ପ୍ଲଟ ବିକ୍ରି କରାଯାଇଥିବା ଜାଣିବାକୁ ମିଳିଛି। ତଳିଆ କର୍ମଚାରୀ, ଦଲାଲଙ୍କ ଜରିଆରେ ଗୋଟିଏ ପ୍ଲଟ ବିକ୍ରି ବାବଦକୁ ୨୦ରୁ ୩୦ହଜାର ଟଙ୍କା ଲାଞ୍ଚ ନିଆଯାଉଥିବା ଅଭିଯୋଗ ଆସିଛି। କେବଳ ଖୋର୍ଦ୍ଧା ନୁହେଁ ଏଥିସହିତ ବେଗୁନିଆ, ଜଟଣୀ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ମଧ୍ୟ ଏଭଳି କେଳେଙ୍କାରୀ ଚାଲିଥିବା ଅଭିଯୋଗ ମଧ୍ୟ ହୋଇଛି। ପ୍ରକାଶ ଯେ, ଗତ ଡିସେମ୍ବର ୯ରେ ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ପାର୍ଟ ପ୍ଲଟ ପଞ୍ଜୀକରଣ ପାଇଁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହି ଘଟଣାରୁ ବିଭିନ୍ନ କାର୍ଯ୍ୟାଳୟରେ ଲାଞ୍ଚ କାରବାର ଚାଲିଥିବା ଘଟଣା ପଦାକୁ ଆସିଥିଲା।

# ବିବାହ ବନ୍ଧନରେ ଅନୁଭବ-ଜାଗୃତି

**ଭୁବନେଶ୍ୱର,୧୧।୩ (ସୌମ୍ୟରଞ୍ଜନ ରାଉତ)**

ଓଲିଉଡ୍ ସୁପରଷ୍ଟାର ଅନୁଭବ ମହାନ୍ତି ଓ ସାମ୍ବାଦିକା ଜାଗୃତି ଶୁକ୍ଳା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଦୀର୍ଘଦିନର ସମ୍ପର୍କ ପରେ ଉଭୟ ମଙ୍ଗଳବାର ଦିଲ୍ଲୀର ତ୍ୟାଗରାଜସ୍ଥିତ ଏକ ଜଗନ୍ନାଥ ମନ୍ଦିରରେ ବିବାହ କରିଛନ୍ତି। ପରିବାରବର୍ଗ ଓ କେତେଜଣ ହାତଗଣତି ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ଏହି ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ମାର୍ଚ୍ଚ ୮ରେ ଉଭୟଙ୍କ ନିର୍ବନ୍ଧ ହୋଇଥିଲା। ନିର୍ବନ୍ଧ ଫଟୋ ସାମ୍ନାକୁ ଆସିବା ପରଠୁ ଉଭୟଙ୍କ ବିବାହକୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଥିଲା। ଏବେ ବିବାହ ଉତ୍ସବ ସମ୍ପନ୍ନ ପରେ ସାମାଜିକ ଗଣମାଧ୍ୟରେ ଅନୁଭବ-ଜାଗୃତିଙ୍କ ବିବାହ ବେଳର ଫଟୋ ଭାଇରାଲ ହେଉଛି।



ଜାଗୃତି ଶୁକ୍ଳା ଓ ଅନୁଭବ ମହାନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ,
ଭୁବନେଶ୍ୱର - 751001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ନୟାପଲ୍ଲୀସ୍ଥିତ ଅଫିସ୍‌ର କଲୋନୀରେ ଥିବା ୭ଟି ଗ୍ରେଡ୍ ଏ ଫ୍ଲାଟର ନବୀକରଣ (ଇଲେକ୍ଟ୍ରିକାଲ୍ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ ମାର୍ଚ୍ଚ ୨୭, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।
କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର

# ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**ଖୋର୍ଦ୍ଧା,୧୧।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକର କାଇପଦର ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ସାତଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ୩୦ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପସ୍ଥିତିରେ ଏକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ସାଧନକେନ୍ଦ୍ର ସଂଯୋଜିକା ବାଗେଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏଫ୍‌ଏଲ୍‌ଏନ୍ ମଡେଲ ସ୍କୁଲ ସରକାରୀ ଉଚ୍ଚ ବିଦ୍ୟାଳୟ କାଇପଦରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୀଣାପାଣି ମାର୍ଥା, ବିଦ୍ୟାଳୟ ପଞ୍ଚ ଶଖା ଶିକ୍ଷା ସେତୁ କମିଟିର ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ଚମ୍ପତିରାୟ, ପ୍ରାଥମିକ ଶିକ୍ଷକ ସଂଘର ଉପସଭାପତି ଅଗାଧୁ ସେଠି ଏବଂ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ଦାସ ଯୋଗଦେଇଥିଲେ। କର୍ମଶାଳାରେ ସମ୍ବଳ ଶିକ୍ଷକ ବେଣୁଧର ମହାପାତ୍ର, ଜଗନ୍ନାଥ ମାଝୀ ଏବଂ ବିଜୟଲକ୍ଷ୍ମୀ ଦାସ ଯୋଗଦେଇ କଳା ଓ ହସ୍ତଶିଳ୍ପ ମାଧ୍ୟମରେ କିପରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇପାରେ ସେ ସମ୍ପର୍କରେ ସାମଗ୍ରୀ ପ୍ରସ୍ତୁତି ଏବଂ ଏହାର କଳାକୌଶଳ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପ୍ରଦାନ କରିଥିଲେ। କର୍ମଶାଳାର ଅନ୍ତିମ ଦିବସରେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ମଣ୍ଡଳ ସାଧନକେନ୍ଦ୍ର ସଂଯୋଜିକା ସନ୍ଧ୍ୟାବତୀ ଲେଙ୍କା ଯୋଗଦେଇ ଶିକ୍ଷଣ ସାମଗ୍ରୀର ମୂଲ୍ୟବୋଧ ତଥା ଉପଯୋଗୀତା ଉପରେ ଆଲୋକପାତ କରିଥିଲେ। ଶେଷରେ କ୍ଲଷ୍ଟର ସଂଯୋଜିକା ମହାପାତ୍ର ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଧନ୍ୟବାଦ ଦେଇଥିଲେ।

### ମହିଳା ଦିବସ ପାଳିତ

**ଯାଁଳା,୧୧।୩(ବୁଲା ବାରିକ):** ରାଜଧାନୀ ଉପକଣ୍ଠ କଳିଙ୍ଗ ନଗର-୪ ସ୍ଥିତ ଶତାକ୍ଷୀ ମହିଳା ସଙ୍ଗଠନରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଡ.ଭିୟତା ପ୍ରଜ୍ଞା ଆଚାର୍ଯ୍ୟ, ଡ.ବିନୋଦିନୀ ମିଶ୍ର, ସମାଜସେବୀ ଅନୁରାଧା ମହାନ୍ତି ଯୋଗଦେଇଥିଲେ। ସମ୍ପାଦିକା ମମତା ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭାନେତ୍ରୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଦେଇଥିଲେ। ସମାଜର ପ୍ରଗତି ପଥରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସଂଗଠନର ସଦସ୍ୟାମାନେ ଉପସ୍ଥିତ ଥିଲେ।

## Government of Odisha
### Higher Education Department

**Important notice for the applicants seeking admission into P.G. Courses at State Public Universities and Colleges participating under SAMS for the Academic Session 2025-26**

**No.N-193** : It is for information of all concerned that admission into P.G. Courses for the current Academic Session: 2025-26 at the HEIs participating under SAMS shall be done through a **Common PG Entrance Test (CPET-2025)**. Accordingly, the candidates are hereby instructed to fill-up the Common Application Form by visiting the SAMS P.G. portal as per the timeline mentioned below. Common Prospectus (CP) for CPET-2025 is available on the SAMS P.G. Portal. Applicants are advised to refer to the CP before filling up the CAF. The key points of P.G. e-Admission for the Academic Year 2025-26 are as follows.

1. **For the academic session 2025-26, P.G. admissions will be based exclusively on the scores secured in the Common Postgraduate Entrance Test (CPET). The earlier year's practice of applying the 80:20 ratio (CPET marks: Career marks) for preparing the statewide merit rank will be discontinued.**
2. **In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for the left out or fresh applicants.**
3. **The Phase-I admission will consists of 4 rounds of selection.** The reservation and weightage will be continued for 1st and 2nd rounds of selection. In the 3rd round, the de- reservation of seats will be carried out in case of absence of the eligible applicants of a specific category. The 4th round will be the last round for Phase-I, which will be a Waiting list admission process.
4. **Applicants who got selected and taken admission during the Phase-I admission process (in any of the rounds) in any subject at any Higher Education Institutions (HEIS) will not be eligible to participate in further phase/round of admission process, which will be available exclusively for the left out or fresh students.**
5. **This implies, only the left out applicants who have not been admitted to any of the HEIs in Phase-I admission process will be allowed to participate in the further phase/round of admission process.**
6. An applicant with **Elective Papers which carries at least 24 credits at U.G. Level are eligible to apply for that subject** to get admission into P.G. Courses. If an applicant enters incorrect details (not having at least 24 credits but mentioned the same in the CAF), **his/her candidature will be cancelled during the admission and document verification process or even after the admission is completed.**
7. For this Academic Year, applicants wish to be considered for scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation marks/choice filling timeline.
8. **For the current academic session 2025-26, the P.G. admission process will start early, regardless of the declaration of final results. However, admitted students must submit their graduation or equivalent certificate to their respective institutions within two months of admission. If students fail to provide the required certificates within two months from the date of admission or their final marks do not meet the eligibility criteria specified in the Common Prospectus, their admission will be cancelled by the concerned University/ College. Further, those seats can be allotted to other eligibile applicants.**
9. Whenever a seat is allocated, applicants are compulsorily required to choose one of the option - **Freeze, Float or Slide** - carefully. The detail process of "Freeze", "Slide" and "Float" is mentioned in the Common Prospectus (CP) availbale on the SAMS portal. **If the applicant will not choose any of these options that implies the applicant is rejecting the offered/allocated seat and s/he will be out of the counselling process for the subsequent rounds of that Phase.**

**Timeline for e-Admission into P.G. Courses under SAMS in the State Public Universities and Colleges for the Academic Session: 2025-26**

The timeline for e-Admission into P.G. Courses for the session 2025-26 in the State Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Availability of Online CAF in the website www.samsodisha.gov.in | 10-Mar-2025 (Monday) **(04:00 P.M.)** |
| 2 | Last date of applying online CAF through www.samsodisha.gov.in | 28-Mar-2025 (Friday) **(11.45 P.M.)** |
| 3 | Editing of the CAF (If required), by the eligibile applicants for the CAF submitted earlier (New CAF submission is not allowed on this day) | 29-Mar-2025 (Saturday) **(10.00 A.M. to 11.45 P.M.)** |
| 4 | Submision of applicant's data to State selection Board (SSB) by OCAC | 04-April-2025 (Friday) |
| 5 | Availability of Hall Ticket/Admit Card on the website of the State selection Board (www.ssbodisha.ac.in) for downloading by the Applicants | 28-April-2025 (Monday) **(11.00 A.M. onwards)** |
| 6 | Conduct of Entrance Examination (CPET-2025) | 04-May-2025 (Sunday) to 18-May-2025 (Sunday) |
| 7 | Handing over the entrance marks to OCAC by SSB, Odisha | 26-May-2025 (Monday) |
| 8 | Publication of subject-wise and State-wide merit list, Updation of Graduation/Equivalent marks, Choice filling of HEIs by the eligible applicants and Publication of Provisional Allotment of Seats for different Rounds | Dates will be notified by the Higher Education Department Later |

**For more details please contact : e-Admission Helpline (Toll Free) Number 155335 / 1800-345-6770**

**N.B. :** To enroll into the P.G. Courses, the applicants must have completed their graduation/ equivalent courses from an UGC recognized university. Subject Wise eligibility criteria is available on the SAMS portal. Applicants are advised to check the same before filling the Common Application Form (CAF). Candidates, whose final U.G. results are awaiting (not published), can also apply on-line by filling up the Common Application Form (CAF) to appear the CPET-2025.

**Sd./- Deputy Director, PTC section**

**OIPR-11001/11/0040/2425**

# ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ

**ଖୋର୍ଦ୍ଧା,୧୧।୩(ପ୍ରଭାତ ପାଣିଗ୍ରାହୀ)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଖୋର୍ଦ୍ଧା ବିଡିଏ କଲୋନୀ ଗାୟତ୍ରୀ ମନ୍ଦିରଠାରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଯାଇଛି। ସଂସଦର ସଭାପତି ସତ୍ୟବାଦୀ ବଳିୟାରସିଂହ ଅଧ୍ୟକ୍ଷତା କରିଥିଲେ। ସଂସଦ ସମ୍ପାଦକ ସମ୍ପାଦକ ନାରାୟଣ ଦାସ ସ୍ୱାଗତ ଭାଷଣରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପାଇଁ କିଭଳି ସଂଘର୍ଷ ମଧ୍ୟରେ ଗତି କରିଥିଲା ତା'ର ତଥ୍ୟ ପ୍ରଦାନ କରିଥିଲେ। ସେତେବେଳେ ଅଣ ଓଡ଼ିଆମାନେ ଏହାର ବିରୋଧୀ ଥିବା ବେଳେ ଏବେ ଓଡ଼ିଆ ଭାଷାର ଅବକ୍ଷୟ ପାଇଁ ଓଡ଼ିଆ ହିଁ ଦାୟୀ। ଫଳରେ ଏହି ଭାଷାର ବ୍ୟବହାରିକତା କ୍ରମଶଃ ଲୋପ ପାଇ ଆସିଲାଣି। ଏପରିକି ନିମନ୍ତ୍ରଣ ପତ୍ରରେ ମଧ୍ୟ ଓଡ଼ିଆରେ ଲେଖାଯାଉ ନାହିଁ। ଦିବ୍ୟଲୋଚନ ଭାରିମଲ୍ଲ କହିଥିଲେ, ଓଡ଼ିଆ ଜାତୀୟ ଚେତନାର ଅବକ୍ଷୟ ଘଟିଥିବାରୁ ସଂକୀର୍ଣ୍ଣ ସ୍ୱାର୍ଥରେ ଅନ୍ଧ ହୋଇ ନିଜ ମାତୃଭାଷାକୁ ଓଡ଼ିଆମାନେ ଅନାଦର କରି ଶାସନ ଶ୍ରେଣୀର ଭାଷାକୁ ଆଦରି ନେଉଛନ୍ତି। କବି ଗୋବିନ୍ଦ ଚନ୍ଦ୍ର ମହାରଣା ଏବଂ ନାଟ୍ୟକାର ରାଜକିଶୋର ବଳିୟାରସିଂହ କହିଥିଲେ, କର୍ନାଟକ, ଆନ୍ଧ୍ର ଓ ତାମିଲନାଡୁରେ ଲୋକଙ୍କ ନିଜ ମାତୃଭାଷା ପ୍ରତି ପ୍ରୀତି ରହିଥିବା ବେଳେ ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଓଡ଼ିଆମାନଙ୍କ ଭାଷା ପ୍ରୀତି ନାହିଁ ବୋଲି କ୍ଷୋଭ ପ୍ରକାଶ କରିଥିଲେ। ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଡ.ବୃନ୍ଦାବନ ପଣ୍ଡା ଓଡ଼ିଆ ଭାଷାର ପ୍ରାଚୀନତା ଉପରେ ତଥ୍ୟ ପ୍ରଦାନ କରିଥିଲେ। କୃଷ୍ଣଚନ୍ଦ୍ର ହରିଚନ୍ଦନ, କବି ଜ୍ଞାନ ରଞ୍ଜନ ଦାଶ ବିଷୁବ ସଂକ୍ରାନ୍ତିରେ ପ୍ରତ୍ୟେକ ଓଡ଼ିଆ ନୂଆ ବର୍ଷ ପାଳିବା ପାଇଁ ଆହ୍ୱାନ ଦେଇଥିଲେ। ସ୍ତମ୍ଭକାର ସମରେନ୍ଦ୍ର ବଳିୟାରସିଂହ ଓଡ଼ିଆ ଭାଷା ଓ ସାମାଜିକ ଗଣମାଧ୍ୟମ ଉପରେ ମତ ରଖିଥିଲେ। ଡ. ଚପଳା ପଣ୍ଡା, ଶାନ୍ତିଲତା ଦେବୀ ଓ ବିଳାସିନୀ ଦାଶଙ୍କ ସଂଯୋଜନାରେ ଶାସ୍ତ୍ରୀୟ ଭାଷା ଉପରେ କୈଳାସ ଚନ୍ଦ୍ର ପୃଷ୍ଟି, ପ୍ରଫୁଲ୍ଲ କୁମାର ଦାସ, ପଦ୍ମଲୋଚନ ସାହୁ, ବଂଶୀଧର ଦାସ, ଜ୍ୟୋତିପ୍ରଭା ପଟ୍ଟନାୟକ, ନୀଳାଦ୍ରିନାଥ ଜଗଦ୍ଦେବ, ଜ୍ୟୋତିରଞ୍ଜନ ସାହୁ, ଦମୟନ୍ତୀ ସୁବୁଦ୍ଧି ପ୍ରମୁଖ କବିତା ପାଠ କରିଥିଲେ। ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

# ଶିକ୍ଷକ ପଦବୀ ପୂରଣ ପାଇଁ ଦାବି



**ବେଗୁନିଆ,୧୧।୩(ହରପ୍ରସନ୍ନ ପଣ୍ଡା)**

**ରାଧାକାନ୍ତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ ପାଳିତ**

ବେଗୁନିଆ ବ୍ଲକ ଅଧୀନ ଗଡ଼ତରା ଗ୍ରାମସ୍ଥିତ ରାଧାକାନ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନାରାୟଣ ସୁବୁଦ୍ଧି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ଜୁଲିତା ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାତ ସୁବୁଦ୍ଧି, ଆଲୁମ୍ନି କମିଟି ସମ୍ପାଦକ ନକୁଳ ମୁଦୁଲି, ଶିକ୍ଷାବିତ୍ ପ୍ରଫୁଲ୍ଲ ରଥ, ତାରେଶ୍ୱର ମହାକୁଡ଼, ସାମାଜିକ କର୍ମୀ ମାନସ ରଞ୍ଜନ ସାହୁ, ଆଇନଜୀବୀ ପ୍ରଦୀପ୍ତ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷକ ଉମାଶଙ୍କର ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ପିଲାମାନେ ପାଠ ପଢିବା ସହ ବୌଦ୍ଧିକ ଜ୍ଞାନର ବିକାଶ ଦିଗରେ ସକାରାତ୍ମକ ମନୋଭାବ ରଖନ୍ତୁ। ବିଭିନ୍ନ ପ୍ରତିଯୋଗିତାରେ ରୁଚି ରଖୁଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବାକୁ ପୁରସ୍କାର ବିତରଣ ହେଉଛି ଏକମାତ୍ର ମାଧ୍ୟମ ବୋଲି ଅତିଥି ସାହୁ କହିଥିଲେ। ଅନ୍ୟପକ୍ଷେ ଉକ୍ତ ବିଦ୍ୟାଳୟ ସହ ବ୍ଲକର ବିଭିନ୍ନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷକ ପଦବୀ ଦୀର୍ଘଦିନ ହେଲା ଖାଲିପଡ଼ିଛି। ଫଳରେ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହେଉଛି। ସରକାରଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିବା ନେଇ ପ୍ରତିବାଦ କରାଯାଇଥିଲା। ତୁରନ୍ତ ଶିକ୍ଷକ ପଦବୀ ପୂରଣ ପାଇଁ ବିଧାୟକଙ୍କ ନିକଟରେ ଦାବି ହୋଇଥିଲା। ଅନୁଦାନପ୍ରାପ୍ତ ସଂଘର ପ୍ରତିନିଧିଙ୍କ ପକ୍ଷରୁ ଭାଗବତ ପ୍ରସାଦ ପାଣ୍ଡେ, ସୂର୍ଯ୍ୟକାନ୍ତ ନନ୍ଦ ଏବଂ ସିଆର୍‌ସିସି ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱ ଦେବାକୁ ନିବେଦନ କରିଥିଲେ। ସଭାରେ ବୈକୁଣ୍ଠ ନାଥ ସାଥୁଆ, ପ୍ରହଲ୍ଲାଦ ପାଣିଗ୍ରାହୀ ଏବଂ ଧୋବାନାଥ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

# ଗୋଚାଲାଣ, ଗୋମାଂସ ରପ୍ତାନି ସମ୍ପୂର୍ଣ୍ଣ ବନ୍ଦ ହେବ

■ ସମ୍ବେଦନଶୀଳ ସ୍ଥାନରେ ଲାଗିବ ସିସି କ୍ୟାମେରା
■ ସତ୍ୟବାଦୀ ବ୍ଲକରେ ଦ୍ୱିତୀୟ ଶାନ୍ତି କମିଟି ବୈଠକ

ସାକ୍ଷୀଗୋପାଳ,୧୧।୩ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)


ବୈଠକରେ ଉପସ୍ଥିତ ଅଧିକାରୀ ଓ ଶାନ୍ତି କମିଟି ସଦସ୍ୟମାନେ।

ସତ୍ୟବାଦୀରୁ ଗୋଚାଲାଣ, ଗୋହତ୍ୟା ଓ ଗୋମାଂସ ରପ୍ତାନି ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ମଙ୍ଗଳବାର ସତ୍ୟବାଦୀ ବ୍ଲକ ସଭାଗୃହରେ ଅନୁଷ୍ଠିତ ଦ୍ୱିତୀୟ ଶାନ୍ତି କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। କିଛି ଖଳପ୍ରକୃତିର ଲୋକଙ୍କ ଯୋଗୁ ସତ୍ୟବାଦୀର ସମୁଦାୟ ମୁସଲମାନ ସମ୍ପ୍ରଦାୟ ରାଜ୍ୟ ଓ ଦେଶରେ ବଦନାମ ହେଉଛି। ବୈଠକରେ ସତ୍ୟବାଦୀର ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ୪୦ରୁ ଊର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ବ୍ୟକ୍ତି, ବୁଦ୍ଧିଜୀବୀ, ରାଜନେତାଙ୍କ ସମେତ ଜିଲା ଓ ବ୍ଲକ ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

ସେହିଭଳି ସ୍ଥାନୀୟ ଅହମ୍ମଦପୁର ଗ୍ରାମ କୋଠ ପକ୍ଷରୁ ବୈଠକ କରାଯାଇ ଗ୍ରାମରେ ଏଭଳି ବ୍ୟବସାୟ ଓ ଏହାକୁ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିଙ୍କ ନାମରେ ସତ୍ୟବାଦୀ ଥାନାରେ ଅଭିଯୋଗ କରାଯିବ। ଅନ୍ୟପଟେ ସାକ୍ଷୀଗୋପାଳ ମନ୍ଦିର, କଲେଜ ଛକ, ବାସୁକେରା ବାଇପାସ୍ ଓ ବଜାରର କେତୋଟି ସମ୍ବେଦନଶୀଳ ସ୍ଥାନରେ ପ୍ରଶାସନ ପକ୍ଷରୁ ସିସି କ୍ୟାମେରା ଲଗାଯାଇ ନଜର ରଖାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ସାକ୍ଷୀଗୋପାଳ ମନ୍ଦିର ନିକଟରେ ଏକ ଗୋଶାଳା କରାଯିବ।

ବୈଠକରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ବିଡିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ଆଇଆଇସି ବିଜୟ କେତନ ବେହେରା, ଭାଜପା ନେତା ତ୍ରିଲୋଚନ ରଥ, ପ୍ରଦ୍ୟୁମ୍ନ ଶତପଥୀ, ସମିତିସଭ୍ୟ ଦୀପକ ଶତପଥୀ, ଉମେଶ ପ୍ରଧାନ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ମହାପାତ୍ର ଓ ଅଶୋକ ରାଉତରାୟ, ସରପଞ୍ଚ ଦେବଦତ୍ତ ସାମନ୍ତରାୟ, ସେବାୟତ ସଂଘ ସମ୍ପାଦକ ବିଜୟ କୁମାର ନନ୍ଦ, ରଞ୍ଜନ ବରାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜୟନ୍ତ ହୋତାଙ୍କ ସମେତ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ମହମ୍ମଦ ଜିରିଉଦ୍ଦିନ, ମିରି ଅଲିମ, ଏସ୍‌କେ ରଜକ, ଏ ଆର୍ ଖାନ୍, ଏସ୍‌କେ ଆଲିମ୍, ମିର ବରକତ ଅଲ୍ଲୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଚଳିତ ମାସ ୧ରେ ସତ୍ୟବାଦୀ ଥାନା ପରିସରରେ ଏହି କମିଟିର ସଦସ୍ୟଙ୍କ ଦ୍ୱାରା ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୃହୀତ ପ୍ରସ୍ତାବଗୁଡ଼ିକ କିଭଳି କାର୍ଯ୍ୟକାରୀ କରାଯାଇଛି ତାହାର ପୂର୍ବ ପର ପ୍ରସ୍ତୁତି ସମ୍ପର୍କରେ ଆଜିର ବୈଠକରେ ଆଲୋଚନା କରାଯାଇଛି। ଗୋଚାଲାଣ ଘଟଣାରେ ସମ୍ପୃକ୍ତ ଜଣେ ଯୁବକ ଆକ୍ରମଣକାରୀଙ୍କ ଦ୍ୱାରା ଆହତ ହୋଇ ଏବେ ବି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ଜଣେ ଯୁବକଙ୍କୁ ରବିବାର ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଆକ୍ରମଣ ଅଭିଯୋଗରେ ସତ୍ୟବାଦୀ ବ୍ଲକ ଜୟପୁର ପଞ୍ଚାୟତର ନାଏବ ସରପଞ୍ଚ ପ୍ରିୟଦର୍ଶୀ ମହାପାତ୍ର ଜେଲରେ ଅଛନ୍ତି।

# ବିବାହ ବନ୍ଧନରେ ଅନୁଭବ-ଜାଗୃତି

ଭୁବନେଶ୍ୱର,୧୧।୩ (ସୌମ୍ୟରଞ୍ଜନ ରାଉତ)


ଜାଗୃତି ଶୁକ୍ଳା ଓ ଅନୁଭବ ମହାନ୍ତି।

ଓଲିଉଡ୍ ସୁପରଷ୍ଟାର ଅନୁଭବ ମହାନ୍ତି ଓ ସାମ୍ବାଦିକା ଜାଗୃତି ଶୁକ୍ଳା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଦୀର୍ଘଦିନର ସମ୍ପର୍କ ପରେ ଉଭୟ ମଙ୍ଗଳବାର ଦିଲ୍ଲୀର ହାଉଜଖାସସ୍ଥିତ ଏକ ଜଗନ୍ନାଥ ମନ୍ଦିରରେ ବିବାହ କରିଛନ୍ତି। ପରିବାରବର୍ଗ ଓ କେତେଜଣ ହାତଗଣତି ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ଏହି ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ମାର୍ଚ୍ଚ ୮ରେ ଉଭୟଙ୍କ ନିର୍ବନ୍ଧ ହୋଇଥିଲା। ନିର୍ବନ୍ଧ ଫଟୋ ସାମ୍ନାକୁ ଆସିବା ପରଠୁ ଉଭୟଙ୍କ ବିବାହକୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଥିଲା। ଏବେ ବିବାହ ଉତ୍ସବ ସମ୍ପନ୍ନ ପରେ ସାମାଜିକ ଗଣମାଧ୍ୟମରେ ଅନୁଭବ-ଜାଗୃତିଙ୍କ ବିବାହ ବେଳର ଫଟୋ ଭାଇରାଲ ହେଉଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - 751001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ନୟାପଲ୍ଲୀସ୍ଥିତ ଅଫିସର୍ସ କଲୋନୀରେ ଥିବା ୭ଟି ଗ୍ରେଡ୍ ଏ ଫ୍ଲାଟର ନବୀକରଣ (ଇଲେକ୍ଟ୍ରିକାଲ୍ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି। ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ ମାର୍ଚ୍ଚ ୨୭, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର

# ସବୁ ବିଭାଗ ଅଧିକ କ୍ରିୟାଶୀଳ ହେବା ଆବଶ୍ୟକ

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି)

## ସୂଚନା ଅଧିକାର ଆଇନ କର୍ମଶାଳା

ସୂଚନା ଅଧିକାର ଆଇନ-୨୦୦୫ ଅନ୍ତର୍ଗତ ଏକ ସଚେତନତା କର୍ମଶାଳା ମଙ୍ଗଳବାର ପୂର୍ବାହ୍ନରେ ଜିଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଇନ ଯୋଗୁ ବିଭିନ୍ନ ବିଭାଗରେ ସ୍ୱଚ୍ଛତା ମଧ୍ୟ ବୃଦ୍ଧି ପାଇଛି। ଅଧିକାରୀ ଓ କର୍ମଚାରୀ ଲୋକଙ୍କୁ ସୂଚନା ଓ ସେବା ପ୍ରଦାନରେ ଉତ୍ତରଦାୟୀ ଭାବେ କାର୍ଯ୍ୟ କରୁଛନ୍ତି। ସୂଚନା ଅଧିକାର କର୍ମୀମାନେ ମଧ୍ୟ ସାମାଜିକ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ବିଭାଗକୁ ଅଧିକ କ୍ରିୟାଶୀଳ ଓ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା ମତବ୍ୟକ୍ତ କରିଛନ୍ତି।

କେତେଜଣ ସୂଚନା ଅଧିକାରୀ ଏହି ସୂଚନା ଅଧିକାର ସମ୍ପର୍କରେ ଜାଣିପାରୁ ନ ଥିବାରୁ ଦରଖାସ୍ତଗୁଡ଼ିକ ସୂଚନା କମିଶନଙ୍କ ନିକଟରେ ଅପିଲ ହେଉଛି। ଏହି ଅବହେଳା ପାଇଁ ସମ୍ପୃକ୍ତ ସୂଚନା ଅଧିକାରୀ ଦଣ୍ଡିତ ହେବାର ଉଦାହରଣ ମଧ୍ୟ ରହିଛି। ଅତି ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଭାବେ ପ୍ରଶିକ୍ଷଣ ନେଇ ସୂଚନା ଅଧିକାର ତଥ୍ୟ ଅପଡେଟ୍ କରିବାକୁ ବେହେରା ପରାମର୍ଶ ଦେଇଥିଲେ। ବିଷୟ ବିଶାରଦ ଭାବେ ଲୁମିନସ୍ ଇନ୍‌ଫୋସିସ୍‌ର ମାଷ୍ଟର ଟ୍ରେନର ସୁନୀଲ କୁମାର ସେଠୀ ଯୋଗଦେଇ ମଗାଯାଉଥିବା ତଥ୍ୟ ଠିକ୍ ସମୟରେ ପ୍ରଦାନ ସହ ନିଜ ବିଭାଗର ତଥ୍ୟଗୁଡ଼ିକୁ ସାର୍ବଜନୀନ କରିବା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହି ତଥ୍ୟଗୁଡ଼ିକ ଓଡ଼ିଆ ଭାଷାରେ ସାର୍ବଜନୀନ କରିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ସେମାନଙ୍କ ମନରେ ଥିବା ସୂଚନା ଅଧିକାର ଦ୍ୱନ୍ଦ୍ୱକୁ ସେଠୀ ଦୂର କରିଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିବା ବେଳେ ଯଥାଶୀଘ୍ର ସମସ୍ତ ବିଭାଗ ସେମାନଙ୍କ ନିଜସ୍ୱ ତଥ୍ୟକୁ ଅପ୍‌ଡେଟ୍ କରିବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅରୁଣ କୁମାର ଦାସ, ବିଭିନ୍ନ ବିଭାଗର ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।


ସୁରଜମଲ୍ଲ ଶାହା ମହାବିଦ୍ୟାଳୟରେ ଆୟୋଜିତ ଆତ୍ମରକ୍ଷା କୌଶଳ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

# ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

**ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି):** ସୁରଜମଲ୍ଲ ଶାହା ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ଶିବିର ମଙ୍ଗଳବାର ଶେଷ ହୋଇଛି। ଏହି ଶିବିର ଫେବୃଆରୀ ୨୪ ତାରିଖରୁ ଆରମ୍ଭ ହୋଇ ୧୦ ଦିନ ଧରି ଚାଲିଥିଲା। ମହାବିଦ୍ୟାଳୟର ୧୧୦ରୁ ଊର୍ଦ୍ଧ୍ୱ +୩ ପ୍ରଥମ ବର୍ଷର ଛାତ୍ରୀ ଏଥିରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରଫେସର ଡ. ରୁକ୍ମିଣୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିବିରର ପ୍ରଶିକ୍ଷକ ଭାବେ ହର୍ଷିତା ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବ୍ରହ୍ମାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ଡ. ପାଣିଗ୍ରାହୀ, ଦୁର୍ଗାପ୍ରସାଦ ଦାଶ, ପ୍ରାଧ୍ୟାପକ ସୁଶାନ୍ତ ମହାପାତ୍ର, ପ୍ରାଧ୍ୟାପିକା ସୁଜାତା ବେହେରା, ଅଧ୍ୟାପକ ଅଜିତ କୁମାର ଦଳାଇ, ବଡ଼ବାବୁ ବଳରାମ ମିଶ୍ର ଓ ଗ୍ରନ୍ଥାଗାରିକା ଗୀତାରାଣୀ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# କଟକ ଜୁବେନାଲକୁ ହରାଇ ପୁରୀ ପାୟୋନିଅର ସେମିରେ


ଅତିଥିମାନେ ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ଗୋପ,୧୧।୩(ଭାରତୀ ଭୂଷଣ ଉପାଧ୍ୟାୟ)

## ଧର୍ମେନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ଗୋପ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ କଟକର ଜୁବେନାଲ କ୍ରିକେଟ କ୍ଲବକୁ ୪ ଉଇକେଟ୍‌ରେ ହରାଇ ପୁରୀର ପାୟୋନିଅର ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପୁରୀ ପାୟୋନିଅର ବୋଲିଂ ନିଷ୍ପତ୍ତି ନେଇଥିଲା। କଟକ ଜୁବେନାଲ ୨୫ ଓଭରରୁ ୨୪ ଓଭର ୫ ବଲ୍‌ରେ ସମସ୍ତ ଉଇକେଟ୍ ହରାଇ ୧୪୦ ରନ୍ କରିଥିଲା। ଜବାବରେ ପୁରୀ ପାୟୋନିଅର ୬ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରି ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ବିଜୟୀ ପାୟୋନିଅରର ଖେଳାଳି ଏସ୍.କେ. ସଲ୍‌ମାନ ୩୨ ବଲ୍‌ରେ ୩୨ ରନ୍ କରିବା ସହ ଗୋଟିଏ ଉଇକେଟ୍ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଏହି ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟକୁ ମଙ୍ଗଳବାର ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଗୋପ ବ୍ଲକ ଯୁବନେତା ମନଦୀପ ପାଇକରାୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ କପ୍ ପ୍ରଦାନ କରିଥିଲେ। ପ୍ରମୋଦ କୁମାର ସିହ୍ନା, ଦେବେନ୍ଦ୍ର ମିଶ୍ର ଖେଳ ପରିଚାଳନା କରିଥିଲେ।

# ଭାଷା ଆମ ପରିଚୟକୁ ସମୃଦ୍ଧ କରିଛି

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି): ସମତା ସାହିତ୍ୟ ସମିତି, ପୁରୀ ଆନୁକୂଲ୍ୟରେ ଜିଲାସ୍କୁଲ ନିକଟ ଓଡ଼ିଶା ସଂଗୀତ ପରିଷଦ ଠାରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଓଡ଼ିଆ ପ୍ରାଧ୍ୟାପକ ଅଶୋକ କୁମାର ମିଶ୍ର, ପ୍ରଫେସର କାର୍ତ୍ତିକ କୁମାର ଦାସ, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ସମିତିର ସାଧାରଣ ସମ୍ପାଦକ ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭାଷା ଆମ ପରିଚୟକୁ ସମୃଦ୍ଧ କରିଛି ବୋଲି ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଡ. ଅଭିମନ୍ୟୁ ଭୂୟାଁ, ଯୋଗେଶ୍ୱର ପ୍ରହରାଜ, ଗବେଷକ ନାରାୟଣ ନନ୍ଦ, ପ୍ରବାସିନୀ ମିଶ୍ର, ବସନ୍ତ ମିଶ୍ର, ଚନ୍ଦ୍ରଶେଖର ମହାରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ରେଳଧାରଣାରୁ ଅଜଣା ମୃତଦେହ ଜବତ

ସାକ୍ଷୀଗୋପାଳ,୧୧।୩ (ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)

ସାକ୍ଷୀଗୋପାଳ ରେଳଷ୍ଟେଶନ ନିକଟ ନାଗେଶ୍ୱରୀ ମଠ ପାଖରେ ଥିବା ରେଳଧାରଣାରୁ ମଙ୍ଗଳବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ରେଳବାଇ ପୋଲିସ ଜବତ କରିଛି। ଏ ସଂକ୍ରାନ୍ତରେ ପୁରୀ ଜିଆର୍‌ପି କେଶ୍ ନମ୍ବର ୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁଥିବା ଜଣାପଡ଼ିଛି। ଖୋର୍ଦ୍ଧାରୁ ପୁରୀ ଯାଉଥିବା ପୁରୀ-ଖୋର୍ଦ୍ଧା ମେମୋ ପାସେଞ୍ଜର ଟ୍ରେନ୍‌ର ଲୋକୋ ପାଇଲଟ ରେଳଧାରଣାରେ ମୃତଦେହ ଦେଖି ଷ୍ଟେଶନ ମାଷ୍ଟରଙ୍କୁ ସୂଚନା ଦେଇଥିଲେ। ଷ୍ଟେଶନ ମାଷ୍ଟର ରେଲ୍‌ୱେ ପୋଲିସ ଅଧିକାରୀ ଇନ୍ଦୁମତୀ ଶୁକ୍ଳାଙ୍କୁ ଜଣାଇଥିଲେ। ସେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲେ। ବ୍ୟକ୍ତିଙ୍କ ପରିଚୟ ଚିହ୍ନଟ ପର୍ଯ୍ୟନ୍ତ ମୃତଦେହକୁ ସଂରକ୍ଷିତ ରଖାଯିବ ବୋଲି ପୋଲିସ ଅଧିକାରୀ ଶୁକ୍ଳା ପ୍ରକାଶ କରିଛନ୍ତି।

# ମହିଳାଙ୍କୁ ଉଦ୍ୟୋଗ ମାଧ୍ୟମରେ ସଶକ୍ତ କରିବା ଲକ୍ଷ୍ୟ

## ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

ପୁରୀ,୧୧।୩(ଅଜିତ୍ କୁମାର ମହାନ୍ତି)

ଗ୍ରାମୀଣ ମହିଳାଙ୍କୁ ଅର୍ଥନୈତିକ ସ୍ୱାଧୀନତା ଏବଂ ଉଦ୍ୟୋଗ ମାଧ୍ୟମରେ ସଶକ୍ତ କରିବା, ବିଭିନ୍ନ ଜୀବିକା ସମ୍ପର୍କରେ କୌଶଳ ବୃଦ୍ଧି ସହ ମହିଳା ସଶକ୍ତୀକରଣ କରି 'ଲକ୍ଷପତି ଦିଦି' ସୃଷ୍ଟି କରିବା ନେଇ କେନ୍ଦ୍ର ଓ ରାଜ୍ୟ ସରକାର ଏକ ମହତ୍ ଯୋଜନା ଓ ଅଭିଯାନ କାର୍ଯ୍ୟକାରୀ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ତାଳବଣିଆ ପଡ଼ିଆଠାରେ ଓଡ଼ିଶା ଜୀବିକା ମିଶନ ସୌଜନ୍ୟରୁ ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି କର୍ମଶାଳାରେ ଅଧ୍ୟକ୍ଷତା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ରାଜକିଶୋର ଜେନା, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ. ଶରତ କୁମାର ବେହେରା, ସଦର ବିଡିଓ ସମ୍ବିତ୍ ଶତପଥୀ ପ୍ରମୁଖ ଯୋଗଦେଇ ମହିଳା ସଶକ୍ତୀକରଣ ସହ ଆର୍ଥିକ ସମୃଦ୍ଧିରେ ବର୍ତ୍ତମାନର ମା'ମାନେ ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି ବୋଲି କହିଛନ୍ତି।


କର୍ମଶାଳାରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟିଙ୍କ ସମେତ ଅନ୍ୟମାନେ।

ପ୍ରାରମ୍ଭରେ ଜିଲା ପ୍ରକଳ୍ପ ପରିଚାଳକ ଅଜୟ କୁମାର ନାୟକ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପୁରୀ ଜିଲାର ୧୧ଟି ବ୍ଲକରେ ୭୨,୨୬୮ ଲକ୍ଷପତି ଦିଦି ସୃଷ୍ଟିର ଧାର୍ଯ୍ୟ ଲକ୍ଷ୍ୟ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୩,୭୦୦ ଲକ୍ଷପତି ଦିଦି ତିଆରି ହୋଇଛନ୍ତି ବୋଲି ଜିଲା ସମାଜ ମଙ୍ଗଳ ଅଧିକାରୀ ସୂଚନା ଦେଇଥିଲେ, ଯେଉଁମାନଙ୍କ ନିଜସ୍ୱ ବାର୍ଷିକ ଆୟ ୧,୦୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ସେମାନଙ୍କ ବିଭାଗ ମାଧ୍ୟମରେ ପ୍ରଣୟନ ହେଉଥିବା ଯୋଜନା ସମ୍ପର୍କରେ ବିଶଦ୍ ଆଲୋଚନା କରିଥିଲେ। ଏଥିରେ ଏସ୍‌ଏଚ୍‌ଜି ସଦସ୍ୟା, ମିଶନ ଶକ୍ତି ମା' ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ପ୍ରକଳ୍ପ ସଂଯୋଜିକା ସ୍ୱାଗତିକା ପରିଡ଼ା ଧନ୍ୟବାଦ ଦେଇଥିଲେ।

**Government of Odisha**
**Higher Education Department**

**Important notice for the applicants seeking admission into P.G. Courses at State Public Universities and Colleges participating under SAMS for the Academic Session 2025-26**

**No.N-193** : It is for information of all concerned that admission into P.G. Courses for the current Academic Session: 2025-26 at the HEIs participating under SAMS shall be done through a **Common PG Entrance Test (CPET-2025)**. Accordingly, the candidates are hereby instructed to fill-up the Common Application Form by visiting the SAMS P.G. portal as per the timeline mentioned below. Common Prospectus (CP) for CPET-2025 is available on the SAMS P.G. Portal. Applicants are advised to refer to the CP before filling up the CAF. The key points of P.G. e-Admission for the Academic Year 2025-26 are as follows.

1. **For the academic session 2025-26, P.G. admissions will be based exclusively on the scores secured in the Common Postgraduate Entrance Test (CPET). The earlier year's practice of applying the 80:20 ratio (CPET marks: Career marks) for preparing the statewide merit rank will be discontinued.**
2. **In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for the left out or fresh applicants.**
3. **The Phase-I admission will consists of 4 rounds of selection.** The reservation and weightage will be continued for 1st and 2nd rounds of selection. In the 3rd round, the de- reservation of seats will be carried out in case of absence of the eligible applicants of a specific category. The 4th round will be the last round for Phase-I, which will be a Waiting list admission process.
4. **Applicants who got selected and taken admission during the Phase-I admission process (in any of the rounds) in any subject at any Higher Education Institutions (HEIS) will not be eligible to participate in further phase/round of admission process, which will be available exclusively for the left out or fresh students.**
5. **This implies, only the left out applicants who have not been admitted to any of the HEIs in Phase-I admission process will be allowed to participate in the further phase/round of admission process.**
6. An applicant with **Elective Papers which carries at least 24 credits at U.G. Level are eligible to apply for that subject** to get admission into P.G. Courses. If an applicant enters incorrect details (not having at least 24 credits but mentioned the same in the CAF), **his/her candidature will be cancelled during the admission and document verification process or even after the admission is completed.**
7. For this Academic Year, applicants wish to be considered for scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation marks/choice filling timeline.
8. **For the current academic session 2025-26, the P.G. admission process will start early, regardless of the declaration of final results. However, admitted students must submit their graduation or equivalent certificate to their respective institutions within two months of admission. If students fail to provide the required certificates within two months from the date of admission or their final marks do not meet the eligibility criteria specified in the Common Prospectus, their admission will be cancelled by the concerned University/ College. Further, those seats can be allotted to other eligibile applicants.**
9. Whenever a seat is allocated, applicants are compulsorily required to choose one of the option - **Freeze, Float or Slide** - carefully. The detail process of "Freeze", "Slide" and "Float" is mentioned in the Common Prospectus (CP) availbale on the SAMS portal. **If the applicant will not choose any of these options that implies the applicant is rejecting the offered/allocated seat and s/he will be out of the counselling process for the subsequent rounds of that Phase.**

**Timeline for e-Admission into P.G. Courses under SAMS in the State Public Universities and Colleges for the Academic Session: 2025-26**

The timeline for e-Admission into P.G. Courses for the session 2025-26 in the State Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Availability of Online CAF in the website www.samsodisha.gov.in | 10-Mar-2025 (Monday) **(04:00 P.M.)** |
| 2 | Last date of applying online CAF through www.samsodisha.gov.in | 28-Mar-2025 (Friday) **(11.45 P.M.)** |
| 3 | Editing of the CAF (If required), by the eligibile applicants for the CAF submitted earlier (New CAF submission is not allowed on this day) | 29-Mar-2025 (Saturday) **(10.00 A.M. to 11.45 P.M.)** |
| 4 | Submision of applicant's data to State selection Board (SSB) by OCAC | 04-April-2025 (Friday) |
| 5 | Availability of Hall Ticket/Admit Card on the website of the State selection Board (www.ssbodisha.ac.in) for downloading by the Applicants | 28-April-2025 (Monday) **(11.00 A.M. onwards)** |
| 6 | Conduct of Entrance Examination (CPET-2025) | 04-May-2025 (Sunday) to 18-May-2025 (Sunday) |
| 7 | Handing over the entrance marks to OCAC by SSB, Odisha | 26-May-2025 (Monday) |
| 8 | Publication of subject-wise and State-wide merit list, Updation of Graduation/Equivalent marks, Choice filling of HEIs by the eligible applicants and Publication of Provisional Allotment of Seats for different Rounds | Dates will be notified by the Higher Education Department Later |

**For more details please contact : e-Admission Helpline (Toll Free) Number 155335 / 1800-345-6770**

**N.B. :** To enroll into the P.G. Courses, the applicants must have completed their graduation/ equivalent courses from an UGC recognized university. Subject Wise eligibility criteria is available on the SAMS portal. Applicants are advised to check the same before filling the Common Application Form (CAF). Candidates, whose final U.G. results are awaiting (not published), can also apply on-line by filling up the Common Application Form (CAF) to appear the CPET-2025.

**Sd./- Deputy Director, PTC section**

**OIPR-11001/11/0040/2425**

**ଚାଇନା ବାହାରେ ଜନ୍ମିତ ବ୍ୟକ୍ତି ହେବେ ଦଲାଇଲାମାଙ୍କ ଉତ୍ତରାଧିକାରୀ**

ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଭଏସ୍ ଫର୍ ଦି ଭଏସ୍‌ଲେସ୍' ମଙ୍ଗଳବାର ଉନ୍ମୋଚିତ ହୋଇଛି। ପୁସ୍ତକରେ ଦଲାଇଲାମା ଲେଖିଛନ୍ତି, ତାଙ୍କ ଉତ୍ତରାଧିକାରୀ ଚାଇନା ବାହାରେ ମୁକ୍ତ ବିଶ୍ୱର କୌଣସି ସ୍ଥାନରେ ଜନ୍ମଗ୍ରହଣ କରିଥିବେ। ଦଲାଇଲାମାଙ୍କ ଏହି ମନ୍ତବ୍ୟକୁ ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟ ସମାଲୋଚନା କରିଛି।

# ଖାର୍ଗେଙ୍କ ମନ୍ତବ୍ୟକୁ ନେଇ ରାଜ୍ୟ ସଭାରେ ହଙ୍ଗାମା

ନୂଆଦିଲ୍ଲୀ,୧୧।୩ (ପି.ଟି.)

ରାଜ୍ୟ ସଭାରେ ମଙ୍ଗଳବାର ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ଅଣସଂସଦୀୟ ମନ୍ତବ୍ୟକୁ ନେଇ ପ୍ରବଳ ହଙ୍ଗାମା ହୋଇଛି। ତେବେ କେନ୍ଦ୍ର ସରକାର ଦେଶକୁ ଆଞ୍ଚଳିକତା ଭିତ୍ତିରେ ଭାଗ ଭାଗ କରିବାକୁ ଉଦ୍ୟମ କରୁଥିବାରୁ ସେ ଏଭଳି ମନ୍ତବ୍ୟ ଦେଇଥିବା ସ୍ପଷ୍ଟୀକରଣରେ କହିବା ସହ ଗୃହ ଅଧ୍ୟକ୍ଷଙ୍କୁ କ୍ଷମା ମାଗିଛନ୍ତି।

ପାର୍ଲାମେଣ୍ଟର ଉଚ୍ଚ ସଦନରେ ପ୍ରଶ୍ନୋତ୍ତର କାଳ ଶେଷରେ ଶିକ୍ଷା ମନ୍ତ୍ରଣାଳୟର କାର୍ଯ୍ୟକୁ ନେଇ ଆଲୋଚନା ଆରମ୍ଭ ହୋଇଥିଲା। ତାମିଲନାଡୁ ସରକାରଙ୍କ ବିରୋଧରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ବୋଲି ବହୁ ବିରୋଧୀ ସଦସ୍ୟ ଦାବି କରିଥିଲେ। ସୋମବାର ଲୋକ ସଭାରେ ଧର୍ମେନ୍ଦ୍ର ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ଅଧୀନରେ ତ୍ରିଭାଷୀ ନୀତି ଉପରେ ତାମିଲନାଡୁ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରିଥିଲେ। ରାଜ୍ୟ ସରକାର ରାଜନୀତି ପାଇଁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନଷ୍ଟ କରୁଥିବା ସେ କହିଥିଲେ। ମଙ୍ଗଳବାର ଗୃହର ଉପାଧ୍ୟକ୍ଷ ହରିବଂଶ କଂଗ୍ରେସ ନେତା ଦିଗ୍‌ବିଜୟ ସିଂଙ୍କୁ ଶିକ୍ଷା ମନ୍ତ୍ରଣାଳୟର କାର୍ଯ୍ୟ ସମ୍ପର୍କରେ ଆଲୋଚନା ଆରମ୍ଭ କରିବାକୁ ଡାକିଥିଲେ। ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଏବଂ ଏନ୍‌ଇପିକୁ ବିରୋଧ କରି ଗୃହରେ କଳା ପୋଷାକ ପିନ୍ଧିଥିବା ଡିଏମ୍‌କେ ସଦସ୍ୟମାନେ ଛିଡ଼ାହୋଇ ଧର୍ମେନ୍ଦ୍ର ପ୍ରଥମେ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ।


ମଲ୍ଲିକାର୍ଜ୍ଜୁନ ଖାର୍ଗେ

ହଙ୍ଗାମା ଲାଗି ରହିଥିବାବେଳେ ବିରୋଧୀ ଦଳ ନେତା ଖାର୍ଗେ ଏଥିରେ ହସ୍ତକ୍ଷେପ କରିଥିଲେ। ତେବେ ତାଙ୍କୁ ପୂର୍ବରୁ କହିବା ପାଇଁ ସୁଯୋଗ ଦିଆଯାଇଥିବାରୁ ଏବେ ଦିଗ୍‌ବିଜୟଙ୍କ ପାଳି ବୋଲି ଗୃହରେ ଅଧ୍ୟକ୍ଷତା କରୁଥିବା ହରିବଂଶ କହିବା ସତ୍ତ୍ୱେ ବିରୋଧୀ ଦଳ ସରକାରଙ୍କୁ ଘେରିବା ପାଇଁ ପ୍ରସ୍ତୁତ ଥିବା କଂଗ୍ରେସ ଅଧ୍ୟକ୍ଷ ହିନ୍ଦୀରେ କହିବା ସହ ମର୍ଯ୍ୟାଦାହାନି ହେଲାଭଳି ଶବ୍ଦ କହିଥିଲେ। ତାଙ୍କ ମନ୍ତବ୍ୟକୁ ସରକାରୀ ଦଳର ସଦସ୍ୟମାନେ ଅଣସଂସଦୀୟ କହିବା ସହ ହୋହଲ୍ଲା କରିଥିଲେ। ଗୃହର ନେତା ଜେ.ପି. ନଡ୍ଡା ହସ୍ତକ୍ଷେପ କରି କହିଥିଲେ, ଗୃହର ଅଧ୍ୟକ୍ଷଙ୍କୁ ଆକ୍ଷେପ କରି ବିରୋଧୀ ଦଳ ନେତାଙ୍କ ମନ୍ତବ୍ୟ ନିନ୍ଦନୀୟ। ସେ କ୍ଷମା ମାଗନ୍ତୁ ଓ ନିଜ ମନ୍ତବ୍ୟକୁ ଫେରାଇ ନିଅନ୍ତୁ ବୋଲି ନଡ୍ଡା ଦାବି କରିଥିଲେ। ଖାର୍ଗେ ତୁରନ୍ତ କ୍ଷମା ମାଗିବା ସହ ସେ ଗୃହର ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ନୁହେଁ ବରଂ ସରକାରଙ୍କ ନୀତିକୁ ନେଇ ଏଭଳି ମନ୍ତବ୍ୟ ଦେଇଥିବା କହିଥିଲେ। ସରକାରୀ ଦଳକୁ ଲକ୍ଷ୍ୟ କରି ଖାର୍ଗେ କହିଥିଲେ, ଦେଶର ଗୋଟିଏ ଭାଗ ଏବଂ ଏହାର ଲୋକମାନଙ୍କ ଆତ୍ମସମ୍ମାନକୁ ଆପଣମାନେ ଆଘାତ ଦେଇଛନ୍ତି। ସେମାନଙ୍କୁ ଅସଭ୍ୟ ଓ ଅଭଦ୍ର କହିଛନ୍ତି। ସେହି ମନ୍ତ୍ରୀ ଇସ୍ତଫା ଦେବା ଉଚିତ। ସେମାନେ ଦେଶକୁ ଭାଗ ଭାଗ କରିବା କଥା କହୁଛନ୍ତି ବୋଲି ଖାର୍ଗେ ସ୍ପଷ୍ଟୀକରଣରେ କହିଥିଲେ।

## କେଜ୍‌ରିୱାଲଙ୍କ ବିରୋଧରେ ମାମଲା ରୁଜୁ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୧।୩

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଦିଲ୍ଲୀର ଏକ ଅଦାଲତ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ରେ ଦିଲ୍ଲୀର ଦ୍ୱାରକାରେ ଜନସାଧାରଣଙ୍କ ଅର୍ଥର ଦୁରୁପଯୋଗ କରି କେଜ୍‌ରିୱାଲଙ୍କର ହୋର୍ଡିଂ ଲଗାଯାଇଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ଆପ୍ ମୁଖ୍ୟଙ୍କ ବିରୋଧରେ ମାମଲା ରୁଜୁ ହେଉ ବୋଲି ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟଙ୍କ ନିକଟରେ ଏକ ଆବେଦନ ଦାଖଲ ହୋଇଥିଲା। ମଙ୍ଗଳବାର ଏହି ଆବେଦନର ଶୁଣାଣିକରି ଅଦାଲତ ମାମଲା ରୁଜୁକରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଆମଦାନୀ ଶୁଳ୍କ ହ୍ରାସ କରିବା ଅଭିଯୋଗକୁ କେନ୍ଦ୍ରର ଖଣ୍ଡନ

ନୂଆଦିଲ୍ଲୀ,୧୧।୩ (ପି.ଟି.)

ଆମେରିକା ସାମଗ୍ରୀ ଉପରୁ ଭାରତ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିବାବେଳେ କେନ୍ଦ୍ର ସରକାର ଏହାକୁ ଖଣ୍ଡନ କରିଛନ୍ତି। ଟାରିଫ୍ ହ୍ରାସ କରିବା ପାଇଁ ଭାରତ ପ୍ରତିଶ୍ରୁତି ଦେଇ ନ ଥିବା ସରକାର ସଂସଦୀୟ କମିଟିକୁ କହିଛନ୍ତି। ଟ୍ରମ୍ପ ଉଠାଉଥିବା ଅଭିଯୋଗର ସମାଧାନ ପାଇଁ ଉଦ୍ୟମ ଚାଲିଛି ଏବଂ ସେପ୍ଟେମ୍ବର ଯାଏ ସମୟ ମଗାଯାଇଥିବା କେନ୍ଦ୍ର କହିଛି। ମଙ୍ଗଳବାର ଲୋକ ସଭାରେ ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଆମେରିକା ରେସିପ୍ରୋକାଲ ଟାରିଫ୍ ଲଗାଇନାହିଁ। ପାରସ୍ପରିକ ଲାଭ, ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ପାଇଁ ବୁଝାମଣା ନିମନ୍ତେ ୨ ଦେଶ ଯୋଜନା କରୁଛନ୍ତି। ବଜାର ପ୍ରବେଶ ବଢ଼ାଇବା, ଶୁଳ୍କ ହ୍ରାସ ଏବଂ ଅଣଶୁଳ୍କ ପ୍ରତିବନ୍ଧକ ହଟାଇବା ଉପରେ ଉଭୟ ଦେଶ ଗୁରୁତ୍ୱ ଦେଉଥିବା ମନ୍ତ୍ରୀ କହିଛନ୍ତି।

## ଲୋକ ସଭାରେ ଆପ୍ରବାସନ ବିଲ୍ ଆଗତ

ଆପ୍ରବାସନ ଏବଂ ବିଦେଶୀଙ୍କ ପ୍ରବେଶ, ପ୍ରସ୍ଥାନ ଏବଂ ଭାରତରେ ରହିବା ସମ୍ପର୍କିତ ବିଭିନ୍ନ ସେବା କାର୍ଯ୍ୟପ୍ରଣାଳୀରେ ସୁଧାର ଆଣିବା ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ଲୋକ ସଭାରେ ଇମିଗ୍ରେଶନ ଆଣ୍ଡ ଫରେନର୍ସ ବିଲ୍, ୨୦୨୫ ଆଗତ କରିଛନ୍ତି। ଏହା ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କହି ବିରୋଧୀ ପ୍ରତିବାଦ କରିଥିଲେ। ସଂଘୀୟ ତାଲିକା ଅନୁଯାୟୀ ଆପ୍ରବାସନ ଏବଂ ବିଦେଶୀ ସେବା ସମ୍ପର୍କିତ ବିଧେୟକ ଆଣିବା ଅଧିକାର କେନ୍ଦ୍ରର ରହିଥିବା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଥିଲେ। ପର୍ଯ୍ୟଟକମାନଙ୍କୁ ଭାରତ ଆସିବା ପାଇଁ ସ୍ୱାଗତ କରାଯାଉଥିବାବେଳେ ଦେଶର ଶାନ୍ତି ଏବଂ ସାର୍ବଭୌମତ୍ୱ ଯେପରି ଅକ୍ଷୁଣ୍ଣ ରହେ ତାହା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ। ବିଲ୍‌କୁ ବିରୋଧ କରି କଂଗ୍ରେସ ସଦସ୍ୟ ମନୀଷ ତିୱାରୀ କହିଥିଲେ, ଏହା ସମ୍ବିଧାନର ବ୍ୟବସ୍ଥା ଏବଂ ବିଭିନ୍ନ ଆଇନର ଉଲ୍ଲଂଘନ କରୁଛି। ବର୍ତ୍ତମାନ ଶାସନରେ ଥିବା ଲୋକଙ୍କ ବିଚାରଧାରାରେ ସହମତ ନ ଥିବା ଲୋକଙ୍କ ପ୍ରବେଶକୁ ବାରଣ କରିବା ପାଇଁ ସରକାର ପ୍ରସ୍ତାବିତ ଆଇନର ବ୍ୟବସ୍ଥାକୁ ବ୍ୟବହାର କରିପାରନ୍ତି ବୋଲି ମନୀଷ କହିଥିଲେ। ପ୍ରସ୍ତାବିତ ଆଇନ ବିଦେଶରୁ ବିଭିନ୍ନ କ୍ଷେତ୍ରରେ ମେଧାବୀମାନଙ୍କ ଆଗମନକୁ ରୋକିପାରେ ବୋଲି ଟିଏମ୍‌ସିର ସୌଗତ ରାୟ କହିଥିଲେ।

## ତାମିଲନାଡୁ ସରକାରଙ୍କୁ ପୁଣି ଧର୍ମେନ୍ଦ୍ରଙ୍କ ସମାଲୋଚନା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜାତୀୟ ଶିକ୍ଷାନୀତି ଉପରେ ତାମିଲନାଡୁ ସରକାରଙ୍କ ଆଭିମୁଖ୍ୟକୁ ନେଇ ମଙ୍ଗଳବାର ପୁଣିଥରେ ଲୋକ ସଭାରେ ବର୍ଷିଛନ୍ତି। ଏମ୍.କେ. ଷ୍ଟାଲିନ୍ ସରକାର ରାଜ୍ୟରେ ତାମିଲ ଭାଷାର ବିକାଶ ପାଇଁ କିଛି ନ କରି ତ୍ରିଭାଷୀ ସୂତ୍ରକୁ ନେଇ ଭୟ ସୃଷ୍ଟି କରୁଛନ୍ତି। ତାମିଲନାଡୁର ସରକାରୀ ବିଦ୍ୟାଳୟଗୁଡ଼ିକରେ ତାମିଲ ଭାଷା କମୁଥିବାବେଳେ ଉପନିବେଶୀୟ ଭାଷା ବଢ଼ୁଛି। ସେଠାର ୬୭% ପିଲା ଇଂଲିଶ ମିଡିୟମ ସ୍କୁଲ୍‌ରେ ପଢ଼ୁଥିବାବେଳେ ତାମିଲ ମାଧ୍ୟମ ସ୍କୁଲରେ ନାମଲେଖା ୩୬%କୁ କମିଛି। ସରକାରୀ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ତାମିଲ ଛାତ୍ରୀଛାତ୍ରଙ୍କ ନାମଲେଖା ୭.୩ ଲକ୍ଷ ହ୍ରାସ ପାଇଛି। କେନ୍ଦ୍ର ସରକାର କୌଣସି ରାଜ୍ୟରେ କୌଣସି ଭାଷାକୁ ଲଦିଦେବାକୁ ଉଦ୍ୟମ କରୁନାହାନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ରାହୁଲଙ୍କୁ ନେଇ ସମ୍ବିତ୍‌ଙ୍କ ମନ୍ତବ୍ୟ: କଂଗ୍ରେସର ପ୍ରତିବାଦ

ନୂଆଦିଲ୍ଲୀ, ୧୧।୩

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ନେଇ ଭାଜପା ଏମ୍‌ପି ସମ୍ବିତ୍ ପାତ୍ରଙ୍କର ଏକ ମନ୍ତବ୍ୟକୁ ନେଇ ମଙ୍ଗଳବାର ବିବାଦ ଦେଖାଦେଇଛି। ଲୋକ ସଭାରେ ମଣିପୁର ସମ୍ପର୍କରେ ଅନୁଦାନ ପାଇଁ ସପ୍ଲିମେଣ୍ଟାରି ଦାବି ଉପରେ ହେଉଥିବା ଆଲୋଚନାରେ ଅଂଶଗ୍ରହଣ କରି ସମ୍ବିତ୍ ଭାରତୀୟ କ୍ରିକେଟର ମହମ୍ମଦ ଶାମିଙ୍କୁ ନେଇ କଂଗ୍ରେସ ନେତା ଶାମା ମୋହମ୍ମଦଙ୍କ ମନ୍ତବ୍ୟ ପ୍ରସଙ୍ଗ ଉଠାଇ ରାହୁଲଙ୍କୁ ଟାର୍ଗେଟ କରିଥିଲେ। ସେ ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ସହ ରାହୁଲଙ୍କ ତୁଳନା କରି ତାଙ୍କୁ ସମାଲୋଚନା କରିଥିଲେ। ସମ୍ବିତ୍‌ଙ୍କ ଏହି ମନ୍ତବ୍ୟକୁ ବିରୋଧକରି ଲୋକ ସଭାର କଂଗ୍ରେସ ଏମ୍‌ପିମାନେ ଗୃହ ମଧ୍ୟରେ ହଙ୍ଗାମା ଏବଂ ପ୍ରତିବାଦ କରିଥିଲେ, ଯାହାଫଳରେ ଗୃହକୁ କିଛି ସମୟ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ବିବାଦ ବଢ଼ିବା ପରେ ସମ୍ବିତ୍ ନିଜର ଏହି ମନ୍ତବ୍ୟକୁ ଫେରାଇ ନେଇଥିଲେ।

## ଭାରତରେ ଷ୍ଟାରଲିଙ୍କ୍ ସେବା ପାଇଁ ସ୍ପେସ୍‌ଏକ୍ସ ସହ ଏୟାରଟେଲ୍‌ର ଚୁକ୍ତି ସ୍ୱାକ୍ଷର

ନୂଆଦିଲ୍ଲୀ,୧୧।୩

ଭାରତରେ ଷ୍ଟାରଲିଙ୍କ୍ ସେବା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଏଲନ୍ ମସ୍କଙ୍କ ସ୍ପେସ୍‌ଏକ୍ସ ସହ ଏୟାରଟେଲ୍ ଚୁକ୍ତିନାମା ସ୍ୱାକ୍ଷର କରିଛି। କର୍ତ୍ତୃପକ୍ଷଙ୍କଠାରୁ ଅନୁମୋଦନ ପାଇବା ପରେ ସ୍ପେସ୍‌ଏକ୍ସ ଭାରତରେ ଷ୍ଟାରଲିଙ୍କ୍ ସେବା ବିକ୍ରି କରିପାରିବ। ସ୍ପେସ୍‌ଏକ୍ସର ସହଯୋଗୀ ଭାବେ ଏୟାରଟେଲ୍ ଏକାଠି କାର୍ଯ୍ୟ କରିବ ବୋଲି ଏକ ପ୍ରେସ୍ ବିବୃତିରେ କହିଛି। ଏୟାରଟେଲ୍ ଏହାର ଷ୍ଟୋର୍‌ରେ ଷ୍ଟାରଲିଙ୍କ୍ ଉପକରଣ ବିକ୍ରି କରିବା ସହ ବ୍ୟବସାୟ ପାଇଁ ଷ୍ଟାରଲିଙ୍କ୍ ସେବା ପ୍ରଦାନ କରିବ। ଗ୍ରାମାଞ୍ଚଳର ସ୍କୁଲ୍, ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଗମ୍ୟ ଅଞ୍ଚଳରେ ଇଣ୍ଟରନେଟ୍ ସେବା ଆଣିବାକୁ ସେମାନେ ଷ୍ଟାରଲିଙ୍କ୍‌କୁ ବ୍ୟବହାର କରିବା ଯୋଜନା ରଖିଛନ୍ତି।


ପୋର୍ଟ ଲୁଇସ୍‌ରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମରିସସ୍ ରାଷ୍ଟ୍ରପତି ଧରମବୀର ଗୋଖୁଲ୍ ଓ ଫାଷ୍ଟଲେଡି ବ୍ରିନ୍ଦା ଗୋଖୁଲ୍‌ଙ୍କୁ ଭେଟି ଗଙ୍ଗାଜଳ ଉପହାର ଦେଉଛନ୍ତି। ମହାକୁମ୍ଭ ବେଳେ ପବିତ୍ର ସଙ୍ଗମରୁ ଏହି ଗଙ୍ଗାଜଳ ନିଆଯାଇଥିଲା।

## ମୋଦିଙ୍କୁ ମରିସସ୍‌ର ସର୍ବୋଚ୍ଚ ସମ୍ମାନ

ପୋର୍ଟ ଲୁଇସ୍,୧୧।୩(ପି.ଟି.)

ମରିସସ୍ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମ ମଙ୍ଗଳବାର ତାଙ୍କ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ଦି ଗ୍ରାଣ୍ଡ କମାଣ୍ଡର ଅଫ୍ ଦି ଅର୍ଡର ଅଫ୍ ଦି ଷ୍ଟାର ଆଣ୍ଡ କି ଅଫ୍ ଦି ଇଣ୍ଡିଆନ୍ ଓସନ୍‌ରେ ସମ୍ମାନିତ କରିଛନ୍ତି। ଏକ କମ୍ୟୁନିଟି କାର୍ଯ୍ୟକ୍ରମରେ ମୋଦି ଉଦ୍‌ବୋଧନ ଦେଉଥିବାବେଳେ ରାମଗୁଲାମ ଉପରୋକ୍ତ ଘୋଷଣା କରିଛନ୍ତି। ମୋଦି ମରିସସ୍ ପ୍ରଧାନମନ୍ତ୍ରୀ ରାମଗୁଲାମ୍ ଓ ତାଙ୍କ ସ୍ତ୍ରୀ ବୀଣା ରାମଗୁଲାମଙ୍କୁ ଭାରତର ଦରିଆପାରି ନାଗରିକ (ଓସିଆଇ) କାର୍ଡ ପ୍ରଦାନ କରିଛନ୍ତି। ଏହା ମୋ ପାଇଁ ଅତ୍ୟନ୍ତ ଖୁସି ଓ ବିସ୍ମୟ ବୋଲି ରାମଗୁଲାମ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ମରିସସ୍ ସହ ଭାରତର ଐତିହାସିକ ସମ୍ପର୍କ ରହିଆସିଛି। ମରିସସ୍ କେବଳ ଏକ ସହଯୋଗୀ ଦେଶ ନୁହେଁ ବରଂ ପରିବାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମରିସସ୍‌ର ଜାତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ମୋଦି ୨ ଦିନିଆ ଗସ୍ତରେ ଯାଇଛନ୍ତି।

## ଗଣତନ୍ତ୍ରକୁ ବ୍ୟର୍ଥ କରିବାକୁ ଅମଲାତନ୍ତ୍ରକୁ ଅନୁମତି ଦିଆଯାଇ ପାରିବନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୧।୩ (ପି.ଟି.)

ତୃଣମୂଳ ସ୍ତରର ଗଣତନ୍ତ୍ରକୁ ବ୍ୟର୍ଥ କରିବାକୁ ଅମଲାତନ୍ତ୍ରକୁ ଅନୁମତି ଦିଆଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଏକ ମାମଲାର ଶୁଣାଣି କରି କହିଛନ୍ତି। ମହାରାଷ୍ଟ୍ରର ଜଣେ ମହିଳା ସରପଞ୍ଚଙ୍କୁ ପୁନଃସ୍ଥାପିତ କରିବା ପାଇଁ ବମ୍ବେ ହାଇକୋର୍ଟଙ୍କ ରାୟକୁ କାଏମ ରଖିବା ସହ ସର୍ବୋଚ୍ଚ ଅଦାଲତ କହିଛନ୍ତି, ସମ୍ପ୍ରତି ଏପରି ଘଟଣା ବାରମ୍ବାର ସାମ୍ନାକୁ ଆସୁଛି ଯେଉଁଥିରେ ଅମଲାମାନଙ୍କ ଦ୍ୱାରା ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରାଯାଉଛି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଏନ୍ କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି, ବାବୁମାନେ ନିର୍ବାଚିତ ପ୍ରତିନିଧିଙ୍କ ଅଧୀନରେ ରହିବା ଉଚିତ। ତୃଣମୂଳ ସ୍ତରର ଗଣତନ୍ତ୍ରକୁ ବ୍ୟର୍ଥ କରିବାକୁ ଅମଲାମାନଙ୍କୁ ଅନୁମତି ଦିଆଯାଇ ପାରିବ ନାହିଁ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, ଅମଲାମାନେ ତୃଣମୂଳ ସ୍ତରରେ ନିର୍ବାଚିତ ପ୍ରତିନିଧିଙ୍କର ବିଭିନ୍ନ ପୁରୁଣା ମାମଲା ଖୋଲିବାକୁ ଚେଷ୍ଟା କରିବା ସହ ସେମାନଙ୍କୁ ଅଯୋଗ୍ୟ ଘୋଷିତ କରିବା ପାଇଁ ଷଡ଼ଯନ୍ତ୍ରରେ ଲିପ୍ତ ରହୁଛନ୍ତି।

ପ୍ରକାଶ ଯେ, ଗତବର୍ଷ ଜୁନ୍ ୭ରେ ମହାରାଷ୍ଟ୍ରର ରାଇଗଡ଼ ଜିଲ୍ଲା ରୋହା ବ୍ଲକ୍ ଐଘର ଗ୍ରାମପଞ୍ଚାୟତର ସରପଞ୍ଚ କଳାବତୀ ରାଜେନ୍ଦ୍ର କୋକାଲେଙ୍କୁ ଅଯୋଗ୍ୟ ଦର୍ଶାଇ ଏହି ପଦବୀ ଖାଲିଥିବା ନେଇ ରାଇଗଡ଼ର ଜିଲାପାଳ ଏକ ଆଦେଶ ପାରିତ କରିଥିଲେ। ଏହା ବିରୋଧରେ କଳାବତୀ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଜିଲାପାଳଙ୍କ ଆଦେଶକୁ ରଦ୍ଦ କରିବା ସହ କଳାବତୀଙ୍କୁ ଐଘର'ର ସରପଞ୍ଚ ଭାବେ ପୁନଃସ୍ଥାପିତ କରିଥିଲେ।

## ୧୩ ବର୍ଷୀୟା ପୀଡ଼ିତାଙ୍କୁ ଗର୍ଭପାତ ଅନୁମତି ଦେଲେ ହାଇକୋର୍ଟ

ଜୟପୁର,୧୧।୩

୭ ମାସର ଗର୍ଭବତୀ ଥିବା ୧୩ ବର୍ଷୀୟା ବଳାତ୍କାର ପୀଡ଼ିତାଙ୍କୁ ଗର୍ଭପାତ କରାଇବା ପାଇଁ ରାଜସ୍ଥାନ ହାଇକୋର୍ଟର ଜୟପୁର ବେଞ୍ଚ୍ ଅନୁମତି ପ୍ରଦାନ କରିଛନ୍ତି। ନାବାଳିକାଙ୍କୁ ପିଲା ଜନ୍ମ ପାଇଁ ବାଧ୍ୟ କରାଗଲେ ପିଲାର ଲାଳନପାଳନ ଓ ଅନ୍ୟାନ୍ୟ ସମସ୍ୟା ନେଇ ତାଙ୍କୁ ଜୀବନବ୍ୟାପୀ ହନ୍ତସନ୍ତ ହେବାକୁ ପଡ଼ିବ ବୋଲି ଜଷ୍ଟିସ୍ ସୁଦେଶ ବଂଶଲ ତାଙ୍କ ରାୟରେ କହିଛନ୍ତି। ଏଥିସହିତ ନାବାଳିକାଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରତି କ୍ଷତି ପହଞ୍ଚିବା ସମ୍ଭାବନା ରହିଥିବାରୁ ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ବୁଧବାର ତାଙ୍କ ଗର୍ଭପାତ ପାଇଁ ଆବଶ୍ୟକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଅଦାଲତ ସଙ୍ଗନେରର ମହିଳା ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷ ପୀଡ଼ିତାଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇଦେବେ। ଗର୍ଭପାତ ପରେ ଯଦି ଭ୍ରୂଣ ଜୀବିତ ରହେ, ରାଜ୍ୟ ସରକାର ଶିଶୁର ସମସ୍ତ ଖର୍ଚ୍ଚ ବହନ କରିବେ। ଭ୍ରୂଣ ମରିଯାଇଥିଲେ, ଅଧିକ ତଦନ୍ତ ପାଇଁ ତାହାର ଡିଏନ୍‌ଏ ନମୁନା ସଂରକ୍ଷିତ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମେଡିକାଲ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ୭ ମାସରେ ପ୍ରସବ ହେଲେ, ୧୦ ନବଜାତକଙ୍କ ମଧ୍ୟରୁ ୮ ଜଣ ବଞ୍ଚୁଥାନ୍ତି। ତେବେ ସମୟ ପୂର୍ବରୁ ଜନ୍ମ ଶାରୀରିକ ଏବଂ ମାନସିକ ଅକ୍ଷମତା ଆଣିପାରେ ବୋଲି ସେମାନେ ସତର୍କ କରାଇଛନ୍ତି। ପୀଡ଼ିତାଙ୍କ ଗର୍ଭାବସ୍ଥାର ପରୀକ୍ଷା କରି ରିପୋର୍ଟ ଦେବାକୁ କୋର୍ଟ ମେଡିକାଲ ବୋର୍ଡକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଗର୍ଭପାତ ବିପଦପୂର୍ଣ୍ଣ ହେଲେ ମଧ୍ୟ ସମ୍ଭବ ବୋଲି ବୋର୍ଡ ରିପୋର୍ଟ ଦେଇଥିଲା।


## ଉଦ୍ୟାନ ବିଭାଗ ଫଳ ବଗିଚା ନିଲାମ ଇସ୍ତାହାର

No.L-141:ଚଳିତ ବର୍ଷ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପାନପୋଷ/ବଣେଇ ଏବଂ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ସୁନ୍ଦରଗଡଙ୍କ ଅଧିନରେ ଥିବା ନିମ୍ନଲିଖିତ ସରକାରୀ ଫଳ ବଗିଚାରେ ଆମ୍ବ, ଲିଚୁ ଓ ପଣସ ଫଳ ନିଲାମ ସୂତ୍ରରେ ବିକ୍ରୟ ନିମନ୍ତେ ଜଉମୁଦ ଦିଆ ସର୍ଟ ଟେଣ୍ଡର ଆହ୍ୱାନ କରାଯାଉଛି । ନିଲାମ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପାନପୋଷ/ବଣେଇ ଏବଂ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଟ.୫୦/- ମାତ୍ର ବିନିମୟରେ ସରକାରୀ କାର୍ଯ୍ୟ ଦିବସରେ ମିଳିପାରିବ । ଆଗ୍ରହୀ ପ୍ରାର୍ଥୀ ସାଦା କାଗଜରେ ଟେଣ୍ଡର ମୂଲ୍ୟ ସହ ନିଜର ସମ୍ପୂର୍ଣ୍ଣ ଠିକଣା ଦେଇ ଆବେଦନ କରିପାରିବେ । ଏଥିସହିତ ଅମାନତ ବାବଦକୁ ଜମା ଟଙ୍କା ନିମ୍ନ ପ୍ରଦତ୍ତ ସାରଣୀ ଅନୁସାରେ ବ୍ୟାଙ୍କ ଡ୍ରାଫ୍ଟ (ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ସୁନ୍ଦରଗଡ) ରେ ଉଦ୍ୟାନ ଉପନିର୍ଦ୍ଦେଶକ ନାମରେ ଦାଖଲ କରିବେ । ଏହି ଜଉମୁଦ ଦିଆ ଟେଣ୍ଡର ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ଡାକ ମାଧ୍ୟମରେ ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ ପୋଷ୍ଟ ଦ୍ୱାରା ଆସନ୍ତା ତା.୨୬.୦୩.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ । ପ୍ରକାଶ ଥାଉକି ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ ପୋଷ୍ଟ ବ୍ୟତୀତ କାର୍ଯ୍ୟାଳୟରେ କୌଣସି ଆବେଦକଙ୍କ ଠାରୁ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ନିମ୍ନରେ ଦିଆଯାଇଥିବା ଦିନ ଓ ସମୟରେ ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ ।

ବି.ଦ୍ର.:ଏତଦ୍ୱାରା ସମସ୍ତ ନିଲାମଧାରୀମାନଙ୍କୁ ଜଣାଇ ଦିଆଯାଉଛି ସେମାନେ ସମ୍ପୃକ୍ତ ଫାର୍ମ ପରିଚାଳକଙ୍କ ଅନୁମତି ନେଇ ସକାଳ ଘ.୧୦.୦୦ରୁ ଅପରାହ୍ନ ଘ. ୪.୦୦ ସୁଦ୍ଧା ତା.୨୫.୦୩.୨୦୨୫ ରିଖ ପର୍ଯ୍ୟନ୍ତ ଫଳବଗିଚା ଦେଖିପାରିବେ ।

ସ୍ୱା./-ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ସୁନ୍ଦରଗଡ଼

ଟେଣ୍ଡର ଖୋଲାହେବା ଦିନ ଓ ସମୟ
ତା.୨୭.୦୩.୨୦୨୫ ରିଖ ପୂର୍ବାହ୍ନ ୧୧.୦୦ ଘଟିକା
ସ୍ଥାନ:ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ସୁନ୍ଦରଗଡ଼

| କ୍ର.ନଂ. | ସହକାରୀ ଉଦ୍ୟାନ ନିର୍ଦ୍ଦେଶକ/ସହକାରୀ ଉଦ୍ୟାନ ଅଧିକାରୀଙ୍କ ନାମ | ଫଳ ବଗିଚାର ନାମ ଓ ଠିକଣା | ଫଳ ଗଛ ସଂଖ୍ୟା | ଅମାନତ ଜମା ଟଙ୍କା | ଟେଣ୍ଡର ଖୋଲିବା ସ୍ଥାନ ଓ ସମୟ |
|---|---|---|---|---|---|
| ୧ | ପାନପୋଷ | ଏଚ.ଡି.ଏନ.ପାନପୋଷ | ଆମ୍ବ-୪୧୦ | ଟ.୧୦୦୦/- | ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ ତା.୨୭.୦୩.୨୦୨୫ ରିଖ ପୂର୍ବାହ୍ନ ୧୧.୦୦ ଘଟିକା |
| ୨ | ବଣେଇ | ଏଚ.ଡି.ଏନ., କେନ୍ଦୁଡିହି | ଆମ୍ବ-୨୨୦ | ଟ.୫୦୦/- | |
| | | ଫଳ ବଗିଚା, କୁଳିପୋଷ | ଆମ୍ବ-୨୫ | ଟ.୫୦୦/- | |
| | | | ଲିଚୁ-୧୫ | ଟ.୫୦୦/- | |
| | | ୟୁନିଟ ଅର୍ଚାଡ, ତାଳବାହାଲି | ଆମ୍ବ-୫୫ | ଟ.୧୦୦୦/- | |
| | | | ଲିଚୁ-୩୩ | ଟ.୧୦୦୦/- | |
| ୩ | ସୁନ୍ଦରଗଡ | ପ୍ରୋଜେନି ଅର୍ଚାଡ, ସୁନ୍ଦରଗଡ | ଆମ୍ବ-୨୫୦ | ଟ.୧୦୦୦/- | |
| | | | ପଣସ-୯ | ଟ.୫୦୦/- | |
| ୪ | ଲେଫ୍ରିପଡା | ୟୁନିଟ ଅର୍ଚାଡ, ଲେଫ୍ରିପଡା | ଆମ୍ବ-୧୨ | ଟ.୫୦୦/- | |
| | | | ଲିଚୁ-୬ | ଟ.୫୦୦/- | |

OIPR-01381/11/0001/2425
ସ୍ୱା./-ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ସୁନ୍ଦରଗଡ଼



## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଆଠଗଡ଼

କଟକ, ଓଡ଼ିଶା, ପିନ୍-୭୫୪୦୨୯, ଫୋନ୍ ନଂ.-୦୬୭୨୩ ୨୨୦୩୬୯
Email- athgarhnac@rediffmail.com

ସଂଖ୍ୟା-୪୩୪ ତାରିଖ-୦୬.୦୩.୨୦୨୫

### ନିଲାମ ନୋଟିସ୍

No.C-1428:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ନିମ୍ନଲିଖିତ ସୈରାତଗୁଡିକର ସନ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ତା.୨୫.୦୩.୨୦୨୫ ରିଖରେ ଜଉମୁଦା ନିଲାମ ପେପର ମାଧ୍ୟମରେ ନିଲାମ ଦିଆଯିବା ପାଇଁ ସ୍ଥିର କରାଯାଇଛି । ଉକ୍ତ ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି/ଅନୁଷ୍ଠାନ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପରିଷଦ କାର୍ଯ୍ୟାଳୟରେ ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ ରହି ନିଲାମ କାର୍ଯ୍ୟରେ ଭାଗ ନେଇପାରିବେ ।

| Sl. No. | Name of the Sairat | Upset Price for the year 2023-24 (in Rs.) | Amount of Security Deposit (in Rs.) |
|---|---|---|---|
| 1 | Padma Pokhari | 26,000.00 (3 years leased upto March 2028) | 2,600.00 |
| 2 | Laxmi Bazar Daily Market | 3,10,500.00 | 31,000.00 |
| 3 | Durga Bazar Daily Market | 3,22,000.00 | 32,000.00 |
| 4 | Kantol Weekly Market | 47,000.00 | 4,700.00 |
| 5 | Meat Stall at Kantol | 350.00 | 100.00 |
| 6 | Meat Stall at Athgarh | 23,000.00 | 2,300.00 |
| 7 | Hemamalapur Tank | 450.00 | 100.00 |
| 8 | Birakishorepur Tank | 750.00 | 100.00 |
| 9 | Kantol Cycle Stand | 400.00 | 100.00 |
| 10 | Old Bus Stand Cycle Stand | 26,000.00 | 2,600.00 |

### ନିୟମାବଳୀ

୧.ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ ପରିଷଦ କାର୍ଯ୍ୟାଳୟରୁ ବିନାମୂଲ୍ୟରେ ନିଲାମ ପେପର ତା.୧୨.୦୩.୨୦୨୫ ରିଖରୁ ତା.୨୪.୦୩.୨୦୨୫ ରିଖ (ଛୁଟିଦିନ ବ୍ୟତୀତ) ପ୍ରତ୍ୟହ ସକାଳ ଘ.୧୦.୩୦ ମି. ଠାରୁ ଅପରାହ୍ନ ଘ.୫.୩୦ ମି. ସମୟ ମଧ୍ୟରେ ଦାୟିତ୍ୱପ୍ରାପ୍ତ କର୍ମଚାରୀଙ୍କ ନିକଟରୁ ଗ୍ରହଣ କରି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ସେହି ସମୟ ମଧ୍ୟରେ ଦାଖଲ କରିପାରିବେ । ୨. ଜଉମୁଦା ନିଲାମ ପେପର ତା.୨୫.୦୩.୨୦୨୫ ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ କିମ୍ବା ତାଙ୍କର ମନୋନୀତ ବ୍ୟକ୍ତିବିଶେଷଙ୍କ ସମ୍ମୁଖରେ ଖୋଲାଯିବ । ୩.ନିର୍ଦ୍ଧାରିତ ସମୟ ଅବଧି ପରେ କୌଣସି ଟେଣ୍ଡର ପେପର ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଗ୍ରହଣ କିମ୍ବା ବିଚାରକୁ ନିଆଯିବ ନାହିଁ । ୪. ନିଲାମ ନେବାପାଇଁ ଇଚ୍ଛୁକ ଥିବା ବ୍ୟକ୍ତି/ଅନୁଷ୍ଠାନ ସୈରାତ ପାଇଁ ଧାର୍ଯ୍ୟ ହୋଇଥିବା ଅମାନତ ରାଶିକୁ ନଗଦ ଅର୍ଥ ଆକାରରେ ଦାଖଲ କରି କାର୍ଯ୍ୟାଳୟରୁ ରସିଦ୍ ପ୍ରାପ୍ତ କରିବେ । ୫. ନିଲାମ ପେପର ଦାଖଲ କରିବା ସମୟରେ ସମ୍ପୃକ୍ତ ବ୍ୟକ୍ତିଙ୍କର ଆଧାରକାର୍ଡର ନକଲ ଏବଂ ଅମାନତ ରାଶିର ରସିଦ୍ ବନ୍ଦ ଲଫାପାରେ ଦାଖଲ କରିବେ । ୬. ଏକଗୋଟି ସୈରାତ ପାଇଁ ୧ ଜଣରୁ ଅଧିକ ବ୍ୟକ୍ତି/ଅନୁଷ୍ଠାନ ନିଲାମରେ ଭାଗ ନେଇପାରିବେ । ୭. ନିଲାମ ସିଦ୍ଧ ହେବା ପରେ ଯେଉଁ ବ୍ୟକ୍ତି/ଅନୁଷ୍ଠାନ ଯୋଗ୍ୟ ବିବେଚିତ ହେବେ ସେ ସମସ୍ତ ନିଲାମ ଅର୍ଥକୁ ସେହିଦିନ ଅର୍ଥାତ୍ ତା.୨୫.୦୩.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ ବ୍ୟାଙ୍କ ଚେକ୍/ଡ୍ରାଫ୍ଟ/ନଗଦରାଶି ମାଧ୍ୟମରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଦାଖଲ କରିବେ । ୮. ନିଲାମରେ ସିଦ୍ଧ ହୋଇଥିବା ବ୍ୟକ୍ତି/ଅନୁଷ୍ଠାନ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମସ୍ତ ଅର୍ଥରାଶି ଦାଖଲ ନକରି ପାରିଲେ ଦାଖଲ କରିଥିବା ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବା ସଙ୍ଗେ ସଙ୍ଗେ ସେକେଣ୍ଡ ହାଇଏଷ୍ଟ ବିଡରକୁ ସୁଯୋଗ ଦିଆଯିବ । ୯. ଅନିବାର୍ଯ୍ୟ କାରଣବଶତଃ ଯେକୌଣସି ସମୟରେ ନିର୍ବାହୀ ଅଧିକାରୀ ନିଲାମକୁ ବାତିଲ କରିପାରିବେ । ୧୦. ନିଲାମ ସିଦ୍ଧ ହେବା ପରେ ନିଲାମଧାରୀ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଆବଶ୍ୟକୀୟ ସର୍ତ୍ତାବଳୀ ସହ ଚୁକ୍ତିପତ୍ର ସମ୍ପାଦନ କରିବାକୁ ବାଧ୍ୟ ଅଟନ୍ତି । ଏଥିନିମନ୍ତେ ଟ.୨୧/- (ଏକୋଇଶ) ଟଙ୍କାର ନନ୍ ଜୁଡିସିଆଲ ଷ୍ଟାମ୍ପ୍ ପେପର ମାଧ୍ୟମରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଚୁକ୍ତିପତ୍ର ସମ୍ପାଦନ କରିବେ ।

OIPR-13149/11/0010/2425
ସ୍ୱା./-ନିର୍ବାହୀ ଅଧିକାରୀ, ଏନ୍.ଏ.ସି., ଆଠଗଡ଼



**NOTIFIED AREA COUNCIL**
**BELLAGUNTHA-761119 (GANJAM)**
Phone No.06821-258244
Sri Banamali Satapathy (OAS)
Executive Officer

**ବିଜ୍ଞାପିତ ଅଞ୍ଚଳ ପରିଷଦ**
ବେଲଗୁଣ୍ଠା-୭୬୧୧୧୯ (ଗଞ୍ଜାମ)
ଦୂରଭାଷ: ୦୬୮୨୧-୨୫୮୨୪୪
ଶ୍ରୀ ବନମାଳୀ ଶତପଥୀ (ଓ.ପ୍ର.ସେ.)
କାର୍ଯ୍ୟନିର୍ବାହୀ ଅଧିକାରୀ

E-Mail ID: eonacbellaguntha@gmail.com

L. No. 331 // Date: 11.03.2025

### TENDER CALL NOTICE

No.C- :- Urgent sealed tenders in the prescribed schedule in conformity with details item wise tender are invited from the registered Contractors/ Farms/ Agencies for the work as noted below. The details of Tender schedule can be purchased from the Office of the Executive Officer, NAC, Bellaguntha during the office hours of the working days from 10.03.2025, 10.00 AM to Dtd-18.03.2025 at 05.00 PM. Tender schedule along with relevant documents duly filled in will be received in the NAC Office in a sealed cover upto 03.00 PM on 19.03.2025 and will be opened in the Office of the Executive Officer, NAC, Bellaguntha at 04.00 PM on the same day i.e. 19.03.2025. If possible, in the presence of the Tenderers or their Authorized representatives who may be present at the time of opening. Tender with unpledged EMD and those received beyond schedule date and as well as conditional tender shall be automatically rejected. Any other information relating to the tender can be had from the office of the undersigned during the office working days and working hours. The authority reserves the right to reject any or all the tenders without assigning any reason thereof.

| Sl. No. | Name of the Work | Estimated Cost (in Rs.) | EMD (in Rs.) | Cost of Tender Paper (in Rs.) | Time of completion of the work |
|---|---|---|---|---|---|
| 01 | Renovation of Public toilet at Bhagabat Patna Sahi & Dhanijapalli in ward No.-12 & 13 of Bellaguntha NAC. | 1,99,000/- | 1990/- | Rs.2,000/- | One Month |

OIPR-13113/11/0016/2425
Sd./- Executive Officer, NAC, Bellaguntha



## ସର୍ବସାଧାରଣ ବିଜ୍ଞପ୍ତି

No.XXV- :- ଓଡ଼ିଶା ରାଜ୍ୟର ଜଗତସିଂହପୁର ଜିଲ୍ଲାର କି.ମି. 333.340 ଠାରୁ କି.ମି. 334.950 (ତହସିଲଦାରଙ୍କ କାର୍ଯ୍ୟାଳୟ, ତିର୍ତ୍ତୋଲ, ଜିଲ୍ଲା- ଜଗତସିଂହପୁରର ବିସ୍ତାରଣରେ ଥିବା ନୂତନ ପ୍ରସ୍ତାବିତ ଜାତୀୟ ରାଜପଥ ନମ୍ବର-55 ରାସ୍ତାକୁ ସଂଯୋଗ କରୁଥିବା ସମ୍ବଲପୁର ନିକଟସ୍ଥ ଏନ୍.ଏଚ୍.-53 ରେଢାଖୋଲରୁ ଆରମ୍ଭ କରି ନୂଆଗାଁରେ ସମାପ୍ତ ହୋଇଛି, ଯାହାକି ଭୂମି ବିନିର୍ମାଣ (ପ୍ରଶସ୍ତ / ଚାରି ଲେନିଂ ଇତ୍ୟାଦି) ପାଇଁ ଜାତୀୟ ରାଜପଥ ଅଧିନିୟମ ୧୯୫୬ ର ଧାରା ୩ (ଛ) ଦ୍ୱାରା ଭୂମି ଅଧିଗ୍ରହଣ ହେଉଥିବା ଜମି ମାଲିକ/ଆଗ୍ରହୀ ବ୍ୟକ୍ତିଙ୍କ କ୍ଷତିପୂରଣ ରାଶିର ଘୋଷଣା ସମ୍ବନ୍ଧରେ ସୂଚନା ।

ସମସ୍ତ ଜମି ମାଲିକ/ଆଗ୍ରହୀ ବ୍ୟକ୍ତିଙ୍କ ଧ୍ୟାନ ଆକର୍ଷଣ ପାଇଁ ଜାତୀୟ ରାଜପଥ ଅଧିନିୟମ ୧୯୫୬ର ଧାରା ୩ (କ) ଅନୁଯାୟୀ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ଯଥାକ୍ରମେ ୨୪୭ ତାରିଖ ୧୯.୦୧.୨୦୨୧ ଏବଂ ପରବର୍ତ୍ତୀ ସମୟରେ ଜାତୀୟ ରାଜପଥ ଅଧିନିୟମ ୧୯୫୬ ର ଧାରା ୩ (ଘ) ଅନୁଯାୟୀ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୩୧୭ ତାରିଖ ୧୯.୦୧.୨୦୨୩ ରେ ଓଡ଼ିଶା ରାଜ୍ୟର ଜଗତସିଂହପୁର ଜିଲ୍ଲାର କି.ମି. 333.340 ଠାରୁ କି.ମି. 334.950 (ତହସିଲଦାରଙ୍କ କାର୍ଯ୍ୟାଳୟ ତିର୍ତ୍ତୋଲ, ଜିଲ୍ଲା- ଜଗତସିଂହପୁର ସମ୍ବନ୍ଧରେ ପ୍ରକାଶ ପାଇଥିବା ଦୈନିକ ଖବରକାଗଜର ବିବରଣୀ ।

| କ୍ରମିକ ସଂଖ୍ୟା | ବିଜ୍ଞପ୍ତି | ପ୍ରକାଶିତ ଖବରକାଗଜର ନାମ | ପ୍ରକାଶିତ ତାରିଖ | ପ୍ରକାଶିତ ଭାଷା |
|---|---|---|---|---|
| ୧ | ଧାରା ୩(କ) | ଟାଇମସ୍ ଅଫ୍ ଇଣ୍ଡିଆ | ୧୫.୦୯.୨୦୨୨ | ଇଂରାଜୀ |
| | | ଧରିତ୍ରୀ | ୧୫.୦୯.୨୦୨୨ | ଓଡ଼ିଆ |
| ୨ | ଧାରା ୩(ଘ) | ଟାଇମସ୍ ଅଫ୍ ଇଣ୍ଡିଆ | ୨୪.୦୫.୨୦୨୩ | ଇଂରାଜୀ |
| | | ଧରିତ୍ରୀ | ୨୪.୦୫.୨୦୨୩ | ଓଡ଼ିଆ |

ସୂଚନା ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ କ୍ଷତିପୂରଣ ରାଶି ଜାତୀୟ ରାଜପଥ ଅଧିନିୟମ ୧୯୫୬ର ଧାରା ୩(ଛ) ଅନୁଯାୟୀ ପ୍ରସ୍ତୁତ ଏବଂ କ୍ଷମତାପ୍ରାପ୍ତ ପ୍ରାଧିକାରୀ ତଥା ମନ୍ତ୍ରଣାଳୟଙ୍କ ଅନୁମୋଦନ ତାରିଖ ୩୦.୦୮.୨୦୨୪ ଅନୁଯାୟୀ ଘୋଷଣା କରୁଛନ୍ତି । ଭୂମି ଅଧିଗ୍ରହଣ ସଂସ୍ଥା ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟ ଆବଶ୍ୟକୀୟ ପରିମାଣର କ୍ଷତିପୂରଣ ରାଶି ନିମ୍ନ ସ୍ୱାକ୍ଷରକାରୀଙ୍କ ଅଧୀନରେ ରଖିଛନ୍ତି ।

ତଦନୁଯାୟୀ ସମସ୍ତ ଜମି ମାଲିକ/ଆଗ୍ରହୀ ବ୍ୟକ୍ତିଙ୍କୁ ଏହି ବିଜ୍ଞପ୍ତି ମାଧ୍ୟମରେ ସୂଚାଇ ଦିଆଯାଉଛି କି, PFMS/ bhoomirashi web portal ମାଧ୍ୟମରେ ହସ୍ତାନ୍ତରିତ ହେବାକୁ ଥିବା କ୍ଷତିପୂରଣ ରାଶି ପାଇବାକୁ ଯୋଗ୍ୟ ଥିବା ବ୍ୟକ୍ତି ୬୦ ଦିନ ମଧ୍ୟରେ ଦିବା ୧୧.୦୦ ଘଟିକାଠାରୁ ୫.୦୦ ଘଟିକା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଦିବସରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଫିସ କାର୍ଯ୍ୟାଳୟରେ ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କରିବେ ।

ସମ୍ପୃକ୍ତ କାଗଜପତ୍ର ନିମ୍ନ ସ୍ୱାକ୍ଷରକାରୀଙ୍କ ଅଫିସ କାର୍ଯ୍ୟାଳୟରେ ଜମା କରି କ୍ଷତିପୂରଣ ରାଶି ସଂଗ୍ରହ କରିବାରେ ବିଫଳତାରେ, ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୬୦ ଦିନ ଅବଧି ଶେଷ ହେବା ପରେ ଦେୟ ବୋଲି ବିବେଚନା କରାଯିବ ।

ଜମି ମାଲିକ/ଆଗ୍ରହୀ ବ୍ୟକ୍ତିମାନେ ଆଗ୍ରହ ପ୍ରକାଶ କରୁଥିବା ବ୍ୟକ୍ତିମାନେ ଉକ୍ତ ଜମିର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କୁ ୬୦ ଦିନର ସମୟ ସୀମା ମଧ୍ୟରେ ହସ୍ତାନ୍ତର କରିବେ ଅନ୍ୟଥା ୬୦ ଦିନ ଅବଧି ଶେଷ ହେବା ପରେ ପୋଲିସ ସହାୟତାରେ ଉକ୍ତ ଜମିର ଅଧିକାର ନିଆଯିବ ।

ସ୍ୱା./- ଭୂଅର୍ଜନ ଅଧିକାରୀ (ଜାତୀୟ ରାଜପଥ-୫୫) କ୍ଷମତାପନ୍ନ ପ୍ରାଧିକାରୀ
ତହସିଲଦାରଙ୍କ କାର୍ଯ୍ୟାଳୟ, ତିର୍ତ୍ତୋଲ, ଜିଲ୍ଲା- ଜଗତସିଂହପୁର

OIPR-24089/14/0005/2425

**ମୁହାଣ ଖୋଲାକୁ ନେଇ ବିବାଦ: ୪୦ ଗିରଫ**

ଚିକିଟି,(ପ୍ରକାଶ ଚନ୍ଦ୍ର ସାହୁ): ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ କତୁରୁ ଗ୍ରାମ ନିକଟରେ ସମୁଦ୍ରକୁ ସଂଯୋଗ କରୁଥିବା ବଡ଼ନାଳଠାରେ ନୂଆ ମୁହାଣ ଖୋଲାକୁ ନେଇ ରାମାୟପାଟଣା ଓ କତୁରୁ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଲାଗିଥିଲା। ସୋମବାର ଏହାକୁ ନେଇ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ଚିକିଟି ତହସିଲଦାର, ବିଡିଓ ଓ ଗୋଳନ୍ଥରା ଥାନା ଆଇଆଇସିଙ୍କ ଉପସ୍ଥିତିରେ ଆଲୋଚନା ଚାଲିଥିବା ବେଳେ ଉଭୟ ଗ୍ରାମର ଲୋକେ ପରସ୍ପରକୁ ସଶସ୍ତ୍ର ଆକ୍ରମଣ ଓ ପ୍ରତି ଆକ୍ରମଣ କରିଥିଲେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ଉଭୟ ଗ୍ରାମର ୪୦ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି।

# ୨ପିଲାଙ୍କୁ ହତ୍ୟା କରି ଦମ୍ପତିଙ୍କ ଆତ୍ମହତ୍ୟା

ହାଇଦ୍ରାବାଦ,୧୧।୩

ସମ୍ପ୍ରତି ପାରିବାରିକ ସମସ୍ୟା ଏକ ଚିନ୍ତାର କାରଣ ପାଲଟିଛି। ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖୀନ କରିବାକୁ ବିଫଳ ହୋଇ ଅନେକେ ଜୀବନ ହାରିବାକୁ ମଧ୍ୟ ଶ୍ରେୟସ୍କର ମନେ କରୁଛନ୍ତି। ଅଧିକାଂଶ କ୍ଷେତ୍ରରେ ଆର୍ଥିକ ଅନଟନ ଏହାର ମୁଖ୍ୟ କାରଣ ସାଜୁଛି। ଏମିତି ଏକ ଘଟଣା ଘଟିଛି ହାଇଦ୍ରାବାଦରେ। ଆର୍ଥିକ ଅନଟନ କାରଣରୁ ଏକ ଦମ୍ପତି ସେମାନଙ୍କ ୨ପିଲାଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହି ଘଟଣା ସୋମବାର ଘଟିଥିବାବେଳେ ମଙ୍ଗଳବାର ଲୋକଲୋଚନକୁ ଆସିଛି। ମୃତଦେହ ନିକଟରୁ ଏକ ସୁଇସାଇଡାଲ୍ ନୋଟ୍ ଉଦ୍ଧାର ହୋଇଛି। ସେଥିରେ 'ଆମମାନଙ୍କ ମୃତ୍ୟୁ ପାଇଁ ଅନ୍ୟ କେହି ଦାୟୀ ନୁହନ୍ତି' ବୋଲି ଉଲ୍ଲେଖ ରହିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁସାରେ, ହାଇଦ୍ରାବାଦର ହବ୍‌ସିଗୁଡ଼ା ଅଞ୍ଚଳରେ ଚନ୍ଦ୍ରଶେଖର ରେଡ୍ଡୀ ସ୍ତ୍ରୀ କବିଥା, ୨ପିଲା ଶ୍ରୀଥା ଏବଂ ବିଶ୍ୱାନଙ୍କ ସହ ରୁହନ୍ତି। ସୋମବାର ଚନ୍ଦ୍ରଶେଖରଙ୍କ ଘର ମଧ୍ୟରୁ କୌଣସି ଶବ୍ଦ ନ ଶୁଭିବାରୁ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା।

**'ଆମମାନଙ୍କ ମୃତ୍ୟୁ ପାଇଁ ଅନ୍ୟ କେହି ଦାୟୀ ନୁହନ୍ତି'**



ମୃତକ ଚନ୍ଦ୍ରଶେଖର, ସ୍ତ୍ରୀ କବିଥା, ଝିଅ ଶ୍ରୀଥା ଏବଂ ପୁଅ ବିଶ୍ୱାନ।

ପରେ ଜଣେ ପଡ଼ୋଶୀ ଏନେଇ ସ୍ଥାନୀୟ ଓସ୍‌ମାନିଆ ୟୁନିଭର୍ସିଟି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘରର କବାଟ ଖୋଲିବା ପରେ ୪ଜଣଙ୍କୁ ମୃତ ଅବସ୍ଥାରେ ଦେଖିବାକୁ ପାଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଦମ୍ପତି ସେମାନଙ୍କ ୨ପିଲାଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଛି। ମୃତଦେହ ନିକଟରେ ତେଲୁଗୁରେ ଲେଖାହୋଇଥିବା ଏକ ସୁଇସାଇଡାଲ ନୋଟ ମିଳିଥିଲା। ସେଥିରେ ଆମ ୪ଜଣଙ୍କ ମୃତ୍ୟୁ ପାଇଁ ଅନ୍ୟ କେହି ଦାୟୀ ନୁହନ୍ତି। ଆମେ ବହୁ ଅସୁବିଧାର ସମ୍ମୁଖୀନ ଦେଇ ଗତି କରିଛୁ। ଉଭୟ ଶାରୀରିକ ଓ ମାନସିକ ନିର୍ଯାତନା ମଧ୍ୟ ପାଇଛୁ। ଅନ୍ୟ କୌଣସି ଉପାୟ ନ ପାଇ ଜୀବନ ହାରିବାକୁ ଶ୍ରେୟସ୍କର ମନେକଲୁ। ଆମମାନଙ୍କୁ କ୍ଷମା କରିଦେବ ବୋଲି ଲେଖାଯାଇଥିବା ପୋଲିସ କହିଛି। ପ୍ରକାଶ ଯେ, ଚନ୍ଦ୍ରଶେଖରଙ୍କ ଘର ମେହେବୁବ୍ ନଗରରେ। ଗତ ବର୍ଷେତଳେ ସେ ହବ୍‌ସିଗୁଡ଼ାରେ ଆସି ରହୁଥିଲେ। ଚନ୍ଦ୍ରଶେଖର ଗତ ୬ମାସ ହେଲା କିଛି କାମ କରୁ ନ ଥିଲେ। ଫଳରେ ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲେ। ଏହାହିଁ ସେମାନଙ୍କ ମୃତ୍ୟୁର କାରଣ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମୃତକଙ୍କ ପରିବାର ଏବଂ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରୁଛି। ସମ୍ପ୍ରତି ଦେଶରେ ଏମିତି ଅନେକ ଘଟଣା ଘଟୁଛି, ଯେଉଁଠାରେ ଆର୍ଥିକ ସମସ୍ୟା କାରଣରୁ ଅନେକେ ଜୀବନ ହାରୁଥିବା ସୁଇସାଇଡାଲ୍ ନୋଟରୁ ଜଣାପଡୁଛି। ୨୦୨୪ ଅକ୍ଟୋବରରେ ମହାରାଷ୍ଟ୍ର ନାଗପୁରରେ ଅନୁରୂପ ଭାବେ ଏକ ଦମ୍ପତି ସେମାନଙ୍କ ୨ପିଲାଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିଲେ। ସେହିପରି ଗତ ପ୍ରାୟ ୫ମାସ ତଳେ ଦିଲ୍ଲୀର ରଙ୍ଗପୁରୀ ଅଞ୍ଚଳରେ ଜଣେ ୫୦ବର୍ଷୀୟ ବ୍ୟକ୍ତି ଏବଂ ତାଙ୍କ ୪ଝିଅଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେମାନେ ସମସ୍ତେ ଭିନ୍ନକ୍ଷମ ଥିବା ଜଣାପଡ଼ିଥିଲା।

## ଅଭିଯୁକ୍ତ ସ୍ତ୍ରୀ ଗିରଫ

**ଘରେ ପଡ଼ିଛି ସ୍ୱାମୀଙ୍କ ମୃତଦେହ, ସ୍ତ୍ରୀ ଫେରାର ଘଟଣା**

ପାରଳାଖେମୁଣ୍ଡି,୧୧।୩
(ଗିରିଧାରୀ ପରିଛା)

ସ୍ୱାମୀଙ୍କ ତଣ୍ଟି କାଟି ଫେରାର ଥିବା ହତ୍ୟାକାରୀ ସ୍ତ୍ରୀଙ୍କୁ ମଙ୍ଗଳବାର ପାରଳାଖେମୁଣ୍ଡି ପୋଲିସ ଗିରଫ କରିଛି। ଗିରଫ ମହିଳା ଜଣକ ହେଲେ ମୃତ ଜଗଦୀଶ ମେଲେକାଙ୍କ ସ୍ତ୍ରୀ ହାରି ରଇତ। ପୋଲିସ ଅଭିଯୁକ୍ତଙ୍କୁ ଧରି ଘଟଣା ସ୍ଥଳରେ ପହଞ୍ଚି ସିନ୍ ରିକ୍ରିଏଶନ କରାଇଛି। ଏଥିରେ ପରିବାର ଲୋକଙ୍କ ଏବଂ ପଡ଼ୋଶୀଙ୍କ ବୟାନ ରେକର୍ଡ କରିଛି। ଗତ ୮ତାରିଖରେ ପାରଳାଖେମୁଣ୍ଡି ନଗରମପଲ୍ଲି ସାହିରେ ଏକ ଭଡ଼ା ଘରେ ସ୍ୱାମୀ ଜଗଦୀଶଙ୍କ ତଣ୍ଟି କାଟି ହତ୍ୟା କରିବା ପରେ ସ୍ତ୍ରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଜଗଦୀଶଙ୍କ ପରିବାର ଲୋକେ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ହାରିଙ୍କୁ ଗିରଫ କରିଛି। ପୋଲିସ ସିନ ରିକ୍ରିଏଶନ ବେଳେ ଅଭିଯୁକ୍ତା ହାରି ହତ୍ୟା ସମ୍ପର୍କରେ ସମସ୍ତ ତଥ୍ୟ ଉପସ୍ଥାପନ କରିଛନ୍ତି। ତେବେ କେଉଁ କାରଣରୁ ସ୍ୱାମୀଙ୍କୁ ହତ୍ୟା କଲେ ସେ ନେଇ ପୋଲିସ ତାଙ୍କୁ ପଚରାଉଚରା କରୁଛି। ଏପରି କି ହତ୍ୟାକାଣ୍ଡରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ସେ ନେଇ ମଧ୍ୟ ପୋଲିସ ଛାନ୍‌ଭିନ୍ ଚଳାଇଛି।

ସୂଚନାଯୋଗ୍ୟ, ହାରି ଓ ଜଗଦୀଶଙ୍କ ମଧ୍ୟରେ ଅଧିକାଂଶ ସମୟରେ କୌଣସି ନା କୌଣସି କାରଣରୁ ଝଗଡ଼ା ହେଉଥିଲା। ଗତ ସପ୍ତାହରେ ଜଗଦୀଶଙ୍କ ମୃତଦେହ ଘର ଭିତରେ ରଖି ସ୍ତ୍ରୀ ହାରି ବାହାରୁ ତାଲା ପକାଇ ଫେରାର ହୋଇଯାଇଥିଲେ।

**ଘଟଣାସ୍ଥଳକୁ ନେଇ ସିନ ରିକ୍ରିଏଶନ କଲା ପୋଲିସ**



ସିନ ରିକ୍ରିଏଶନ ବେଳେ ହାରି ପୋଲିସକୁ ଘଟଣା ସମ୍ପର୍କରେ ଅବଗତ କରାଉଛନ୍ତି।

# ଝିଅ, ପୁଅଙ୍କ ସମ୍ମୁଖରେ ବାପାଙ୍କୁ ହତ୍ୟା

**ନାଳରେ ଚୁଆ ଖୋଳିବାକୁ ନେଇ ଶତ୍ରୁତା ଥିଲା**

ସୋନପୁର,୧୧।୩
(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ଲୁପୁରସିଂହା ଗ୍ରାମରେ ଦୁଇ ଝିଅ ଓ ପୁଅଙ୍କ ସମ୍ମୁଖରେ ବାପାଙ୍କୁ ହତ୍ୟା କରାଯାଇଛି। ନାଳରେ ଚୁଆ ଖୋଳିବାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଛି। ଗ୍ରାମର କାର୍ତ୍ତିକ ବରିହା(୫୦)ଙ୍କୁ ହତ୍ୟା କରାଯାଇଛି। ଲୁପୁରସିଂହାର ଦୈତାରି ପଧାନ, ରାମ ଭୁଏ ଓ ରାମଙ୍କ ବାପା ଶୁକ୍ରୁ ହତ୍ୟା କରିଥିବା ମୃତ କାର୍ତ୍ତିକଙ୍କ ପୁଅ ଶିବ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗାଁପାର୍ଶ୍ୱରେ ବହି ଯାଇଥିବା ନାଳ ପାଣିକୁ ବ୍ୟବହାର କରି କାର୍ତ୍ତିକ ଓ ଅଭିଯୁକ୍ତମାନେ କ୍ଷେତରେ ଧାନ, ଚଣା ଏବଂ ପନିପରିବା ଚାଷ କରିଛନ୍ତି। ନାଳରେ ଚୁଆ ଖୋଳିବାକୁ ନେଇ କାର୍ତ୍ତିକ ଓ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ହୋଇଥିଲା। ସୋମବାର କାର୍ତ୍ତିକ ଗାଈ ଧରି କ୍ଷେତକୁ ଯାଇଥିଲେ। ପୁଅ ଶିବ କ୍ଷେତରେ ଥିବା ପାଣି ମୋଟର ନିକଟରେ ଥିଲେ। କାର୍ତ୍ତିକଙ୍କ ଦୁଇ ଝିଅ ପଦ୍ମିନୀ ଓ ଶୀର କ୍ଷେତରୁ ଚଣା ତୋଳୁଥିଲେ। ସନ୍ଧ୍ୟାରେ କାର୍ତ୍ତିକ ଗାଈ ଧରି ଘରକୁ ଫେରୁଥିବା ସମୟରେ ଦୈତାରି, ଶୁକ୍ରୁ ଓ ରାମ ଠେଙ୍ଗା, ବାଡିରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିଯୋଗୁ କାର୍ତ୍ତିକଙ୍କ ଶରୀର ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ବାପାଙ୍କ ଚିତ୍କାର ଶୁଣି ନିକଟରେ ଥିବା ଶିବ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ଏହି ସମୟରେ ଦୈତାରି ଶିବଙ୍କୁ କାଠଫାଳିଆରେ ଆକ୍ରମଣ କରିଥିଲା। ଶୁକ୍ରୁ ଟାଙ୍ଗିଆରେ ଶିବଙ୍କୁ ହାଣି ଦେବାକୁ ଉଦ୍ୟମ କରିଥିଲେ। ସେହିପରି କାର୍ତ୍ତିକଙ୍କୁ ଅଭିଯୁକ୍ତମାନେ ଘୋଷାରି ନେବା ଦେଖି ଦୁଇ ଝିଅ ପଦ୍ମିନୀ ଓ ଶୀର ଭୟଭୀତ ହୋଇଯାଇଥିଲେ। ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ କାର୍ତ୍ତିକଙ୍କୁ ଡାକ୍ତରଖାନା ନେବା ପାଇଁ ଉଦ୍ୟମ କରିଥିଲେ। ହେଲେ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ କାରଣରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଲଛିପୁର ଆଇଆଇସି ଭୋଜରାଜ ସା ପୋଲିସ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ପୋଲିସ ଟିମ୍ ମୃତଦେହକୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ଜଗି ରହିଥିଲା। ରାତିରେ ଶୁକ୍ରୁ ଓ ଦୈତାରିଙ୍କୁ ପୋଲିସ ଘରୁ ଉଠାଇ ଆଣି ଥାନାରେ ପଚରାଉଚରା କରିଥିଲା। ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରିଛନ୍ତି। ଘଟଣାସ୍ଥଳରୁ ରକ୍ତଭିଜା କାଠଫାଳିଆ, ବାଡି ଓ ରକ୍ତ ଛିଟାର ନମୁନା ଜବତ କରାଯାଇଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ରାମ ଫେରାର ଥିବା ବେଳେ ଲଛିପୁର ପୋଲିସ ଅଭିଯୁକ୍ତ ଶୁକ୍ରୁ ଓ ଦୈତାରିଙ୍କୁ ଗିରଫ କରିଛି।



ସୋନପୁର ଏସ୍‌ଡିପିଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ଗୋଚାଲାଣକାରୀଙ୍କୁ ଏନ୍‌କାଉଣ୍ଟର



ପୋଲିସ ଗୁଳିରେ ଆହତ ୨ ଗୋଚାଲାଣକାରୀ।

- ୨ ଆହତ ମେଡିକାଲରେ ଭର୍ତ୍ତି
- ପିସ୍ତଲ, ଗୋରୁ ବୋଝେଇ ଟ୍ରେଲର ଜବତ

ସମ୍ବଲପୁର,୧୧।୩(ପ୍ରମୋଦ ବହିଦାର)

ସମ୍ବଲପୁରର ସିଟି ରେଳଷ୍ଟେଶନ ନିକଟରେ ମଙ୍ଗଳବାର ଭୋର ସମୟରେ ଗୋଚାଲାଣକାରୀଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଛି। ଏଥିରେ ୨ ଚାଲାଣକାରୀ ଯୁବକ ଆହତ ହୋଇଛନ୍ତି। ସେମାନଙ୍କ ଗୋଡ଼ରେ ଗୁଳି ବାଜିଛି। ସେମାନେ ହେଲେ ପଶ୍ଚିମବଙ୍ଗ ହାୱଡ଼ା ଜିଲା ବାଗୱାନ ଥାନା ବରଭଗବତିପୁରର ଶେଖ ମଣ୍ଟୋ ହକ୍(୩୪) ଓ କାର ଡ୍ରାଇଭର ଶେଖ ଆରିଫ୍(୨୨)। ଉଭୟଙ୍କୁ ଭିମ୍‌ସାରରେ ଭର୍ତ୍ତି କରାଯାଇଛି। ଉଭୟ ବିପଦମୁକ୍ତ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସ ଘଟଣାସ୍ଥଳରୁ ୨ଟି ଦେଶୀ ପିସ୍ତଲ, ୪ଟି ଖାଲି କାର୍ତ୍ତୁସ, ୪ଟି ଗୁଳି, ଗୋରୁ ବୋଝେଇ ୧୮ଚକିଆ ଟ୍ରେଲର୍, ଏକ କାର, ୩ଟି ମୋବାଇଲ୍ ଫୋନ ଓ ନଗଦ ୧୫ ହଜାର ଟଙ୍କା ଜବତ କରିଛି। ଏହାସହ ଟ୍ରେଲରରେ ଚାଲାଣ ହେଉଥିବା ୩୦ ଗୋରୁଙ୍କୁ ଉଦ୍ଧାର କରି ପୋତାପାଲିସ୍ଥିତ ଶ୍ରୀକୃଷ୍ଣ ଗୋଶାଳା ପଠାଇଛି। ଟ୍ରେଲର୍ ଚାଳକ ପଞ୍ଜାବ ଅମୃତସର ଜିଲା ଭାଲଥୋଆ ଥାନା ଖେମକରଣ ଗ୍ରାମର ଦବିନ୍ଦର ସିଂ(୨୫) ଓ ଗୋଚାଲାଣକାରୀଙ୍କ ସ୍ଥାନୀୟ ସହଯୋଗୀ ସୁବର୍ଣ୍ଣପୁର ଜିଲା ରାମପୁର ଥାନା ସଦର ଗ୍ରାମର ନରେନ୍ଦ୍ର ମେହେର(୨୯)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ଧନୁପାଲି ଥାନାରେ ଏକ ମାମଲା(୬୪/୨୫) ରୁଜୁ ହୋଇଛି।

ଜିଲା ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ଆୟୋଜିତ ମିଳିତ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମ ସୂଚନା ଦେଇ କହିଛନ୍ତି, ସୋମବାର ବିଳମ୍ବିତ ରାତିରେ ସମ୍ବଲପୁର ଦେଇ ଯାଇଥିବା ଜାତୀୟ ରାଜପଥ ୫୩ରେ ଗୋରୁ ଚାଲାଣ ହେଉଥିବା ଖବର ମିଳିଥିଲା। ଗୋଚାଲାଣ ଗାଡ଼ିକୁ ୨ଟି ଦାମୀ କାରରେ ଚାଲାଣକାରୀ ବାଟ କଢ଼ାଇ ନେଉଥିଲେ। ସୂଚନା ଆଧାରରେ ଧନୁପାଲି ଥାନାର ଏକ ଟିମ୍ ସମ୍ବଲପୁର ସିଟି ଷ୍ଟେଶନ ନିକଟରେ ଜଗି ରହିଥିଲେ। ମଙ୍ଗଳବାର ଭୋର ପ୍ରାୟ ସାଢ଼େ ୫ଟାରେ ଗୋରୁ ବୋଝେଇ ଟ୍ରେଲର୍(ଆରଜେ-୦୯-ଜିବି-୨୭୪୬)କୁ ପୋଲିସ ଅଟକାଇଥିଲା। ଏହି ସମୟରେ ଟ୍ରକକୁ ଏସ୍‌କର୍ଟ କରୁଥିବା ଏକ କାର ଦ୍ରୁତଗତିରେ ପଳାଇଥିବା ବେଳେ ଦ୍ୱିତୀୟ କାର(ଡବ୍ଲ୍ୟୁବି-୧୪-ଏଏ-୧୨୩୨)ରୁ ଓହ୍ଲାଇ ଡ୍ରାଇଭର ଓ ଅନ୍ୟ ଜଣେ ଯୁବକ ପୋଲିସ ଉପରକୁ ୩ ରାଉଣ୍ଡ ଗୁଳିଚାଳନା କରିଥିଲେ। ଜବାବରେ ପୋଲିସ ପକ୍ଷରୁ ପାଲଟା ୫ ରାଉଣ୍ଡ ଗୁଳିଚାଳନା କରାଯାଇଥିଲା। ଏଥିରେ ଜଣଙ୍କର ବାମ ଓ ଅନ୍ୟ ଜଣଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ପ୍ରାଥମିକ ତଦନ୍ତରୁ ଗୋରୁଙ୍କୁ ବରଗଡ଼ ଜିଲା ସୋହେଲା ଅଞ୍ଚଳରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରାଯାଉଥିଲା। ଖସି ଯାଇଥିବା କାରରେ ଥିବା ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ରାକେଟ୍‌ର ମୁଖ୍ୟଙ୍କ ସହିତ ସହଯୋଗୀମାନଙ୍କୁ ଗିରଫ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ଭାମୁ କହିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଗା ବଳିଆ**
**କାହା ଘରେ ଧାନ ମୁଣ୍ଡିଏ ନ ଥାଏ**
**କାହା ଘରେ ଧାନ ଓଳିଆ।।**

କୁହାଯାଏ ଭଗବାନଙ୍କ କୃପା ଦୃଷ୍ଟି ଥିଲେ ଦୁନିଆରେ କିଛି ବି ଅସମ୍ଭବ ନୁହେଁ। ତାଙ୍କ ଇଙ୍ଗିତରେ ହିଁ ସଂସାର ଆତଯାତ। ଭଗବାନଙ୍କ କୃପା ବଳରେ ମନୁଷ୍ୟର ସକଳ ଆଶା ପୂରଣ ହୋଇଥାଏ, ତାଙ୍କ କୃପା ଥିଲେ ଘରେ ଧନଧାନ୍ୟ ପରିପୂର୍ଣ୍ଣ ହୁଏ। ତାଙ୍କ ଲୀଳା ବୁଝିବା ମନୁଷ୍ୟଙ୍କ ପକ୍ଷେ କଷ୍ଟକର ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଜୀବ ଥିଲା ବେଳେ ମୁହିଁ ବଳିଆ**
**ଜୀବ ଗଲାବେଳେ ସାହା କାଳିଆ।।**

ଜୀବଦଶାରେ ମଣିଷ ନିଜକୁ ଅତ୍ୟନ୍ତ ଶକ୍ତିଶାଳୀ ବୋଲି ମନେକରିଥାଏ। କିନ୍ତୁ ସେ ଯେତେବେଳେ ମୃତ୍ୟୁର ସନ୍ନିକଟ ହୁଏ, ସେତେବେଳେ ଭଗବାନଙ୍କୁ ସହାୟ ହେବା ପାଇଁ ନିବେଦନ ଜଣାଏ। ଭଗବାନ ହିଁ ମଣିଷର ମୃତ୍ୟୁକାଳୀନ ସହାୟକ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୧୧।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ବିଚାରପତି ପ୍ରଣତି ପଟ୍ଟନାୟକ ମଙ୍ଗଳବାର ଜଣେ ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ସୋରଡା ଥାନା ଅଞ୍ଚଳର ବାଦଲ ଗୌଡ(୨୨)। ଜେଲ ସହ ଦୋଷୀଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୧୧ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତା ନାବାଳିକାଙ୍କୁ ୧୦ଲକ୍ଷ ୫୦ ହଜାର ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ(ଡିଏଲ୍‌ଏସ୍‌ଏ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୩ ଫେବୃଆରୀ ୨୪ରେ ସୋରଡା ଥାନା ଅଞ୍ଚଳର ଜଣେ ୧୨ ବର୍ଷିୟା ନାବାଳିକାଙ୍କୁ ଅଭିଯୁକ୍ତ ବାଦଲ ବଳାତ୍କାର କରିଥିଲେ।

**ଅନ୍ୟାନ୍ୟ ଖବର**

## ୨୪ରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ଖଣ୍ଡପଡ଼ା,୧୧।୩(ଅଜୟ କୁମାର ମହାରଣା)

ଆସନ୍ତା ୨୪ ତାରିଖରେ ଓଡ଼ିଶା ଗ୍ରସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ କଣ୍ଟିଲୋ ଆସି ପ୍ରଭୁ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ସହ ନୀଳମାଧବ ପୀଠର ସେବାୟତ ମନୋରଞ୍ଜନ ମିଶ୍ର, ସ୍ଥାନୀୟ ବାସିନ୍ଦା ପୂର୍ବରୁ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ। ଶ୍ରୀନୀଳମାଧବଙ୍କ ଦର୍ଶନ ପାଇଁ ଆସିବା ନିମନ୍ତେ ତାଙ୍କୁ ସେମାନେ ନିମନ୍ତ୍ରଣ କରିଥିଲେ। ଏଥିରେ ରାଷ୍ଟ୍ରପତି ମୁର୍ମୁ ସହମତି ପ୍ରକାଶ କରିଥିଲେ। ତଦନୁଯାୟୀ ତାଙ୍କ ଗସ୍ତ ସୂଚୀ ନିର୍ଦ୍ଧାରିତ ହୋଇଥିବାରୁ ଶ୍ରୀନୀଳମାଧବ ପୀଠର ସେବାୟତ ଏବଂ ନୟାଗଡ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୋମବାର ବାୟୁସେନା ପକ୍ଷରୁ କେତେଜଣ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ମଙ୍ଗଳବାର ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏସ୍‌ପି ଏସ୍. ସୁଶ୍ରୀଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀନୀଳମାଧବ ପୀଠ ପରିଦର୍ଶନରେ କରି ସମସ୍ତ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି।



## ରାଜ୍ୟ ପୋଲିସର ସଫଳ କ୍ରୀଡ଼ାବିତ୍‌ଙ୍କୁ ଡିଜିପିଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୧୧।୩(ସତ୍ୟଜିତ୍ ରାଉତ)

**ପଦକ ବିଜେତାଙ୍କ ପାଇଁ ପ୍ରୋତ୍ସାହନ ରାଶି ଘୋଷଣା**

ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କୁ ରାଜ୍ୟ ପୋଲିସର ସଫଳ କ୍ରୀଡ଼ାବିତ୍‌ମାନେ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ ଅଫିସରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଦକ ବିଜେତାମାନଙ୍କୁ ଡିଜିପି ଶୁଭେଚ୍ଛା ଜଣାଇବା ସହ ପ୍ରଶଂସା କରିଥିଲେ। ଏହି ଅବସରରେ ଡିଜିପି ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ାରେ ପ୍ରତ୍ୟେକ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୫ ହଜାର ଟଙ୍କା, ରୌପ୍ୟପଦକ ବିଜେତାଙ୍କୁ ୩ ହଜାର ଓ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୨ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦେବାକୁ ଘୋଷଣା କରିଥିଲେ। ଏହିପଦକ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଆଗକୁ ନୂଆ ମାଇଲଖୁଣ୍ଟ ହାସଲ କରିବାକୁ ପ୍ରେରଣା ଯୋଗାଇବ ବୋଲି ଡିଜିପି ଆଶାବ୍ୟକ୍ତ କରିଥିଲେ।

ସୂଚନାଯୋଗ୍ୟ, ଭୋପାଳରେ ଆୟୋଜିତ ୨୪ତମ ସର୍ବଭାରତୀୟ ପୋଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍‌ରେ ଓଡ଼ିଶା ପୋଲିସକୁ ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀମାନେ ୫ଟି ସ୍ୱର୍ଣ୍ଣ ପଦକ, ଗୋଟିଏ ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ଜିତିଥିଲେ। ଏହାସହ ତ୍ରିପୁରାଠାରେ ଆୟୋଜିତ ୭୩ ତମ ସର୍ବଭାରତୀୟ ପୋଲିସ ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୋଲିସ ମହିଳା ଫୁଟବଲ ଟିମ୍ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସେହିପରି ପଞ୍ଜାବ ଜଳନ୍ଧରରେ ଆୟୋଜିତ ସର୍ବ ଭାରତୀୟ ପୋଲିସ କବାଡି କ୍ଲଷ୍ଟର ଓଡିଶା ପୋଲିସର ଜିମ୍ନାଷ୍ଟ ସୀତାକାନ୍ତ ଓଝା ବ୍ରୋଞ୍ଜ ପଦକ ହାସଲ କରିଥିବା ସୂଚନା ଦିଆଯାଇଛି। ଏହି ଅବସରରେ ସିପି ଏସ. ଦେବଦତ୍ତ ସିଂ, ଏଡିଜି(ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ଏସିପି ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ସମେତ ଟିମ୍ ମ୍ୟାନେଜର, ପ୍ରଶିକ୍ଷକ ଓ ଖେଳାଳିମାନେ ଉପସ୍ଥିତ ଥିଲେ।

# ୫ ଦିନରେ ୪୫୬ ମାମଲା, ୩୬୦ ଗିରଫ

ଭୁବନେଶ୍ୱର,୧୧।୩(ସତ୍ୟଜିତ୍ ରାଉତ)

**ବାଲି, ମୋରମ ଓ ମାଙ୍କଡ଼ାପଥର ଚୋରା ଚାଲାଣକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ**

ରାଜ୍ୟରେ ବାଲି, ମୋରମ ଓ ମାଙ୍କଡ଼ାପଥର ଚୋରା ଚାଲାଣକାରୀଙ୍କ ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସମସ୍ତ ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପ୍ପର ଓ ହାଇୱାକୁ ଜବତ କରାଯାଉଛି ବୋଲି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୂର ଖୁରାନିଆ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗତ ୫ଦିନ ମଧ୍ୟରେ ୪୫୬ ମାମଲା ରୁଜୁ କରାଯାଇ ୩୬୦ ଜଣଙ୍କୁ ଗିରଫ କରାଯାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଜିଲା ପ୍ରଶାସନ, ଖଣି ବିଭାଗ ଏବଂ ପୋଲିସ ବିଭାଗର ମିଳିତ ସହଯୋଗରେ ଗତ ୭ ତାରିଖରୁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ସାରା ରାଜ୍ୟରେ ବାଲି, ମୋରମ ଏବଂ ମାଙ୍କଡ଼ା ପଥର ଚାଲାଣକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ହେଉଛି। ଏପର୍ଯ୍ୟନ୍ତ ୫୨୪ଟି ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପ୍ପର ଓ ହାଇୱାକୁ ଜବତ କରାଯାଇଛି। ତେବେ ଗିରଫଦାରି ବ୍ୟତୀତ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନୋଟିସ ଦିଆଯାଇ ଛଡ଼ାଯାଇଥିବା ଡିଜିପି ଖୁରାନିଆ କହିଛନ୍ତି। ଏହି ଧରପଗଡ଼ ଅଭିଯାନ ନିୟମିତ ଭାବେ ଚାଲିବ ବୋଲି ଡିଜିପି କହିବା ସହ ବାଲି, ମୋରମ ଓ ମାଙ୍କଡ଼ାପଥର ଚୋରା କାରବାର ସମ୍ପର୍କରେ ପୋଲିସକୁ ସ୍ଥାନୀୟ ଲୋକେ ସୂଚନା ଦେବା ପାଇଁ ଡିଜିପି ନିବେଦନ କରିଛନ୍ତି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ନିବେଶକ ନିରୁତ୍ସାହିତ

ମୁମ୍ବାଇ: କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୩ (୧୨.୮୫) ପଏଣ୍ଟ ହ୍ରାସ ଘଟି ୭୪,୧୦୨ (୭୪,୧୦୨.୩୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୩୮ (୩୭.୬୦) ପଏଣ୍ଟ ବୃଦ୍ଧି ଘଟି ୨୨,୪୯୮ (୨୨,୪୯୭.୯୦) ଅଙ୍କରେ କାରବାର ଶେଷ ହୋଇଥିଲା।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କେଏଚ୍ଏସ୍ଏସ୍‌ର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ଭୁବନେଶ୍ୱର,୧୧।୩**

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କେଏଚ୍ଏସ୍ଏସ୍)ର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କିଟ୍‌ର ପ୍ରତିଷ୍ଠାତା ସଭ୍ୟ ତଥା ଅନୁଷ୍ଠାନର ସଭାପତି ଡ. ଚିତ୍ତରଞ୍ଜନ ମିଶ୍ରଙ୍କ ସମେତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପିଲାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏ ନେଇ ଡ. ମିଶ୍ର ପିଲାମାନଙ୍କୁ ଆଗକୁ କିପରି ଶୃଙ୍ଖଳିତ ଜୀବନ ଅତିବାହିତ ସହ ଉତ୍ତମ ଭବିଷ୍ୟତ ଗଠନକରି ହେବ। ଏପରିକି ରାଷ୍ଟ୍ର ଗଠନରେ ତୁମର ସମସ୍ତ ଶିକ୍ଷା ସହାୟକ ହେବ ତତ୍ ସହିତ କିଟ୍ ସବୁବେଳେ ତୁମମାନଙ୍କ ପଛରେ ରହିଛି ଓ ରହିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିଭଳି ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମଧ୍ୟ ଭିନ୍ନ ଭିନ୍ନ ମତ ରଖିବା ସହ ଛାତ୍ରୀଛାତ୍ରମାନେ ସେମାନଙ୍କର ୨ ବର୍ଷର ଅନୁଭୂତିକୁ ବଖାଣି ଭାବବିହ୍ୱଳ ହୋଇପଡିଥିଲେ। ପରିଶେଷରେ ଆଗାମୀ ଛାତ୍ରୀଛାତ୍ରୀଙ୍କ ପ୍ରେରଣାର ଉତ୍ସ ପାଲଟିଥିବା ଔରର(ଗବସଭ) ପରୀକ୍ଷାରେ ଶ୍ରେଷ୍ଠ ତାଲିକାରେ ସ୍ଥାନିତ ୧୧ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଟାଟା ପାୱାର ଓଡ଼ିଶା ଡିସ୍‌କମ୍‌ର ନୂତନ ଅଭିଯାନ

**ଭୁବନେଶ୍ୱର,୧୧।୩ (ଅଭୟ ଦାଶ)**

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ତଥା ଟାଟା ପାୱାର(ଟିପି) ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍ (ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍, ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍, ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ଏବଂ ଟିପି ନର୍ଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍)ର ନୂତନ ଅଭିଯାନ 'ନୂଆ ଆରମ୍ଭ'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ଏହି ଅଭିଯାନ ସ୍ୱତନ୍ତ୍ର ଭାବେ ମହିଳାମାନଙ୍କ ପାଇଁ ଆରମ୍ଭ ହୋଇଛି,ଯେଉଁମାନେ କ୍ୟାରିୟରରୁ ସାମାନ୍ୟ ଅବ୍ୟାହତି ନେଇଥିଲେ ଏବଂ ବର୍ତ୍ତମାନ କାର୍ଯ୍ୟକ୍ଷେତ୍ରରେ ପୁନର୍ବାର ପ୍ରବେଶ କରିବାକୁ ଚାହୁଁଛନ୍ତି। ଏହି ଅଭିଯାନ କମ୍ପାନୀର କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପାଇଁ ଏକ ସହାୟକ ଏବଂ ଅନ୍ତର୍ଭୁକ୍ତୀକରଣ ପରିବେଶ ସୃଷ୍ଟିକରିବା ପାଇଁ ରହିଥିବା ପ୍ରତିବଦ୍ଧତାର ଏକ ପ୍ରମାଣ ବୋଲି କୁହାଯାଉଛି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିପି ଓଡ଼ିଶା ଡିସ୍‌କମ୍‌ଗୁଡ଼ିକର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ନେଇ ଉଷା ପାଢ଼ୀ ମହିଳା କର୍ମଚାରୀଙ୍କ ପାଇଁ କାର୍ଯ୍ୟ ଏବଂ ଜୀବନ ମଧ୍ୟରେ ସନ୍ତୁଳନ ଅବଲମ୍ବନ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏପରିକି ସେ କାର୍ଯ୍ୟରେ ଯୋଗଦେଇଥିବା ନୂଆ ପ୍ରାର୍ଥିନୀମାନଙ୍କୁ ଦ୍ୱିତୀୟ କ୍ୟାରିୟର ଆରମ୍ଭ କରୁଥିବାରୁ ନିଜର ପ୍ରେରଣା ଏବଂ ଶୁଭେଚ୍ଛା ଜଣାଇଥିଲେ। ଉକ୍ତ ସମାରୋହରେ ଚୟନ କରାଯାଇଥିବା ପ୍ରାର୍ଥୀମାନଙ୍କୁ ଉଷା ପାଢ଼ୀ ସେମାନଙ୍କର ଯୋଗଦାନ କିଟ୍ ପ୍ରଦାନ କରିଥିଲେ। ଏପରିକି ସେମାନେ ଏକ ବିରତି ପରେ କାର୍ଯ୍ୟକ୍ଷେତ୍ରକୁ ଫେରିବାର ନିଜ ନିଜର ହୃଦୟସ୍ପର୍ଶୀ କାହାଣୀ ବାଣ୍ଟିଥିଲେ। ପାଢ଼ୀ ଟିପି ଓଡ଼ିଶା ଡିସ୍‌କମ୍‌ଗୁଡ଼ିକୁ ଏଭଳି ଏକ ଅନନ୍ୟ ଏବଂ ପ୍ରଶଂସନୀୟ ପଦକ୍ଷେପ ଆରମ୍ଭ କରିଥିବାରୁ ପ୍ରଶଂସା କରିଥିଲେ।


ଟାଟା ପାୱାରର ଓଡ଼ିଶା ଡିସ୍‌କମ୍‌ରେ ପୁନର୍ନିଯୁକ୍ତ ପାଇଥିବା ପ୍ରାର୍ଥିନୀଙ୍କ ସମେତ ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ୫ଜି ନେଟ୍‌ୱର୍କର ଗତି ୪ଜି ତୁଳନାରେ ପ୍ରାୟ ୯ ଗୁଣା ଅଧିକ

**ମୁମ୍ବାଇ,୧୧।୩**

ଦେଶର ୨ ପ୍ରମୁଖ ଘରୋଇ ଟେଲିକମ୍ ଅପରେଟର ରିଲାଏନ୍ସ ଏବଂ ଭାରତୀ ଏୟାରଟେଲ ମହାକୁମ୍ଭ (କୁମ୍ଭମେଳା)ରେ ସେବା ଯୋଗାଉଥିଲେ। ଏପରିକି ମହାକୁମ୍ଭ ମେଳାରେ ରିଲାଏନ୍ସ ଜିଓର ୫ଜି ନେଟ୍‌ୱର୍କ ଚମତ୍କାର ପ୍ରଦର୍ଶନ କରିଥିଲା ବୋଲି ଓକଲା ଦ୍ୱାରା ପ୍ରକାଶିତ ରିପୋର୍ଟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ ମହାକୁମ୍ଭ ମେଳାରେ ରିଲାଏନ୍ସ ଜିଓର ନେଟ୍‌ୱର୍କ ସ୍ପିଡ୍ କେବଳ ଯେ ସବୁଠାରୁ ଦ୍ରୁତ ଥିଲା ତାହା ନୁହେଁ, ଏହା ୫ଜି ନେଟ୍‌ୱର୍କ ଉପଲବ୍ଧତାରେ ପ୍ରତିଦ୍ୱନ୍ଦ୍ୱୀ ଭାରତୀ ଏୟାରଟେଲକୁ ମଧ୍ୟ ପଛରେ ପକାଇଦେଇଛି। ଚଳିତ ମହାକୁମ୍ଭରେ ୫ଜି ନେଟ୍‌ୱର୍କର ଗତି ୪ଜି ତୁଳନାରେ ପ୍ରାୟ ୯ଗୁଣା ଅଧିକ ଥିଲା ବୋଲି ଓକଲା ତା'ର ରିପୋର୍ଟରେ ଉଲ୍ଲେଖ କରିଛି। ସେହିଭଳି ୫ଜି ନେଟ୍‌ୱର୍କ କାର୍ଯ୍ୟଦକ୍ଷତାରେ ଜିଓ ହାରାହାରି ୨୦୧.୮୭ ଏମ୍‌ବିପିଏସ୍ ଡାଉନ୍‌ଲୋଡ୍ ସ୍ପିଡ୍ ସହ ସବୁଠାରୁ ଆଗରେ ରହିଥିବାବେଳେ ଏହା ପଛକୁ ଏୟାରଟେଲ ୧୬୫.୨୩ ଏମ୍‌ବିପିଏସ୍ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲା। ମହାକୁମ୍ଭ ସମୟରେ ରିଲାଏନ୍ସ ଜିଓର ୫ଜି ନେଟ୍‌ୱର୍କର ହାରାହାରି ଡାଉନଲୋଡ୍ ସ୍ପିଡ୍ ଏୟାରଟେଲ ଅପେକ୍ଷା ପ୍ରାୟ ୩୬ ଏମ୍‌ବିପିଏସ୍ ଅଧିକ ରହିଥିଲା। ଭାରତରେ କେବଳ ଜିଓ ଏବଂ ଏୟାରଟେଲ୍ ୫ଜି ସେବା ପ୍ରଦାନ କରିଥାନ୍ତି। ମେଳା ପରିସରରେ ଜିଓର ୫ଜି ନେଟ୍‌ୱର୍କର ଉପଲବ୍ଧତା ୮୯.୯% ଥିଲାବେଳେ ଏୟାରଟେଲର ଉପଲବ୍ଧତା ୪୨.୪% ଏବଂ ଏୟାରଟେଲର ତୁଳନାରେ ଜିଓର ଉପଲବ୍ଧତା ୨ଗୁଣରୁ ଅଧିକ ଥିଲା।

# Classified Everyday
**0674-2580101, 9692975378**

**ମନେ ପଡ଼ନ୍ତି**



**MATRIMONIAL**

**BRIDE WANTED**

ମନବୁଝା ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ୍ ବୟସ୍କ ବ୍ରାହ୍ମଣ ଉଚ୍ଚ ଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର। ସକାରାତ୍ମକ; ବେଳହୁଁ ପହଞ୍ଚ ସ୍ୱାଗତଯୋଗ୍ୟ। 9437593214. D-3223

Sundhi Boy 1996, 6', BA., Serving Accountant, only son. "SUNASANSAR". 9937512659. D-3227

ଭୁବନେଶ୍ୱରସ୍ଥିତ 2 ବର୍ଷର ପୁଅ ଥିବା ପରିବାର, **38** ବର୍ଷ ବିବାହିତ ପୁଅଙ୍କ ପାଇଁ ସୁନ୍ଦରୀ ଶିକ୍ଷିତ କନ୍ୟା ଆବଶ୍ୟକ । ଯୋଗାଯୋଗ: **9437307749, WHATSAPP-8917676959.** D-3213

Handsome Teli Boy, 32+ MBBS/Govt. Doctor. "SUHAG". 9938199964, 9090486408. D-3222

ଜ୍ୟୋତିଷ କନ୍ୟା ପାତ୍ରୀ ଆବଶ୍ୟକ। Age 19 to 40. Mobile-9237210331. D-3192

**GROOM WANTED**

ବିଧବା 41 ବୟସ୍କା Software Engineer ପିପିଲି ବାସିନ୍ଦା ନିଃସନ୍ତାନ ରାଜପୁତ ଜାତି ଝିଅଙ୍କୁ ପୁଅ ଦରକାର। 6370471610. D-3224

Forest departmentରେ ଚାକିରି, ବଡ଼ ଭଉଣୀଙ୍କ ସଙ୍ଗେ ରହୁଥିବା 51 ବୟସ୍କା ବିଧବା ବଙ୍ଗାଳୀ ଝିଅଙ୍କୁ ପୁଅ ଦରକାର। 7064113532. D-3268



**REAL ESTATE**

**SALE**

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125

Book a 3BHK duplex having land area 1500sqft. and construction 2000sqft. with 30feets road with gated community near Satya Sai Enclave, Kolthia, Khandagiri, Bhubaneswar, handover within 20months. Price-1.17Cr. 8093402755. D-76803



**CONSTRUCTION**

**Construct your dream home @950/-, 1500/- with branded materials we provide plan approval, Interior work, Borewell & Vastu complaints. Krishna Construction-9438315332.** D-3206

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-3219




Newly open Jyoti spa positively health benefits (Expert therapist). 8458067955. D-76200

Full body massage by Odia therapist in homely atmosphere. 9556498382. D-75364

Positively health benefited SPA by expert female therapist, Bapujinagar. 8018429809. D-76901

Positively health benifited spa by expert therapist. 8658088274. D-76903

All types hair cutting, body massage by smart lady room services available. Contact: 7077240328. D-71396

**LOST**

I, Raseda Begum have with declare that one of the chain RSD linked to my property 1: Khata No.- 179/744, Plot No.- 211/2398 area Ac 0.038 dec and Property 2: Khata No.- 179/743, Plot No.- 211/2480 area Ac-0.0052 dec below were being lost details of the same is (1) RSD No.- 10391212630, dated 18.12.2012 excuted by Mirajul Hussainy and Naveed Hussainy in favour of Md. Mustakim Raja. If any person found this, kindly inform me, in the following number Raseda Begum. Mob- 8328922676, 9438856909. D-3263

We, Dillip Kumar Nayak and Neelambar Nayak, S/o-Ullash Nayak, resident of Pipili-752104 lost Sale Deed document No.- 793/1995 on 07.02.2025 while travelling from Bharatipur to Pipili. If anyone find can contact:7008793929. D-3257

I, Damodar Sahoo, S/o-Arakhit Sahoo, resident of Begunia-752061 lost Sale Deed document No.- 1/2002 on 27.02.2025 while travelling from Kalapathar to Raj sunakhala. If anyone find can contact:8917688764. D-3258

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

ଘୋଷଣାନାମା- ଏହିକି ଯେ ମୁଁ ଶ୍ରୀ ପ୍ରତାପ କୁମାର ଭଞ୍ଜ, ବୟସ ୩୪ ବର୍ଷ, କାକୁଡ଼ିକୋଶାଙ୍ଗ, ଥାନା- ପିପିଲି, ଜି- ପୁରୀ, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍, ପିପିଲିଙ୍କ ଇଜିଲାସରେ ତା।୦୫।୦୩।୨୦୨୫ରି ଖେ ସତ୍ୟାପନ ନଂ.- 72AA 183794ରେ କରିଥିବା ସତ୍ୟପାଠ ଅନୁଯାୟୀ ଜଣାଉଅଛି କି ଆମ୍ଭର ଆଇ ୰ଲାବଣ୍ୟ ଭଞ୍ଜ, ସ୍ୱା- ୰ରାମଚନ୍ଦ୍ର ଭଞ୍ଜ, ଗ୍ରାମ- କାକୁଡ଼ିକୋଶାଙ୍ଗ, ଥାନା- ପିପିଲିଙ୍କ ଇଚ୍ଛାରେ ତାଙ୍କ ଅଂଶରେ ପ୍ରତାପ ଭଞ୍ଜ ନାମରେ ପୋଷ୍ୟପୁତ୍ର ହୋଇ ସମସ୍ତ ସମ୍ପତ୍ତି ଭୋଗ ଦଖଲ କରିବାକୁ ଯାଉଅଛି। କାହାର କିଛି ଆପତ୍ତି ଥିଲେ ୭ଦିନ ମଧ୍ୟରେ ଜଣାଇବେ।
ସ୍ୱା.- ପ୍ରତାପ କୁମାର ଭଞ୍ଜ, କାକୁଡ଼ିକୋଶାଙ୍ଗ, ପିପିଲି
ଧ-୩୨୭୦

By virtue of an affidavit sworn before Executive Magistrate, Udala, Mayurbhanj, No.-818, dated 03.03.2025, I, Ajay Mallik, Address: At-Talia, P.O.-Nudadiha, P.S.-Kaptipada, Dist.- Mayurbhanj, Odisha-757077 declare that I have changed my daughter's name from Rupali Mallik to Sonali Mallik. Henceforth, she shall be known as Sonali Mallik for all purposes .
Ajay Mallik
D-3256

By virtue of an affidavit in the Court of the Executive Magistrate, Talcher on 10.03.2025, I, Mamita Bisai has changed my name from Mamata Bisoyi to Mamita Bisai. Henceforth, I shall be known as Mamita Bisai instead of Mamata Bisoyi for all my future purposes.
Sd./- Mamita Bisai
D-3255

I, Pragyandipta Panda, S/o- Pradipta Kumar Panda, resident of Plot No.- 551, infront of Reliance Fresh, Sahid Nagar, Bhubaneswar, PIN- 751007, Odisha declare by this affidavit No.- 86/2025, dtd. 10.3.25 that now onwards I shall be known as **PRAGYANA DIPTA PANDA** for all future purposes. D-75839

By virtue of an affidavit sworn before the Executive Magistrate, BALIAPAL, on dated 10th March 2025, I, Mrs. SABITRI BISWAL, Address: AT-MADHUPURA, P.O.-PANCHARUKHI, P.S.- BALIAPAL, DIST.- BALASORE, PIN- 756026, Odisha, have changed my name from "SABITRI GIRI" to "SABITRI BISWAL". Henceforth, I shall be known as "SABITRI BISWAL" for all purposes. D-3261

"By virtue of an affidavit sworn before Executive Magistrate, Bhubaneswar, dated 23.03.24, I, Subhashree Barik, Address: Plot No.- 2251/52, Bhotapada, R.E.C. Road, Near Signature Arcade, Mancheswar, Bhubaneswar- 751017 have changed my daughter's name from "Sreedhesha Muduli" to "Shreedisha Barik". Henceforth, she shall be known as Shreedisha Barik for all purposes." D-3262

By virtue of an affidavit sworn before the Executive Magistrate, Nimapara on dated 12.02.2025 that Nazma Begum, At- Sagada Deuli, P.S.- Nimapara, Dist.- Puri, Odisha, PIN-752114. Aadhaar No.- xxxx xxxx 7905 declare that I have changed my name from Nazma Begum to New name Suhana Begum. Henceforth, she shall be known as Suhana Begum for all purpose. D-3266

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Jajpur, dated 05.03.25, I, Susanta Kumar Jena, Address: At-Badanapanga, P.O.- Bankamunha, Via- Debidwar, P.S.- Bhandaripokhari, Dist.- Bhadrak, PIN- 755007 declare that I have changed my son's name from Sai Prasad Jena to Sai Sriyanshu Jena. Henceforth, he shall be known as Sai Sriyanshu Jena for all purposes.
Susanta Kumar Jena
D-76428

By virtue of an affidavit sworn before Executive Magistrate, Bhadrak, I, Mangaraj Behera (41 yrs), S/o- Jatindra Behera, Vill/P.O.- Andheipalli, P.S.- Bhadrak (R), Dist.- Bhadrak declare that I have changed my name in my LIC Policy bearing No.- 587954668 from Satrughan Behera to Mangaraj Behera. Henceforth, Mangaraj Behera and Satrughan Behera same and one person. D-3269

Affidavit No.-184, dt-10.03.2025 before Executive Magistrate, khurda, my name has changed from Tanmaya Kumar Mahapatra to Tanmaya Kumar Patra. Henceforth, I shall be known as Tanmaya Kumar Patra, D/o-Manoj Kumar Patra, At-Jhadeswarpur, P.O.-Haladia, Dist.-Cuttack for all purpose. D-3271

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ଏକାଦଶାହ ଉପଲକ୍ଷେ**



**୰ଶିରିଶ ସାମଲ (ସାରି)**

ବୋଉ, ଜେଜମା, ପତ୍ନୀ, ଭଉଣୀ ଏମିତି କେତେ ରୂପରେ ତୁ ଏଇ ପରିବାରକୁ ସ୍ନେହ, ଶ୍ରଦ୍ଧା ଅଜାଡ଼ି ଦେଇ ବାନ୍ଧି ରଖିଥିଲୁ। ଏଇ ବନ୍ଧନର ଡୋରକୁ ଛିଣ୍ଡାଇ ଆମକୁ ଅନାଥ କରି ଦେଇଗଲୁ। ତୋ ସ୍ନେହମମତା ଆଉ ମାର୍ଗଦର୍ଶନର ଅପୂରଣୀୟ ଶୂନ୍ୟସ୍ଥାନ ଆମକୁ ସାରା ଜୀବନ ଆନ୍ଦୋଳିତ କରିବ। ତୋ ଆତ୍ମାର ସଦ୍‌ଗତି ତଥା ତୋର ଶୁଭାଶୀର୍ବାଦ ହିଁ କେବଳ ଏକମାତ୍ର କାମ୍ୟ ।

ଶୋକସନ୍ତପ୍ତ- ପୁଅ ହାରାଚାନ୍ଦା ସାମଲ ଓ ବୋହୂ ସରସ୍ୱତୀ, ହୃଷୀକେଶ ସାମଲ (ସ୍ୱାମୀ), ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ, ପୁତୁରା, ଝିଆରୀ, ପୁତୁରାବୋହୂ, ବନ୍ଧୁ ଓ ପରିବାରବର୍ଗ ।
ଧ-୩୨୬୭

**ଦଶମ ଶ୍ରାଦ୍ଧବାର୍ଷିକୀ**



**୰ ଡଃ ନାରାୟଣ ଦାଶ**

ବାଲିଘାଟ, ତୀର୍ଥ ନିବାସ, ପୁରୀ
ଆବିର୍ଭାବ : ୦୧.୦୨.୧୯୪୮
ତିରୋଧାନ : ୧୨.୦୩.୨୦୧୫

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଉପଦେଶ ଓ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ଏହା ହିଁ ଆମ୍ଭର ବିନମ୍ର ପ୍ରାର୍ଥନା।

**ଆପଣଙ୍କ ହତଭାଗିନୀ ସ୍ତ୍ରୀ ବୀଣାପାଣି ଦାଶ ଓ ପରିବାର ବର୍ଗ**
ଧ-୭୫୮୩୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ପଦ୍ମନାଭ ସାହୁ**

ଅରବିନ୍ଦନଗର, ପଣ୍ଡା କ୍ଲିନିକ୍ ନିକଟ, ନୟାଗଡ଼
ଆବିର୍ଭାବ : ୦୨.୧୦.୧୯୪୪
ତିରୋଧାନ: ୦୨.୦୩.୨୦୨୫

ଆପଣଙ୍କ ବିୟୋଗରେ ଆମେ ଅତ୍ୟନ୍ତ ମ୍ରିୟମାଣ । ଆପଣଙ୍କ ଆତ୍ମା ଚିରଶାନ୍ତି ଲାଭକରୁ ଏହାହିଁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।

**ଶୋକସନ୍ତପ୍ତ :**
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୭୫୮୪୦



## ସବୁଜ ଗୋଖାଦ୍ୟ ଫସଲ

**ବ**ର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

### ଚାଷୀଙ୍କ ପାଇଁ



- ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡ଼ି ଓ ଡଙ୍ଗରରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ଜଳସେଚନ କରନ୍ତୁ।
- ଗୋରୁଙ୍କ ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍ଏମ୍‌ଡି ଭାକ୍ସିନ୍ ଓ ଛେଳିଙ୍କ ପିପିଆର୍ ରୋଗ ଲାଗି ପିପିଆର୍ ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।
- କୁକୁଡ଼ାଙ୍କର ନାଲିଝାଡ଼ା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ।
- କୁକୁଡ଼ାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

-ବନରାଜ ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରିପାରନ୍ତି।

# ଫସଲ ଉତ୍ପାଦନରେ ବୋରନ୍‌ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

**କୌ**ଣସି ଫସଲର ଶତପ୍ରତିଶତ ଅମଳ ପାଇବାକୁ ହେଲେ ୧୭ଗୋଟି ଖାଦ୍ୟ ଉପାଦାନ ମାଟିରେ ସୁଷମ ପରିମାଣରେ ରହିବା ଆବଶ୍ୟକ । ଉକ୍ତ ୧୭ ଗୋଟି ଖାଦ୍ୟ ଉପାଦାନ ମଧ୍ୟରୁ ବୋରନ୍ ବା ଟାଙ୍ଗଣା ଅନ୍ୟତମ । ବୋରନ୍ ଫସଲ ପାଇଁ ଏକ ଅଣୁଖାଦ୍ୟ ଉପାଦାନ । ମାଟିରେ ୧୬ ଗୋଟି ଖାଦ୍ୟ ଉପାଦାନ ଥାଇ ଯଦି ବୋରନ୍ ମାଟିରେ ଠିକ୍ ପରିମାଣରେ ନ ଥାଏ ତେବେ ଫସଲ ଅମଳରେ ବାଧା ଆସିବ । କାରଣ ବୋରନ ଅଭାବରେ ଫସଲ ତା'ର ଜୀବନ ଚକ୍ର ପରିପୂର୍ଣ୍ଣ କରିପାରିବ ନାହିଁ।

ବୋରନ୍ ଉଦ୍ଭିଦର ନିର୍ଦ୍ଦିଷ୍ଟ କେତେକ ଏନ୍‌ଜାଇମିକୁ ଠିକ୍ ରୂପେ କାର୍ଯ୍ୟକାରି କରି ଅନେକ ଯୌଗିକ ଜୈବ ପଦାର୍ଥ ପ୍ରସ୍ତୁତକରେ, ଯାହାକି ଫସଲ ଅଭିବୃଦ୍ଧିରେ ବିଶେଷ ସହାୟକ ହୁଏ । ଗଛରେ ପ୍ରସ୍ତୁତ ହେଉଥିବା ସରଳ ଶ୍ୱେତସାର ଖାଦ୍ୟକୁ ବୋରନ୍ ଫସଲର ଝିଲ୍ଲି ମଧ୍ୟ ଦେଇ ତା'ର ବିଭିନ୍ନ ଶାଖା ପ୍ରଶାଖାକୁ ପଠାଇବା ସହ ଜଟିଳ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତିରେ ସାହାଯ୍ୟ କରିଥାଏ। ଗଛର କୋଷର ବିଭାଜନରେ ବୋରନ୍ ସାହାଯ୍ୟ କରି ଫସଲର ଅଭିବୃଦ୍ଧି ଘଟାଏ । ବୋରନ୍ ମାଟିରୁ କ୍ୟାଲ୍‌ସିୟମ ଗ୍ରହଣ କରି ଫସଲର ପୋଟାସିୟମ୍ ଏବଂ କ୍ୟାଲ୍‌ସିୟମର ଅନୁପାତକୁ ସୁଦୃଢ଼ କରି ଝିଲ୍ଲି ପ୍ରସ୍ତୁତିରେ ସାହାଯ୍ୟ କରେ । ବୋରନ୍ ଫୁଲର ପରାଗ ନଳୀ, ପରାଗ ପେଟିକା, ପରାଗ ରେଣୁ ଗଠନକୁ ସୁଦୃଢ଼କରି ପରାଗ ସଙ୍ଗମରେ ସାହାଯ୍ୟ କରେ,ଯଦ୍ୱାରା ହୃଷ୍ଟପୁଷ୍ଟ ମଞ୍ଜି ସୃଷ୍ଟି ହୁଏ ।ବୋରନ୍ ଅଣୁଖାଦ୍ୟ ଉପାଦାନ ଅଭାବରେ ଗଛର ମୁକୁଳ ବଢ଼ିପାରେ ନାହିଁ । ଗଛର ନୂଆପତ୍ର ସାଧାରଣ ଗଠନଠାରୁ ମୋଟା ହୁଏ । ଗଛର କାଣ୍ଡ ମୋଟା ହୋଇ ଫାଟିଯାଏ । ଶସ୍ୟଜାତୀୟ ଫସଲର ସାଧାରଣ ଗଠନର ପରିବର୍ତ୍ତନ ଘଟେ । ଫସଲର ଫୁଲ ଆସିବାରେ ବାଧା ଆସେ। ପରାଗ ସଙ୍ଗମ ହୋଇ ନ ପାରି ଫୁଲ ଝଡ଼ିପଡ଼େ । କେତେକ ସ୍ଥଳରେ ଅପରିପକ୍ୱ ଫଳ ଆସେ । ଫଳରେ ମଞ୍ଜି ସୃଷ୍ଟି ହୁଏ ନାହିଁ। ଶ୍ୱେତସାର ଜାତୀୟ ଫସଲର କାଣ୍ଡ ଫୁଲି ନ ପାରି ଫାଟିଯାଏ। ଧାନ ଫସଲର ଅଗାଡ଼ି ସଂଖ୍ୟା ଅଧିକ ହୁଏ । ମକାରେ ମଞ୍ଜି ହୋଇପାରେ ନାହିଁ। ଫୁଲକୋବି ଧଳା ନ ହୋଇ ବାଦାମୀ ରଙ୍ଗର ହୁଏ ଏବଂ କାଣ୍ଡ ଫମ୍ପାହୋଇ ଭିତର ଅଂଶ କଳାପଡ଼େ । ମୂଳା, ଗାଜର, ବିଟ୍ ଏବଂ ଆଳୁ ବଢ଼ି ନ ପାରି ଫାଟେ । ଆଳୁକୁ କାଟିଲେ ଭିତର ଅଂଶ ବାଦାମୀ ରଙ୍ଗ ହୁଏ । ଆଳୁ ଗଛର କାଣ୍ଡ ଛୋଟ ହୁଏ ଏବଂ ଗୋଛାଳିଆ ହୋଇ ବଢ଼େ । ସୂର୍ଯ୍ୟମୁଖୀର କାଣ୍ଡ ଫାଟେ, ଫୁଲ ଛୋଟ ହୁଏ ଏବଂ ଡେମ୍ଫରୁ ଭାଙ୍ଗିଯାଏ। ଚିନାବାଦାମର ଶସ୍ୟ ଛୋଟ ହୁଏ ଏବଂ ଭିତର ଅଂଶ କଳା ପଡ଼େ । କପାଗଛର କାଣ୍ଡର ପବ ଛୋଟ ହୁଏ ଏବଂ ଫଳ ଛୋଟ ହୋଇ ଝଡ଼ିପଡେ । ବିଲାତି ବାଇଗଣର ପତ୍ର ସବୁଜ ନ ହୋଇ କମଳା ରଙ୍ଗର ହୁଏ । ଲେମ୍ବୁଗଛର ନୂଆ ମୁକୁଳ ବଢ଼ି ନ ପାରି ମରିଯାଏ । ଲେମ୍ବୁ ଛୋଟ ଏବଂ ଟାଣ ହୁଏ । ନଡ଼ିଆ ଗୋଟମା ଅପରିପକ୍ୱ ଅବସ୍ଥାରେ ଝଡ଼ି ପଡ଼େ । ପଇଡ଼ ଭିତରେ ପାଣି ଏବଂ ଶସ ହୋଇ ନ ପାରି ଫମ୍ପା ହୁଏ। ଶସ୍ୟ ହେଲେ କଳାରଙ୍ଗ ହୁଏ।

> ''ବୋରନ୍ ଅଣୁଖାଦ୍ୟ ଉପାଦାନ ଅଭାବରେ ଗଛର ମୁକୁଳ ବଢ଼ିପାରେ ନାହିଁ। ଗଛର ନୂଆପତ୍ର ସାଧାରଣ ଗଠନଠାରୁ ମୋଟା ହୁଏ । ଗଛର କାଣ୍ଡ ମୋଟା ହୋଇ ଫାଟିଯାଏ । ଶସ୍ୟଜାତୀୟ ଫସଲର ସାଧାରଣ ଗଠନର ପରିବର୍ତ୍ତନ ଘଟେ । ଫସଲର ଫୁଲ ଆସିବାରେ ବାଧା ଆସେ । ପରାଗ ସଙ୍ଗମ ହୋଇ ନ ପାରି ଫୁଲ ଝଡ଼ିପଡ଼େ । କେତେକ ସ୍ଥଳରେ ଅପରିପକ୍ୱ ଫଳ ଆସେ । ଫଳରେ ମଞ୍ଜି ସୃଷ୍ଟି ହୁଏ ନାହିଁ । ଶ୍ୱେତସାର ଜାତୀୟ ଫସଲର କାଣ୍ଡ ଫୁଲି ନ ପାରି ଫାଟିଯାଏ । ଧାନ ଫସଲର ଅଗାଡ଼ି ସଂଖ୍ୟା ଅଧିକ ହୁଏ ।''



ବାଲିଆ, ଦୋରସା ବାଲିଆ ଏବଂ ବାଲିଆ ଦୋରସା ମାଟିରେ ବୋରନ୍ ବାନ୍ଧିହୋଇ ନ ପାରି ବର୍ଷାଜଳ ଦ୍ୱାରା ଧୋଇହୋଇ ନଷ୍ଟ ହୁଏ । ଅଧିକ ଥର ଜଳସେଚନ ଦ୍ୱାରା ବୋରନ୍ ମାଟିରୁ ଧୋଇ ନଷ୍ଟହୁଏ । ମାଟି ପରୀକ୍ଷାରୁ ବୋରନ୍ ପରିମାଣ ହେକ୍ଟର ପ୍ରତି ୧.୦ କିଲୋ ଗ୍ରାମରୁ କମ୍ ହେଲେ ମାଟିରେ ବୋରନ୍‌ର ଅଭାବ ଥାଏ । ଓଡ଼ିଶାର ବିଭିନ୍ନ ଜିଲାର ମାଟି ପରୀକ୍ଷାରୁ ରାଜ୍ୟର ସମୁଦାୟ ଚାଷଜମିର କ୍ଷେତ୍ରଫଳର ଶତକଡ଼ା ୫୮ଭାଗ ମାଟିରେ ବୋରନ୍ ଅଭାବ ରହିଛି ବୋଲି ଜଣାପଡିଛି। ସେଥିମଧ୍ୟରୁ କୋରାପୁଟ ଜିଲାରେ ସବୁଠାରୁ ଅଧିକ ଅର୍ଥାତ୍ ୮୯ ଶତକଡ଼ା ଜମିରେ ବୋରନ୍ ଅଭାବ ରହିଛି । ବୌଦ୍ଧ ଏବଂ ଗଞ୍ଜାମ ଜିଲାର ଯଥାକ୍ରମେ ୮୧ ଏବଂ ୮୦ ଶତକଡ଼ା ଜମିରେ ବୋରନ୍ ଅଭାବ ଅଛି । ବଲାଙ୍ଗୀର, ବରଗଡ଼ ଏବଂ ଯାଜପୁର ଜିଲାର ଯଥାକ୍ରମେ ୭୨,୬୬ ଏବଂ ୬୫ ଶତକଡ଼ା ଜମିର ବୋରନ୍ ଅଭାବ ରହିଛି। ଅନ୍ୟାନ୍ୟ ଜିଲାରେ ଶତକଡ଼ା ୨୦ ରୁ ୫୧ ଭାଗ ଜମିରେ ବୋରନ୍ ଅଭାବ ଥିବା ପରୀକ୍ଷାରୁ ଜଣା ପଡ଼ିଛି ।

ବୋରନ୍ ଅଭାବ ଥିବା ମାଟିରେ ବୋରନ୍ ସାର ଫସଲରେ ପ୍ରୟୋଗ କରାଯାଏ । ବଜାରରେ ବିକ୍ରି ହେଉଥିବା ବୋରନ୍ ସାର ମଧ୍ୟରେ ବୋରାକ୍ସ, ବୋରିକ୍ ଏସିଡ୍, ସଲ୍ୟୁବୋର, ବୋରନେଟେଡ୍ ଏସ୍ଏସ୍‌ପି ଏବଂ ବୋରନେଟେଡ୍ ଜିପ୍‌ସମ୍ ମୁଖ୍ୟ । ବୋରାକ୍ସ ଦୁଇଟି ଗ୍ରେଡ୍‌ର ଯଥା ଶତକଡ଼ା ୧୧ ଏବଂ ଶତକଡ଼ା ୧୫ ମିଳେ । ବୋରିକ୍ ଏସିଡ୍‌ରେ ଶତକଡ଼ା ୧୭.୫ ଏବଂ ସଲ୍ୟୁବୋରରେ ଶତକଡ଼ା ୨୦.୫ ଭାଗ ବୋରନ୍ ଥାଏ । ବୋରନେଟେଡ୍ ଜିପ୍‌ସମ୍‌ରେ ଶତକଡ଼ା ୧.୫ ରୁ ୩.୦ ଭାଗ ଏବଂ ବୋରନେଟେଡ୍ ଏସ୍ଏସ୍‌ପିରେ ସବୁଠାରୁ କମ୍ ଅର୍ଥାତ୍ ଶତକଡ଼ା ୦.୧୮ ଭାଗ ବୋରନ୍ ଥାଏ । ଆମ ରାଜ୍ୟରେ କୃଷି ବିଭାଗ ଦ୍ୱାରା ଶତକଡ଼ା ୧୧ ଭାଗ ବୋରନ୍ ଥିବା ବୋରାକ୍ସକୁ ଅନୁମୋଦନ କରାଯାଉଛି ।

ବୋରାକ୍ସକୁ ସିଧାସଳଖ ମାଟିରେ କିମ୍ବା ପତ୍ରଛିଞ୍ଚା ଭାବେ ପ୍ରୟୋଗ କରାଯାଇପାରେ। ମାଟିରେ ପ୍ରୟୋଗ ପାଇଁ ବୋରାକ୍ସ ହେକ୍ଟର ପିଛା ୧୦ କି.ଗ୍ରା. ଆବଶ୍ୟକ ହୁଏ । ମଞ୍ଜି ବୁଣା କିମ୍ବା ଚାରା ରୁଆ ସମୟରେ ବୋରାକ୍ସକୁ ଧାଡ଼ିରେ ପ୍ରୟୋଗ କରାଯାଏ । ଫସଲ ପାଇଁ ଅନୁମୋଦିତ ସିଙ୍ଗଲ ସୁପର ଫସ୍‌ପେଟ୍ ସହ ବୋରାକ୍ସକୁ ମିଶାଇ ଧାଡ଼ିରେ ପ୍ରୟୋଗ କରାଯାଇପାରେ । ସିଙ୍ଗଲ ସୁପର ଫସ୍‌ପେଟ୍ ପ୍ରୟୋଗ ହୋଇ ନ ଥିଲେ, ଅନୁମୋଦିତ ବୋରାକ୍ସର ୪ ରୁ ୫ ଗୁଣ ଗୁଣ୍ଡଖତ କିମ୍ବା ବାଲି ମିଶାଇ ପ୍ରୟୋଗ କରାଯାଇପାରେ। ଠିଆ ଫସଲରେ ବୋରନ୍ ଅଭାବଜନିତ ଲକ୍ଷଣ ଦେଖାଦେଲେ ବୋରାକ୍ସକୁ ପତ୍ରଛିଞ୍ଚା କରାଯାଇପାରେ । ଏଥିପାଇଁ ଶତକଡ଼ା ୦.୩ଭାଗ ବୋରାକ୍ସ ଅର୍ଥାତ୍ ୧୦ଲିଟର ପାଣିରେ ୩୦ ଗ୍ରାମ ଦ୍ରବଣ ପ୍ରସ୍ତୁତକରି ୧୦ ଦିନ ବ୍ୟବଧାନରେ ୩ ଥର ପତ୍ରଛିଞ୍ଚା କରାଗଲେ ଫସଲରୁ ବୋରନ୍‌ର ଅଭାବ ଦୂର ହୁଏ । ବୋରାକ୍ସ ମାଟିରୁ ବର୍ଷା କିମ୍ବା ଜଳସେଚନ ଦ୍ୱାରା ଶୀଘ୍ର ଧୋଇ ନଷ୍ଟ ହୁଏ । ତେଣୁ ପ୍ରତ୍ୟେକ ଫସଲ ଅମଳ ପରେ ମାଟି ପରୀକ୍ଷାକରି ବୋରନ୍‌ର ସ୍ଥିତି ଜାଣିବା ଉଚିତ । ମାଟି ପରୀକ୍ଷା ହୋଇ ନ ପାରିଲେ ଠିଆ ଫସଲର ବୋରନ୍ ଅଭାବ ଜନିତ ଲକ୍ଷଣ ଜାଣି ବୋରାକ୍ସ ପତ୍ରଛିଞ୍ଚା କରିବା ଉଚିତ । ବରଗଡ଼ ଜିଲାରେ ଅଧିକ ଅମଳକ୍ଷମ ଧାନରେ ବୋରାକ୍ସ ପ୍ରୟୋଗ କରାଯାଇ ୧୫ରୁ ୨୦ ଶତକଡ଼ା ଅଧିକ ଅମଳ ମିଳିବାର ପ୍ରମାଣ ମିଳିଛି । ସେହିପରି ରବି ପନିପରିବାରେ ବୋରାକ୍ସ ପ୍ରୟୋଗ କରାଯାଇ ୨୫ରୁ ୩୦ ଶତକଡ଼ା ଅଧିକ ମିଳିଛି ।

-ଶୈଳଶ୍ରୀବିହାର, ୭ମ ପର୍ଯ୍ୟାୟ,
ଭୁବନେଶ୍ୱର
ମୋ- ୯୫୫୬୨୬୬୦୮୫

## ରଜନୀଗନ୍ଧା ୩୦ ଦିନର ହୋଇଥିଲେ...

**ଆ**ଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ରଜନୀଗନ୍ଧା ନ ଲଗାଇଥିଲେ ଏହା ମେ' ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ,ଶ୍ରୀଙ୍ଗାର,କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୭୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର) ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ। କନ୍ଦାଗୁଡ଼ିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ ଡିଗ୍ରୀ ସେଲସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

# ଅଣଧାନ ଫସଲ ଚାଷ



**ଧା**ନ ବଦଳରେ ଅଣଧାନ ଫସଲ ଯଥା ମକା-ବରଗୁଡ଼ି,ହରଡ଼,ବିରି,ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃ ଫସଲ ଚାଷ କରନ୍ତୁ। ଡିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃ ଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହି ପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

# ଅଧିକ ଅମଳକ୍ଷମ ହଳଦୀ କିସମ



**ରୋ**ମା,ସୁରମା,ରଙ୍ଗ,ରଶ୍ମି ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମି ପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର । ହଳଦୀ ଖଣ୍ଡଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆକୁ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷକରି ୧ମିଟର ଓସାର ,୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମି.ଲି. ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା. ହଳଦୀକୁ ବିଶୋଧନକରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର୍ ଓ ପଟାଳିରେ ୧୦ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ ,୧୨କି.ଗ୍ରା. ଫସ୍‌ଫରସ୍,୩୬ କି.ଗ୍ରା. ପଟାସ ୩ ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।

National Programme for Control of Blindness
DSPL - 420
ଓଡ଼ିଶା ଶାସନ

## ବିଶ୍ୱ ଗ୍ଲୁକମା (କଳାମୋତିଆ) ସପ୍ତାହ

(୯-୧୫ ମାର୍ଚ୍ଚ ୨୦୨୫)

ଗ୍ଲୁକମା (କଳାମୋତିଆ)ର ନିୟନ୍ତ୍ରଣ ଓ ପ୍ରତିରୋଧ ସମ୍ପର୍କିତ ସଚେତନତା ପାଇଁ ପ୍ରତି ବର୍ଷ ମାର୍ଚ୍ଚ ୨ୟ ସପ୍ତାହରେ **"ବିଶ୍ୱ ଗ୍ଲୁକମା ସପ୍ତାହ"** ପାଳନ କରାଯାଉଅଛି। ଉପଯୁକ୍ତ ସଚେତନତା ଓ ଡ଼ାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ।

**ଗ୍ଲୁକମା ମୁକ୍ତ ବିଶ୍ୱ ପାଇଁ ଏକାଠି ହେବା**

**ଗ୍ଲୁକମାର କାରଣ**




**ଆପଣ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ, ଯଦି ଏହି ସବୁ ସମସ୍ୟା ଥାଏ**

- ପରିବାରରେ ଯଦି କାହାର କଳା ମୋତିଆ ଥାଏ
- ଅସହ୍ୟ ମୁଣ୍ଡବ୍ୟଥା ଏବଂ ଆଖିରେ ଯନ୍ତ୍ରଣା
- ଚଷମା କାଚର ବାରମ୍ବାର ପାୱାର ବଦଳିବା
- ଲାଇଟ୍ ଚାରିପାଖେ ରଙ୍ଗିନ୍ ବୃତ୍ତ ଦେଖାଯିବା
- ହଠାତ୍ ଆଖି ଲାଲ୍ ପଡି କିଛି ଦେଖାନଯିବା
- ଦୃଷ୍ଟିର ପରିସୀମା ସୀମିତ ହୋଇଯିବା

**ସଅଳ ଚିହ୍ନଟ ସଠିକ୍ ଚିକିତ୍ସା କରିବା କଳାମୋତିଆକୁ ଦୂରେଇ ଦେବା**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା
National Health Mission
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10003/13/0131/2425

# ଡବ୍ଲ୍ୟୁଏଫ୍ଆଇ ଉପରୁ ବାସନ୍ଦ ହଟିଲା

## ଏନ୍ଏସ୍ଏଫ୍ ମାନ୍ୟତା ଫେରିଲା

**ନୂଆଦିଲ୍ଲୀ,୧୧ା୩(ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ଉପରୁ କ୍ରୀଡ଼ା ମନ୍ତ୍ରଣାଳୟ ମଙ୍ଗଳବାର ବାସନ୍ଦାଦେଶ ହଟାଇ ଦେଇଛି। ଏଥିଯୋଗୁ ଦେଶରେ କୁସ୍ତିକୁ ନେଇ ଗତ ୧୫ ମାସ ହେଲା ଦେଖାଦେଇଥିବା ଅନିଶ୍ଚିତତାର ଅନ୍ତ ଘଟିଛି। ଫଳରେ ଅମ୍ମାନଠାରେ ହେବାକୁ ଥିବା ଆଗାମୀ ଏସିଆନ ଚାମ୍ପିୟନଶିପ ଲାଗି ସିଲେକ୍ସନ ଟ୍ରାଏଲ୍ସ ଆୟୋଜନ ହେବାର ବାଟ ଫିଟିଛି।

ପରିଚାଳନାଗତ ତ୍ରୁଟି ଲାଗି ଡବ୍ଲ୍ୟୁଏଫ୍ଆଇର ନବ ନିର୍ବାଚିତ କାର୍ଯ୍ୟକାରୀ ପରିଷଦକୁ ୨୦୨୩ ଡିସେମ୍ବର ୨୭ତାରିଖରେ ମନ୍ତ୍ରଣାଳୟ ପକ୍ଷରୁ ବାସନ୍ଦ କରାଯାଇଥିଲା। ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶରେ କୁହାଯାଇଛି, ଡବ୍ଲ୍ୟୁଏଫ୍ଆଇ ତା'ର ତ୍ରୁଟି ସୁଧାରିବା ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଛି। ଏଣୁ କ୍ରୀଡ଼ା ଓ ଆଥ୍ଲେଟଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମନ୍ତ୍ରଣାଳୟ ବାସନ୍ଦାଦେଶ ଉଠାଇବାକୁ ନିଷ୍ପତ୍ତି ନେଇଛି। ଡବ୍ଲ୍ୟୁଏଫ୍ଆଇ ଏବେ ବି ପୂର୍ବତନ ସଭାପତି ବ୍ରିଜ ଭୂଷଣ ଶରନ ସିଂଙ୍କ ଘରୁ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଥିଲା। ଏଥିଯୋଗୁ ମନ୍ତ୍ରଣାଳୟ ପକ୍ଷରୁ ଏକ ଭେରିଫିକେଶନ କମିଟି ଗଠନ କରାଯାଇଥିଲା। ଏହି କମିଟିର ତଦନ୍ତ ପରେ ଫେଡେରେଶନର କାର୍ଯ୍ୟାଳୟ ନୂଆଦିଲ୍ଲୀରେ ଇଷ୍ଟ ବିନୋଦ ନଗରକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଥିଲା। ଫେଡେରେଶନ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଏବଂ କାର୍ଯ୍ୟକାରୀ ପରିଷଦର ଅନୁପସ୍ଥିତି ୨୦୨୬ ଏସିଆନ ଗେମ୍ସ ଓ ୨୦୨୮ ଅଲିମ୍ପିକ ଗେମ୍ସରେ ଭାରତୀୟ କୁସ୍ତି ଯୋଦ୍ଧାଙ୍କ ପଦକ ସମ୍ଭାବନା ପ୍ରଭାବିତ ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଛି। ତେବେ ମନ୍ତ୍ରଣାଳୟ ପକ୍ଷରୁ ଡବ୍ଲ୍ୟୁଏଫ୍ଆଇକୁ କିଛି ନିର୍ଦ୍ଦିଷ୍ଟ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫେଡେରେଶନକୁ ନିର୍ବାଚିତ କର୍ମକର୍ତ୍ତାଙ୍କ ମଧ୍ୟରେ ଶକ୍ତିର ସନ୍ତୁଳନ ନିଶ୍ଚିତ କରିବାକୁ ପଡ଼ିବ ଏବଂ କାର୍ଯ୍ୟକାରୀ ପରିଷଦକୁ ନିଲମ୍ବିତ ଅଧିକାରୀଙ୍କଠାରୁ ଦୂରେଇବା ଦରକାର। ଏ ସମ୍ପର୍କରେ କାର୍ଯ୍ୟକାରୀ ପରିଷଦକୁ ୪ ସପ୍ତାହ ମଧ୍ୟରେ ଅଣ୍ଡରଟେକିଂ ଦେବାକୁ ପଡ଼ିବ। ଅଣ୍ଡରଟେକିଂର ଉଲ୍ଲଂଘନ କଲେ ଉଚିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ସ୍ପୋର୍ଟ୍ସ କୋଡ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହିତ ସମସ୍ତ ଅନ୍ତର୍ଜାତୀୟ ଇଭେଣ୍ଟ ଲାଗି ସମସ୍ତ ଚୟନ ପ୍ରକ୍ରିୟା ବେଳେ ସ୍ପୋର୍ଟ୍ସ କୋଡ୍ ମୁତାବକ, ସ୍ୱଚ୍ଛ, ନିରପେକ୍ଷ ଓ ପାରଦର୍ଶିତା ଅବଲମ୍ବନ କରାଯାଉଥିବା ଡବ୍ଲ୍ୟୁଏଫ୍ଆଇକୁ ନିଶ୍ଚିତ କରିବାକୁ ପଡ଼ିବ।

ଏଭଳି ନିଷ୍ପତ୍ତି ନେବା ଲାଗି ମୁଁ ସରକାରଙ୍କୁ ଧନ୍ୟବାଦ ଦେଉଛି। ଏହା ଆମକୁ ଉଚିତ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦେବ। ଦେଶରେ କୁସ୍ତିର ମଙ୍ଗଳ ପାଇଁ ଏହାର ଆବଶ୍ୟକତା ଥିଲା। ଆଥ୍ଲେଟଙ୍କୁ ଆବଶ୍ୟକ ପରିମାଣର ପ୍ରତିଯୋଗିତାରେ ଖେଳିବାକୁ ସୁଯୋଗ ମିଳୁ ନ ଥିଲା। ଆମେ ଏକ ନୂଆ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରି ସାରିଛୁ। ଖୁବ୍ ଶୀଘ୍ର ଆମେ କାର୍ଯ୍ୟକାରୀ ପରିଷଦ ବୈଠକ ଡକାଇବୁ ଏବଂ ସିଲେକ୍ସନ ଟ୍ରାଏଲ୍ସ ଲାଗି ସର୍କୁଲାର ଜାରି କରିବୁ। ସରକାରଙ୍କ ନିର୍ଦ୍ଦେଶ ପାଳନ କରିବାରେ ଆମର କୌଣସି ଅସୁବିଧା ନାହିଁ ବୋଲି ସଭାପତି ସଞ୍ଜୟ ସିଂ କହିଛନ୍ତି।

### 'ରେସ୍ଲିଂ ସହ ଜଡ଼ିତ ବ୍ୟକ୍ତିଙ୍କ ଲାଗି ଏକ ଉପହାର'

**ଗୋଣ୍ଡା(ଉତ୍ତରପ୍ରଦେଶ), ୧୧ା୩(ପି.ଟି.)**

ଡବ୍ଲ୍ୟୁଏଫ୍ଆଇ ଉପରୁ କ୍ରୀଡ଼ା ମନ୍ତ୍ରଣାଳୟ ବାସନ୍ଦାଦେଶ ହଟାଇବାକୁ ନେଇଥିବା ନିଷ୍ପତ୍ତିକୁ ପୂର୍ବତନ ସଭାପତି ବ୍ରିଜ ଭୂଷଣ ଶରନ ସିଂ ମଙ୍ଗଳବାର ପ୍ରଶଂସା କରିବା ସହ ନ୍ୟାୟ ହୋଇଛି ଏବଂ ଷଡ଼ଯନ୍ତ୍ରକାରୀ ସଫଳ ହୋଇପାରିଲେ ନାହିଁ ବୋଲି କହିଛନ୍ତି। ନିର୍ବାଚନର ୩ ଦିନ ପରେ ତ୍ରୁଟିପୂର୍ଣ୍ଣ ପରିଚାଳନା ଲାଗି ବାସନ୍ଦ ହୋଇଥିବା ଡବ୍ଲ୍ୟୁଏଫ୍ଆଇକୁ କ୍ରୀଡ଼ା ମନ୍ତ୍ରଣାଳୟ ତା'ର ଜାତୀୟ କ୍ରୀଡ଼ା ମହାସଂଘ ମାନ୍ୟତା ଫେରାଇ ଦେଇଛି। ଭିନେଶ ଫୋଗଟ, ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକଙ୍କ ଭଳି ଦେଶର ଟପ୍ କୁସ୍ତିଯୋଦ୍ଧାମାନେ ବ୍ରିଜ ଭୂଷଣ ଶରନଙ୍କ ବିରୋଧରେ ଜୁନିୟର ରେସ୍ଲରଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ କରିଥିଲେ। ଏଥିଲାଗି ୨୦୨୩ ଜାନୁଆରୀରେ ଜନ୍ତର ମନ୍ତରରେ ଧାରଣା ଦେଇ ବ୍ରିଜ ଭୂଷଣଙ୍କ ଗିରଫଦାରି ଓ ଡବ୍ଲ୍ୟୁଏଫ୍ଆଇରେ ଆମୂଳଚୂଳ ପରିବର୍ତ୍ତନ ଦାବି କରିଥିଲେ। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ଥିବାବେଳେ ବ୍ରିଜ ଭୂଷଣଙ୍କ ଘନିଷ୍ଠ ସଞ୍ଜୟ ସିଂ ସେହି ବର୍ଷ ନିର୍ବାଚନ ଜିତିଥିଲେ। ଆଇଓଏ ଦ୍ୱାରା ଗଠିତ ଆଡ୍-ହକ ପ୍ୟାନେଲ କିଛି ମାସ ପର୍ଯ୍ୟନ୍ତ ଡବ୍ଲ୍ୟୁଏଫ୍ଆଇର କାର୍ଯ୍ୟଭାର ତୁଲାଇଥିଲେ।

୨୬ ମାସ ଧରି ଅନେକ ଷଡ଼ଯନ୍ତ୍ର କରାଯାଇଥିଲା, ଅନେକ ମିଛ ଅଭିଯୋଗ ଅଣାଯାଇଥିଲା ଓ ଭାରତୀୟ କୁସ୍ତିକୁ ଭାଗ ଭାଗ କରିବାକୁ ଉଦ୍ୟମ କରାଯାଇଥିଲା। କିନ୍ତୁ ଷଡ଼ଯନ୍ତ୍ରକାରୀ ସେମାନଙ୍କ ଲକ୍ଷ୍ୟ ହାସଲ କରିବାରେ ସଫଳ ହେଲେ ନାହିଁ। ଏହି ବିବାଦ ଯୋଗୁ ଭାରତୀୟ ଦଳ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇପାରିଲା ନାହିଁ। ସେମାନଙ୍କ ଟ୍ରେନିଂ କ୍ୟାମ୍ପ୍ ଓ ଖେଳ ବାଧାପ୍ରାପ୍ତ ହୋଇଥିଲା। ହୋଲି ପୂର୍ବରୁ ରେସ୍ଲିଂ ସହ ଜଡ଼ିତ ସଭିଙ୍କ ଲାଗି ଏହା ଏକ ଉପହାର। ଏଭଳି ପରିସ୍ଥିତି ଖେଳରେ ଦେଖାଦିଏ। କିନ୍ତୁ ବର୍ତ୍ତମାନ ନ୍ୟାୟ ହୋଇଛି ବୋଲି ପୂର୍ବତନ ଭାଜପା ଏମ୍ପି କହିଛନ୍ତି।

## ସରିତାଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ



**ଭୁବନେଶ୍ୱର, ୧୧ା୩(ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ୭ମ ଜାତୀୟ ମାଷ୍ଟର୍ସ ଗେମ୍ସରେ ଓଡ଼ିଶାର ସରିତା ମିଶ୍ର ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୧୫୦୦ ମିଟରରେ ସ୍ୱର୍ଣ୍ଣ ଓ ୫୦୦୦ ମିଟରରେ ରୌପ୍ୟ ଜିତିଛନ୍ତି। ଭୁବନେଶ୍ୱର ଗୌତମ ନଗର ନିବାସୀ ସରିତା ଏହା ପୂର୍ବରୁ ଓଡ଼ିଶା ମହିଳା ଫୁଟ୍ବଲ ଦଳର ସଦସ୍ୟା ଥିଲେ। ଫୁଟ୍ବଲ ସହ ଆଥ୍ଲେଟିକ୍ସରେ ମଧ୍ୟ ସେ ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି।

**ଆଇଏସ୍ଏଲ୍-୨୦୨୫**

## ଓଡ଼ିଶା ଏଫ୍ସିର ଅଭିଯାନ ଶେଷ

**ଭୁବନେଶ୍ୱର, ୧୧ା୩(ତପନ ସ୍ୱାଇଁ)**

ବେଙ୍ଗାଲୁରୁଠାରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍(ଆଇଏସ୍ଏଲ୍) ମ୍ୟାଚ୍‌ରେ ମୁମ୍ବାଇ ସିଟି ଏଫ୍ସି ୨-୦ ଗୋଲରେ ବେଙ୍ଗାଲୁରୁ ଏଫ୍ସିକୁ ପରାସ୍ତ କରିଛି। ଏଲ୍. ଚାଙ୍ଗ୍ଟେ ୮ମ ଓ ଏନ୍. କାରେଲିସ ୩୭ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ୬ଷ୍ଠ ତଥା ଅନ୍ତିମ ଦଳ ଭାବେ ମୁମ୍ବାଇ ସିଟି ଏଫ୍ସି ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ଚଳିତ ସଂସ୍କରଣରେ ଓଡ଼ିଶା ଏଫ୍ସିର ଅଭିଯାନ ଲିଗ୍ ପର୍ଯ୍ୟାୟରୁ ଶେଷ ହୋଇଯାଇଛି। ଏହି ମ୍ୟାଚ୍ ପୂର୍ବରୁ ଓଡ଼ିଶା ଏଫ୍ସି ଓ ମୁମ୍ବାଇ ସିଟି ଏଫ୍ସି ସମାନ ୩୩ ପଏଣ୍ଟ ଲେଖାଏ ପାଇଥିଲେ। ମୁମ୍ବାଇ ନିଜର ଶେଷ ମ୍ୟାଚ୍‌ରେ ପରାଜିତ ହୋଇଥିଲେ ଓଡ଼ିଶା ଏଫ୍ସି ଥ୍ରୁ କରିଥାନ୍ତା। ମାତ୍ର ବିଜୟୀ ହୋଇ ମୁମ୍ବାଇ ସିଟି ଏଫ୍ସି ୩୬ ପଏଣ୍ଟ ସହିତ ପ୍ଲେ-ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଓଡ଼ିଶା ଏଫ୍ସି ୨୪ ମ୍ୟାଚ୍ ଖେଳି ୮ ବିଜୟ, ୯ ଡ୍ର ଓ ୭ ପରାଜୟ ସହ ୩୩ ପଏଣ୍ଟ ପାଇ ୭ମ ସ୍ଥାନରେ ସନ୍ତୁଷ୍ଟ ରହିଛି। ଅନ୍ୟପକ୍ଷରେ ମୁମ୍ବାଇ ସିଟି ଏଫ୍ସି ୨୪ ମ୍ୟାଚ୍‌ରୁ ୯ ବିଜୟ, ୯ ଡ୍ର ଓ ୬ ପରାଜୟ ସହ ୩୬ ପଏଣ୍ଟରେ ପହଞ୍ଚିଛି। ମୋହନବାଗାନ ସୁପର ଜାଏଣ୍ଟ(୫୬ ପଏଣ୍ଟ), ଏଫ୍ସି ଗୋଆ(୪୮), ନର୍ଥ ଇଷ୍ଟ ୟୁନାଇଟେଡ୍(୩୮), ବେଙ୍ଗାଲୁରୁ ଏଫ୍ସି(୩୮) ଓ ଜାମ୍ସେଦପୁର ଏଫ୍ସି(୩୮) ପୂର୍ବରୁ ପ୍ଲେ-ଅଫ୍ ଯୋଗ୍ୟତା ପାଇସାରିଛନ୍ତି। ପ୍ରକାଶଯୋଗ୍ୟ, ପ୍ରତିଯୋଗିତାର ଗତ ସଂସ୍କରଣରେ ଓଡ଼ିଶା ଏଫ୍ସି ୪ର୍ଥ ସ୍ଥାନରେ ରହି ପ୍ଲେ-ଅଫ୍ ଯୋଗ୍ୟତା ସହ ସେମିଫାଇନାଲ ଖେଳିଥିଲା।

# କିଟ୍ ମହିଳା କ୍ରିକେଟ ଦଳକୁ ସର୍ବଭାରତୀୟ ଯୋଗ୍ୟତା



କିଟ୍ ମହିଳା କ୍ରିକେଟ ଦଳ।

**ଭୁବନେଶ୍ୱର, ୧୧ା୩ (ତପନ ସ୍ୱାଇଁ)**

ଇଷ୍ଟ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟରେ ପ୍ରଭାବୀ ପ୍ରଦର୍ଶନ କରି କିଟ୍ ମହିଳା ଦଳ ସର୍ବଭାରତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ ସହଯୋଗରେ ପୂର୍ବାଞ୍ଚଳ ପ୍ରତିଯୋଗିତା କିଟ୍ ପରିସରରେ ଅନୁଷ୍ଠିତ ହେଉଛି। ମଙ୍ଗଳବାର ତୃତୀୟ ଦିବସରେ କିଟ୍ ମହିଳା ଦଳ ୬୮ ରନରେ ଅଟଳ ବିହାରୀ ବାଜପାୟୀ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି।

## କୁଶ ମାଇନି ରିଜର୍ଭ ଡ୍ରାଇଭର

**ଲଣ୍ଡନ, ୧୧ା୩(ପି.ଟି.)**

ମାର୍ଚ୍ଚ ୧୬ରେ ମେଲବୋର୍ନରେ ସିଜନ ଓପନ୍‌ର ପୂର୍ବରୁ ଭାରତର କୁଶ ମାଇନି ଅଲ୍ପାଇନ୍ ଫର୍ମୁଲା-୧ ଟିମ୍‌ର ରିଜର୍ଭ ଡ୍ରାଇଭରକୁ ପଦୋନ୍ନତି ପାଇଛନ୍ତି। ମାଇନି ଫର୍ମୁଲା-୧ର ଏକ ଫିଡର ସିରିଜ ଫର୍ମୁଲା-୨ର ବିଭିନ୍ନ ରେସ୍‌ରେ ଭାଗ ନେଇସାରିଛନ୍ତି। ବେଙ୍ଗାଲୁରୁର ଏହି ୨୪ ବର୍ଷୀୟ ୨୦୨୩ ଅକ୍ଟୋବରରେ ଅଲ୍ପାଇନର ଜୁନିୟର ଡ୍ରାଇଭର ପ୍ରୋଗ୍ରାମରେ ସାମିଲ ହୋଇ ଫ୍ରାନ୍କୋ କୋଲାପିଣ୍ଟୋ, ପଲ୍ ଆରନ ଓ ରିଓ ହିରାକାୱାଙ୍କ ସହ ଯୋଗ ଦେଇଛନ୍ତି। ଦୀର୍ଘ ୭୫ ବର୍ଷର ଫର୍ମୁଲା-୧ ଇତିହାସରେ ଟିମ୍‌ଗୁଡ଼ିକ ଜଣେ ଲେଖାଏଁ ରିଜର୍ଭ ଡ୍ରାଇଭର ରଖିଆସୁଥିଲେ। ବର୍ତ୍ତମାନ ଏହି ବିଚାରଧାରା ବଦଳିଛି। ଏବେ ଟିମ୍‌ଗୁଡ଼ିକ ଏକାଧିକ ରିଜର୍ଭ ଡ୍ରାଇଭର ରଖୁଛନ୍ତି। ନାରାୟଣ କାର୍ତ୍ତିକେୟନ ଓ କରୁଣ ଚାଣ୍ଡୋକ୍‌ଙ୍କ ପରେ ମାଇନି ତୃତୀୟ ଭାରତୀୟ ଭାବେ ଫର୍ମୁଲା ୱାନ୍‌ରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଭାରତୀୟ ରେସର ତାଙ୍କର ତୃତୀୟ ଫର୍ମୁଲା-୧ ସିଜନରେ ଡାମ୍ସ ତରଫରୁ ପ୍ରତିନିଧିତ୍ୱ କରିବେ।



ନୂଆଦିଲ୍ଲୀରେ ମଙ୍ଗଳବାର ଆରମ୍ଭ ହୋଇଥିବା ବିଶ୍ୱ ପାରା ଆଥ୍ଲେଟିକ୍ସ ଗ୍ରାଁ ପ୍ରିରେ ଭାରତର ସାଗର ଏଫ୍୧୧ ବର୍ଗରେ ଡିସ୍କସ୍ ଥ୍ରୋ କରୁଛନ୍ତି।

# ଗ୍ରୁପ୍ 'ବି'ରେ ଭାରତ

**୧୯ ବର୍ଷରୁ କମ୍ ସାଫ୍ ଫୁଟ୍ବଲ**

**ନୂଆଦିଲ୍ଲୀ, ୧୧ା୩(ପି.ଟି.)**

କାଠମାଣ୍ଡୁଠାରେ ମଙ୍ଗଳବାର ୧୯ ବର୍ଷରୁ କମ୍ ସାଫ୍ ଫୁଟ୍ବଲ ଚାମ୍ପିୟନଶିପ୍ ପାଇଁ ଡ୍ର' ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ଗ୍ରୁପ୍ 'ବି'ରେ ନେପାଳ ଓ ଶ୍ରୀଲଙ୍କା ସହ ସ୍ଥାନ ପାଇଛି। ମାଲଡିଭ୍ସ, ଭୁଟାନ ଓ ବାଂଲାଦେଶ ଗ୍ରୁପ୍ 'ଏ'ରେ ରହିଛନ୍ତି। ୨୦୨୪ ଡିସେମ୍ବରରେ ଫିଫା ର୍ୟାଙ୍କିଙ୍ଗ୍ ଅନୁସାରେ ଦଳଗୁଡ଼ିକୁ ସିଡେଡ୍ କରାଯାଇଛି। ଅରୁଣାଚଳ ପ୍ରଦେଶର ୟୁପିଆସ୍ଥିତ ଗୋଲ୍ଡେନ ଜୁବିଲି ଷ୍ଟାଡିୟମରେ ଏହି ପ୍ରତିଯୋଗିତା ମେ' ୯ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଭେନ୍ୟୁରେ ଗତବର୍ଷ ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା।

ଭାଗ ନେଉଥିବା ୬ ଦଳ ମଧ୍ୟରୁ ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ମେ' ୧୬ରେ ସେମିଫାଇନାଲ ଓ ୧୮ରେ ଫାଇନାଲ ଅନୁଷ୍ଠିତ ହେବ। ଭାରତ ଏହି ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିୟନଭାବେ ଖେଳିବ। ୨୦୨୩ରେ କାଠମାଣ୍ଡୁରେ ଅନୁଷ୍ଠିତ ଗତ ସଂସ୍କରଣର ଫାଇନାଲରେ ପାକିସ୍ତାନକୁ ୩-୦ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା। କାର୍ଯ୍ୟସୂଚୀ ଅନୁସାରେ, ଭାରତ ୯ ତାରିଖରେ ଶ୍ରୀଲଙ୍କା ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ପରେ ୧୩ରେ ନେପାଳକୁ ଭେଟିବ।

୨୦୨୪ରେ ପ୍ରତିଯୋଗିତା ୨୦ ବର୍ଷରୁ କମ୍ ବର୍ଗରେ ଖେଳାଯାଇଥିଲା। ସେଥିରେ ଭାରତ ସେମିଫାଇନାଲରେ ବାଂଲାଦେଶ ନିକଟରୁ ହାରିଯାଇଥିଲା। ପ୍ରକାଶଯୋଗ୍ୟ, ଏହାକୁ ମିଶାଇ ଭାରତ ୪ର୍ଥ ଥର ପାଇଁ ଏକ ଏଜ୍ ଗ୍ରୁପ୍ ସାଫ୍ ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି। ପୂର୍ବରୁ ୨୦୧୯ରେ କଲ୍ୟାଣୀରେ ୧୫ ବର୍ଷରୁ କମ୍ ପୁରୁଷ, ୨୦୨୨ରେ ଜାମ୍ସେଦ୍‌ପୁରରେ ୧୮ ବର୍ଷରୁ କମ୍ ମହିଳା ଓ ସେହିବର୍ଷ ଭୁବନେଶ୍ୱରରେ ୨୦ ବର୍ଷରୁ କମ୍ ପୁରୁଷ ସାଫ୍ ପ୍ରତିଯୋଗିତା ହୋଇଥିଲା।

# ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇଲା ଆର୍‌ସିବି

**ଡବ୍ଲ୍ୟୁପିଏଲ୍**

**ମୁମ୍ବାଇ,୧୧ା୩:** ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚଳିତ ସଂସ୍କରଣରେ ଗତଥରର ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ତେବେ ମଙ୍ଗଳବାର ଲିଗ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଦଳ ୧୧ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହି ପରାଜୟ ଦ୍ୱାରା ମୁମ୍ବାଇ ସିଧାସଳଖ ଫାଇନାଲକୁ ଉନ୍ନୀତ ହେବାରୁ ବଞ୍ଚିତ ହୋଇଛି। କିନ୍ତୁ ଏଥିରୁ ଟେବୁଲ ଟପ୍ପର ଦିଲ୍ଲୀ କ୍ୟାପିଟାଲ୍ସକୁ ଫାଇଦା ମିଳିଛି। ଦଳ ପ୍ରତିଯୋଗିତାର ଫାଇନାଲ ଖେଳିବା ଲାଗି ସିଧାସଳଖ ଯୋଗ୍ୟତା ହାସଲ କରିପାରିଛି। ଫାଇନାଲ ମ୍ୟାଚ୍ ମାର୍ଚ୍ଚ ୧୫ରେ ଖେଳାଯିବ। ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ମାର୍ଚ୍ଚ ୧୩ରେ ଏଲିମିନେଟରରେ ଗୁଜରାଟ ଜାଏଣ୍ଟ୍ସକୁ ଭେଟିବ। ଏଥରକୁ ମିଶାଇ ଦିଲ୍ଲୀ କ୍ୟାପିଟାଲ୍ସ କ୍ରମାଗତ ତୃତୀୟ ଥର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବିର ସ୍ମୃତି ମନ୍ଧାନା ୩୭ ବଲ୍‌ରୁ ୫୩ ରନ୍ ଏବଂ ଏଲି ପେରୀ (୩୮ ବଲ୍‌ରୁ ୪୯*), ରିଚା ଘୋଷ (୨୨ବଲ୍‌ରୁ ୩୬) ଏବଂ ଜର୍ଜିଆ ୱେର୍‌ହାମ୍ (୧୦ବଲ୍‌ରୁ ୩୧) ରନ୍ ସହାୟତାରେ ୩ ଉଇକେଟ ବିନିମୟରେ ୧୯୯ ରନ୍ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୯ ଉଇକେଟ ବିନିମୟରେ ୧୮୮ ରନ୍ କରିଥିଲା। ଉଭୟ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ୫ ବିଜୟ ସହ ସେମାନଙ୍କ ଲିଗ୍ ପର୍ଯ୍ୟାୟ ଶେଷ କରିଥିଲେ। କିନ୍ତୁ ଦିଲ୍ଲୀ କ୍ୟାପିଟାଲ୍ସ ଉନ୍ନତ ରନ୍ ରେଟ୍ ଭିତ୍ତିରେ ଟେବୁଲ ଟପ୍ପର ହୋଇଛି।

### ସଂକ୍ଷିପ୍ତ ସ୍କୋର

**ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ:** ୨୦ ଓଭରରେ ୧୯୯/୩ (ସ୍ମୃତି ମନ୍ଧାନା-୫୩, ଏଲିସ୍ ପେରୀ-୪୯*, ରିଚା ଘୋଷ-୩୬, ହେଲି ମାଥ୍ୟୁସ-୨/୪୭)। **ମୁମ୍ବାଇ ଇଣ୍ଡିଆନ୍ସ:** ୨୦ ଓଭରରେ ୧୮୮/୯ (ନାଟ୍ ସ୍କିଭର ବ୍ରଣ୍ଟ-୬୯, ସାଜିବାନ ସଜନା-୨୩, ସ୍ନେହ ରାଣା-୩/୨୬, କିମ୍ ଗ୍ୟାରେଥ-୨/୩୩, ଏଲିସ୍ ପେରୀ-୨/୫୩)।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ